R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ

ସଂଖ୍ୟା : ୨୮

ତିଥି : ଷଷ୍ଠୀ

୩୧ ଅକ୍ଟୋବର ୨୦୨୬, ଶନିବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ୮.୫.୦୦

ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

31 October 2026, Saturday

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

Ministry of Home Affairs
Government of India
सत्यमेव जयते

ଲୌହ ମାନବ ସର୍ଦ୍ଦାର ପଟେଲଙ୍କ
ସଂକଳ୍ପ ଆମ ପାଇଁ ପ୍ରେରଣା।
ଦେଶକୁ ଏକଜୁଟ ରଖିଥିବା
ବୀର ଯବାନମାନଙ୍କୁ ସଲାମ୍



ଶ୍ରୀ ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

ରାଷ୍ଟ୍ରୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬

ଗୁଜରାଟର 'ଏକତା ନଗର'କୁ ଆସନ୍ତୁ

ଭାରତକୁ ନକ୍ସଲମୁକ୍ତ କରିଥିବା କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ଏବଂ ରାଜ୍ୟ ପୋଲିସ ବଳର ବୀରତ୍ୱ, ସାହସ ଓ ସର୍ବୋଚ୍ଚ ବଳିଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏହି ବିଶାଳ ପରେଡରେ ସାମିଲ ହୁଅନ୍ତୁ ।

ପରେଡର ମୁଖ୍ୟ ଆକର୍ଷଣ

- ନକ୍ସଲ ବିରୋଧୀ ଅଭିଯାନରେ ନିୟୋଜିତ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ଏବଂ ରାଜ୍ୟ ପୋଲିସ ବଳଙ୍କ ପରେଡ
- ନକ୍ସଲ ବିରୋଧୀ କାର୍ଯ୍ୟରେ ନିୟୋଜିତ ସ୍ୱତନ୍ତ୍ର କୁକୁର ଦଳ (Canine Squad)ଙ୍କ ପ୍ରଦର୍ଶନ
- ଲୋକଙ୍କ ଦ୍ୱାରା ପ୍ରସ୍ତୁତ ଧାରଣା ଉପରେ ଆଧାରିତ ଆକର୍ଷଣୀୟ ଝାଙ୍କି (Tableaux)
- 'ନକ୍ସଲମୁକ୍ତ ଭାରତ' ବିଷୟବସ୍ତୁ ଉପରେ ଆଦିବାସୀ କଳାକାରଙ୍କ ଦ୍ୱାରା ନାଟ୍ୟ ପ୍ରଦର୍ଶନ
- ୫,୦୦୦ କଳାକାରଙ୍କ ଦ୍ୱାରା ଉପସ୍ଥାପିତ ସାଂସ୍କୃତିକ କାର୍ଯ୍ୟକ୍ରମ
- ଛାତ୍ରଛାତ୍ରୀଙ୍କ ଦ୍ୱାରା ବ୍ୟାଣ୍ଡ ପ୍ରଦର୍ଶନ
- ନିଶା ବିରୋଧୀ ଲଢ଼େଇର ବାର୍ତ୍ତା ପ୍ରଚାର କରୁଥିବା ଏକ ଜାତୀୟ ମୋଟରସାଇକେଲ୍ ରାଲି
- ଭବ୍ୟ ଆତସବାଜି ପ୍ରଦର୍ଶନ

ସକାଳ ୯:୦୦ଟାରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତି ପୁଷ୍ପାଞ୍ଜଳି ଅର୍ପଣ ଏବଂ ସନ୍ଧ୍ୟା ୫:୩୦ଟାରୁ 'ଡିଡି ନ୍ୟୁଜ୍' (DD News) ରେ ପରେଡର ସିଧାପ୍ରସାରଣ

Rashtriya Ekta Diwas
31st OCTOBER, 2026
Statue of Unity, Ekta Nagar, Gujarat

ଅଧିକ ସୂଚନା ପାଇଁ ଏବଂ ରହିବା ବ୍ୟବସ୍ଥା (Accommodation) ବୁକ୍ କରିବା ପାଇଁ ସ୍କାନ୍ କରନ୍ତୁ କିମ୍ବା ଭିଜିଟ୍ କରନ୍ତୁ
rashtriyaektadiwas.com

CBC 19101/13/0029/2627

ଜନ୍ମଦିନ
ସର୍ଦ୍ଦାର ବଲ୍ଲଭଭାଇ ପଟେଲ



ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜନ୍ମଦିନ ଅକ୍ଟୋବର ୩୧ରେ ପାଳନ ହୋଇଥାଏ । ଏହି ଦିବସଟିକୁ ସାରା ଦେଶରେ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ଅତ୍ୟନ୍ତ ଶ୍ରଦ୍ଧା, ଉତ୍ସାହ ଓ ଗୌରବର ସହ ପାଳନ କରାଯାଇଥାଏ । ପରାଧୀନ ଭାରତକୁ ମୁକ୍ତ କରିବା ପାଇଁ ସେ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ପ୍ରସିଦ୍ଧ 'ବାରଦୋଲି ସତ୍ୟାଗ୍ରହ'ର ସଫଳ ନେତୃତ୍ୱ ନେଇ ବ୍ରିଟିଶ ସରକାରଙ୍କ ଶୋଷଣ ବିରୋଧରେ ଚାଷୀମାନଙ୍କୁ ସଂଗଠିତ କରି ସେମାନଙ୍କର ଅଧିକାର ସାବ୍ୟସ୍ତ କରିଥିଲେ। ଯେଉଁଥିପାଇଁ ତାଙ୍କୁ 'ସର୍ଦ୍ଦାର' ଉପାଧିରେ ଭୂଷିତ କରାଯାଇଥିଲା। ଦେଶକୁ ଅଖଣ୍ଡ ରଖିବାରେ ତାଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା । କେବଳ ସେତିକି ନୁହେଁ, ଦେଶର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସର୍ବଭାରତୀୟ ସେବାର ଭିତ୍ତିପ୍ରସ୍ତର ସ୍ଥାପନ କରି ସେ ଆଜିର ପ୍ରଶାସନିକ ଢାଞ୍ଚାର ପୁରୋଧା ସାଜିଥିଲେ । କଠୋର ପରିଶ୍ରମ, ଆତ୍ମବଳୀ ଓ ଦେଶପ୍ରେମର ପ୍ରତୀକ ଭାବେ ପରିଚିତ ଏହି ମହାନ ଜାତୀୟ ନେତାଙ୍କ ଜୀବନୀ ଓ ଆଦର୍ଶ ଆଜି ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଦେଶଭକ୍ତିର ଶିଖା ପ୍ରଜ୍ୱଳିତ କରୁଛି ଏବଂ ଏକତା ଓ ଅଖଣ୍ଡତା ରକ୍ଷା କରିବା ପାଇଁ ସମଗ୍ର ଜାତିକୁ ତାଙ୍କର ଆଦର୍ଶ ଚିରକାଳ ପ୍ରେରଣା ଯୋଗାଇବ । ଭାରତ ସରକାରଙ୍କ ପକ୍ଷରୁ ସର୍ଦ୍ଦାର ପଟେଲଙ୍କ ସମ୍ମାନରେ ପୃଥିବୀର ସବୁଠାରୁ ଉଚ୍ଚ ପ୍ରତିମା 'ଷ୍ଟାଚୁ୍ୟ ଅଫ୍ ୟୁନିଟି' (୧୮୨ ମିଟର ଉଚ୍ଚ) ପ୍ରତିମୂର୍ତ୍ତି ଗୁଜୁରାଟ ରାଜ୍ୟର ନର୍ମଦା ଜିଲ୍ଲାରେ ସର୍ଦ୍ଦାର ସରୋବର ଡ୍ୟାମ୍ ସନ୍ନିକଟ ସାଧୁବେଟ୍ ନାମକ ଏକ ଦ୍ୱୀପରେ ନିର୍ମାଣ କରାଯାଇଛି ।

ଇତିହାସ

୧୮୮୯- ପ୍ରସିଦ୍ଧ ଭାରତୀୟ ବିଦ୍ୱାନ, ସମାଜବାଦୀ ନେତା, ବିଚାରକ, ଶିକ୍ଷାବିତ୍ ନରେନ୍ଦ୍ର ଦେବଙ୍କ ଜନ୍ମ ।
୧୯୦୫- ଆମେରିକାରେ ସେଣ୍ଟ୍ ପିଟର୍ସବର୍ଗରେ କ୍ରାନ୍ତିକାରୀ ପ୍ରଦର୍ଶନ ।
୧୯୧୪- ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା ବ୍ରିଟେନ୍ ।
୧୯୪୩- ଭାରତୀୟ ବୈଜ୍ଞାନିକ ଏବଂ ଇସ୍ରୋର ପୂର୍ବତନ ଅଧକ୍ଷ ଜି. ମାଧବନ ନାୟରଙ୍କ ଜନ୍ମ ।
୧୯୫୩- ବେଲଜିଅମ୍‌ରେ ଟେଲିଭିଜନ୍‌ର ପ୍ରସାରଣ ଆରମ୍ଭ ।
୧୯୬୦- ବେଙ୍ଗଲରେ ବାତ୍ୟା କାରଣରୁ ପ୍ରାୟ ୧୦ ହଜାର ଲୋକଙ୍କ ମୃତ୍ୟୁ ।
୧୯୮୪- ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷକ ଦ୍ୱାରା ଗୁଳି କରି ହତ୍ୟା । ଇନ୍ଦିରାଙ୍କ ପରେ ରାଜୀବ ଗାନ୍ଧୀ ଭାରତର ନବମ ପ୍ରଧାନମନ୍ତ୍ରୀ ହେଲେ ।

ସୋସିଆଲ କୋଟ୍ସ




ବମ୍ବେ ଭେଲଭେଟ ଫିଲ୍ମ ପାଇଁ ପ୍ରଥମରୁ ବଜେଟ ୨୮ କୋଟି ଥିଲା ଯାହା ବଢି ପରେ ୯୦ କୋଟିରେ ପହଞ୍ଚିଥିଲା । ଏହା ଫିଲ୍ମକୁ ଖୁବ ସହାୟତ କରିଥିଲା ।
ଅନୁରାଗ କଶ୍ୟପ, ଫିଲ୍ମମେକର



ବିଗ୍ ବସରେ ଦୁଇଟି ଭଏସର ବ୍ୟବହାର ରହିଛି । ସେଥିରୁ ପ୍ରତିଯୋଗୀଙ୍କ ସହିତ ଯେଉଁ ଭଏସଟି କଥା ହୋଇଥାଏ ତାହା ମୋର ନୁହେଁ ।
ବିଜୟ ବିକ୍ରମ ସିଂ, ଭଏସ୍ ଆର୍ଟିଷ୍ଟ



ମୁଁ ଯାହାକୁ ଥରେ ଭଲପାଏ ଜୀବନସାରା ତା ପାଖରେ ଠିଆ ହୁଏ । କୌଣସି ଲୋକର ଖରାପ ଚାହିଁବା ମୋର ଅଭ୍ୟାସ ନୁହେଁ । ମୁଁ ସବୁବେଳେ ସେମାନଙ୍କ ସହିତ ସବୁ ପରିସ୍ଥିତିରେ ରହିଥାଏ ।
ନେହାଲ, ଅଭିନେତ୍ରୀ



ଋଷର ସାବେରିଆ ଅଞ୍ଚଳରେ ରହୁଥିବା ୪୨ ବର୍ଷୀୟ ମାକ୍ସିମ୍ ସ୍ନେପ୍‌ସୋଭ୍ ନାମକ ଜଣେ ବ୍ୟକ୍ତିଙ୍କ ଆଖି ଭିତରେ ଏକ ଗଛର ମଞ୍ଜି ଗଜା ହେବା ଭଳି ଏକ ଅସାଧାରଣ ଓ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁସାରେ ସେ ମାଛ ଧରିବାକୁ ଯାଇଥିବା ସମୟରେ ତାଙ୍କର ଆଖିରେ ଏକ ଗଛର ଡାଳ ମାଡ ହୋଇଥିଲା । ଦୁର୍ଘଟଣା ପରେ ଆଖିରେ କ୍ଷଣସ୍ଥାୟୀ ଯନ୍ତ୍ରଣା ଓ କାଠ ଖଣ୍ଡେ ବାହାରିଥିଲା । ହେଲେ ଅଜାଣତରେ ଆଖି ଭିତରେ ରହିଯାଇଥିବା ମଞ୍ଜିଟି ସମୟକ୍ରମେ ବଢ଼ିବାକୁ ଲାଗିଥିଲା, ଯାହା ତିନି ମାସ ପରେ ଗଜା ଆକାରରେ ବାହାରିଛି । ତେବେ ତାଙ୍କର ପ୍ରତିଦିନ ସକାଳେ ପ୍ରବଳ ମୁଣ୍ଡବନ୍ଧା ଓ ଦୃଷ୍ଟିଶକ୍ତି କମିବା ସମସ୍ୟା ଦେଖାଦେଇଥିଲା । ଏହାପରେ ସେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ପରୀକ୍ଷା ପରେ ଡାକ୍ତରମାନେ ଜାଣିବାକୁ ପାଇଥିଲେ ଯେ ପ୍ରାୟ ୩ ମିଲିମିଟର ଲମ୍ବ ଏକ ଚେର ସହିତ ଗୋଟିଏ ଅଙ୍କୁରିତ ମଞ୍ଜି ତାଙ୍କ ଆଖିର ଧଳା ଅଂଶକୁ ଘୋଡ଼ାଇ ରଖିଛି । ତେବେ ଏହାକୁ ଡାକ୍ତର ଲୋକାଲ ଆନାସ୍ଥେସିଆ ପ୍ରୟୋଗ କରି ଏକ ଛୁଞ୍ଚି ସାହାଯ୍ୟରେ ସଫଳତାର ସହ ବାହାର କରିଥିଲେ। ଯାହାପରେ ବର୍ତ୍ତମାନ ବ୍ୟକ୍ତି ଜଣଙ୍କ ସୁସ୍ଥ ଅଛନ୍ତି । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।

ଆଖିରେ ଗଜା ହେଲା ମଞ୍ଜି

ବିଜ୍ଞାପନରୁ ବଡ଼ ପରଦା

ମୀ ଗୌତମ ଆଜି ବଲିଉଡର ଜଣେ ପରିଚିତ ଚେହେରା । ହେଲେ ତାଙ୍କ କ୍ୟାରିୟରରେ ସେ ଅନେକ ଉତ୍ଥାନ-ପତନ ଦେଖିଛନ୍ତି । ଟିଭି ପରଦାରୁ ନିଜ କ୍ୟାରିୟର ଆରମ୍ଭ କରି ସେ ଆଜି ବଲିଉଡର ଷ୍ଟାର ପାଲଟିଛନ୍ତି । ତେବେ ବଲିଉଡରେ ପ୍ରବେଶ କରିବା ପୂର୍ବରୁ ତାଙ୍କର ଫେୟାର ଆଣ୍ଡ ଲଭଲି ବିଜ୍ଞାପନ ସହିତ 'ଚାନ୍ଦ କେ ପାର୍ ଚଲୋ' ଓ 'ୟେ ପ୍ୟାର୍ ନା ହୋଗା କମ୍' ଭଳି ଧାରାବାହିକ ମାଧ୍ୟମରେ ଟେଲିଭିଜନ ଜଗତରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ । ୨୦୧୨ ମସିହାରେ ସୁଜିତ୍ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ କମେଡି-ଡ୍ରାମା 'ଭିକି ଡୋନର୍' ଜରିଆରେ ବଲିଉଡରେ ଡେବ୍ୟୁକରି ବକ୍ସ ଅଫିସରେ ବ୍ୟାପକ ସଫଳତା ପାଇଥିଲେ । ଏହାପରେ ଅନେକ ହିଟ ଫିଲ୍ମରେ ଅଭିନୟ କରି ସେ ଦର୍ଶକଙ୍କ ମନକୁ କିଣିବାରେ ସଫଳ ହୋଇଛନ୍ତି । ତାଙ୍କ ଚମତ୍କାର ଓ ବଳିଷ୍ଠ ଅଭିନୟକୁ ଦର୍ଶକ ସବୁବେଳେ ଭଲ ପାଇବା ଦେଇଛନ୍ତି । ଟିଭି ବିଜ୍ଞାପନରୁ କ୍ୟାରିୟର ଆରମ୍ଭ କରି ମଧ୍ୟ ସେ ନିଜ ପ୍ରତିଭା ଓ ପରିଶ୍ରମ ବଳରେ ଆଜି ଜଣେ ସଫଳ ନାୟିକା ପାଲଟିଛନ୍ତି ।



ରୋବଟ କୁକୁରକୁ ବୁଲାଉଛି ମଣିଷ



ଯୁକ୍ତରାଷ୍ଟ୍ର ଆମେରିକାର ସାନଫ୍ରାନ୍ସିସ୍କୋ ସହରରେ 'ଡାଇମେନ୍‌ସନାଲ୍' ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ ସହରର ରାସ୍ତାରେ ଏକ ରୋବଟ୍ କୁକୁରକୁ ବୁଲାଇବା ପାଇଁ ଲୋକଙ୍କୁ ନିଯୁକ୍ତି ଦେଉଛି । ଏଥିପାଇଁ ଘଣ୍ଟା ପ୍ରତି ପ୍ରାୟ ୧,୭୦୦ ଟଙ୍କା ପର୍ଯ୍ୟନ୍ତ ଦରମା ପ୍ରଦାନ କରୁଛି । ଏହି କାମ ପାଇଁ ରୋବଟିକ୍ସରେ ପୂର୍ବ ଅଭିଜ୍ଞତାର କୌଣସି ଆବଶ୍ୟକତା ନାହିଁ ଏବଂ କମ୍ପାନୀ ପକ୍ଷରୁ ନୂତନ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଦରମାଯୁକ୍ତ ପ୍ରଶିକ୍ଷଣ ଦିଆଯାଉଛି । ଅପରେଟରମାନଙ୍କୁ ପ୍ରତିଥର ଚାରିରୁ ଛଅ ଘଣ୍ଟା ପର୍ଯ୍ୟନ୍ତ ରୋବଟ୍ ସହିତ ରାସ୍ତାରେ ଚାଲିବାକୁ ପଡ଼ିଥାଏ । ପ୍ରାୟ ୧୫ କିଗ୍ରା ଓଜନର ଏହି ରୋବଟ୍ କୁକୁରଟି ବାଟରେ ହଠାତ୍ ବନ୍ଦ ହୋଇଗଲେ କିମ୍ବା ଅଧିକ ଗରମ ହୋଇଗଲେ ଅପରେଟରଙ୍କୁ ଏହାକୁ ବୋହିକି ଫେରିବାକୁ ପଡ଼ିଥାଏ। ବର୍ତ୍ତମାନ ରୋବଟ୍‌ଗୁଡ଼ିକ ଏକାକୀ ରାସ୍ତାରେ ଚଳାଚଳ କରିବାରେ ସକ୍ଷମ ହୋଇନଥିବାରୁ, କମ୍ପାନୀର ପ୍ରତିଷ୍ଠାତା ଷ୍ଟାଶ୍ ପୋମିର୍‌ଟ୍‌ରଙ୍କ କହିବାନୁଯାୟୀ ମାନବ ଅପରେଟରମାନେ ସେମାନଙ୍କୁ ବାଟ ଦେଖାଇଥାନ୍ତି । ରୋବଟ୍‌ରେ ଥିବା କ୍ୟାମେରା ଓ ସେନ୍ସରଗୁଡ଼ିକ ପରିବେଶର ତଥ୍ୟ ସଂଗ୍ରହ କରି ଏହାକୁ ବାସ୍ତବ ଦୁନିଆରେ କାର୍ଯ୍ୟ କରିବା ପାଇଁ ଏ.ଆଇ. ମଡେଲଗୁଡ଼ିକୁ ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରିଥାଏ ।

ପ୍ଲାଷ୍ଟିକ ଠାରୁ ବିପଦ କାଗଜ ଷ୍ଟ୍ର

ପ୍ଲାଷ୍ଟିକ୍ ଷ୍ଟ୍ର' ର ଏକ ପରିବେଶ-ଅନୁକୂଳ ବିକଳ୍ପ ଭାବେ ଗ୍ରହଣ କରାଯାଉଥିବା କାଗଜ ଷ୍ଟ୍ର' ବାସ୍ତବରେ ପରିବେଶ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରୁଥିବା ଏକ ନିକଟତର କୋରିଆନ୍ ଗବେଷଣାରୁ ପ୍ରକାଶ ପାଇଛି । ଦକ୍ଷିଣ କୋରିଆର ଜଳବାୟୁ , ଶକ୍ତି ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ଏବଂ ପିପୁଲ୍ସ ପାୱାର ପାର୍ଟିର ପ୍ରତିନିଧି କିମ୍ ୱି-ସାଙ୍ଗଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି । ସୂଚନାନୁଯାୟୀ, କାଗଜ ଷ୍ଟ୍ରର ଉତ୍ପାଦନ, ବ୍ୟବହାର ଓ ବର୍ଜ୍ୟବସ୍ତୁ ନିଷ୍କାସନ ପ୍ରକ୍ରିୟା ମଧ୍ୟରେ ଏହା ସାଧାରଣ ପ୍ଲାଷ୍ଟିକ୍ ଷ୍ଟ୍ର' ତୁଳନାରେ ୬.୩୩ ଗୁଣା ଅଧିକ କ୍ଷତିକାରକ । ଚାରୋଟି ଭିନ୍ନ ପ୍ରକାରର ଷ୍ଟ୍ର' (ସାଧାରଣ ପ୍ଲାଷ୍ଟିକ୍, କାଗଜ, ବାୟୋଡିଗ୍ରେଡେବଲ୍ ପ୍ଲାଷ୍ଟିକ୍ ଓ ବାୟୋ-ପିଇ) ଉପରେ କରାଯାଇଥିବା ଏହି ଆକଳନରେ ବାୟୋ-ପିଇ ସବୁଠାରୁ ଖରାପ ଅର୍ଥାତ୍ ୧୬.୧୮ ଗୁଣା ଅଧିକ କ୍ଷତିକାରକ ପ୍ରଭାବ ପକାଇଥାଏ । ସେହିଭଳି ବାୟୋଡିଗ୍ରେଡେବଲ୍ ପ୍ଲାଷ୍ଟିକ୍ ୩.୩୪ ଗୁଣା ପ୍ରଭାବ ପକାଉଥିବା ଜଣାପଡ଼ିଛି । ପରିବେଶ ସହିତ ଆମ ଶରୀରରେ ମଧ୍ୟ ଏହାର ଖରାପ ପ୍ରଭାବ ପଡିଥାଏ ବୋଲି ଏହି ଗବେଷଣାରୁ ଜଣା ପଡିଛି ।



ରାଶିଫଳ



ମେଷ: ସମ୍ପର୍କ ହାନି, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ଅଶାନ୍ତି, ଅଯଥା ଖର୍ଚ୍ଚ, ବନ୍ଧୁ ସାହାଯ୍ୟ, ଗୃହେ ସାହାଯ୍ୟ, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ଶତ୍ରୁ ସମସ୍ୟା, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା-ମହାଲକ୍ଷ୍ମୀ ।

ବୃଷ: ବଡ଼ କାର୍ଯ୍ୟରେ ଆଶ୍ୱସ୍ତି, ସମ୍ପର୍କରେ ସୁଧାର, ଲୋକସମ୍ପର୍କ ବୃଦ୍ଧି, ଦେବକାର୍ଯ୍ୟରେ ଶାନ୍ତି, ଅର୍ଥଲାଭ, ଗୃହେ ସହାୟତା, ଶରୀର ସୁସ୍ଥ, ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା- ମା' ଭୁବନେଶ୍ୱରୀ ।

ମିଥୁନ: ଅଯଥା ବ୍ୟୟ, ଲୋକସମ୍ପର୍କରେ ଉନ୍ନତି, ଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ପାରିବାରିକ ସମ୍ପର୍କରେ ଉନ୍ନତି, ଦ୍ରବ୍ୟଲାଭ, ବାଣିଜ୍ୟେ ଲାଭ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

କର୍କଟ: ଶୁଭଖବର, କିଛି କାର୍ଯ୍ୟରେ ବିଳମ୍ବ, ଅର୍ଥଲାଭ, ସମ୍ପତ୍ତିଲାଭ, ବିବାଦ ସମାଧାନ, ଶରୀର ସୁସ୍ଥ, ଦେବଦର୍ଶନ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ, ଅଶ୍ଲେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୧୨, ଆରାଧନା- ପ୍ରଭୁ ଗଣେଶ ।

ସିଂହ: ସନ୍ତାନ ସମସ୍ୟା, ପରିବାରରେ ଉତ୍ସବକୁ ନେଇ ଆଲୋଚନା, ବନ୍ଧୁଲାଭ, ଅର୍ଥସମସ୍ୟା, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଅଶାନ୍ତି, ଅଯଥା ବିବାଦ, ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ମା' କାଳୀ ।

କନ୍ୟା: ବନ୍ଧୁ ସାହାଯ୍ୟ, ଅର୍ଥଲାଭ, ସମସ୍ୟା ସମାଧାନ, ଶୁଭକାର୍ଯ୍ୟରେ ବ୍ୟସ୍ତତା, ନୂତନ କର୍ମନିଯୁକ୍ତି, ବିବାଦ ସମାଧାନ, ଦୂରଯାତ୍ରା ସଫଳ, ସମ୍ମାନଲାଭ, ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୧୦, ଆରାଧନା-ମା' ସରସ୍ୱତୀ ।

ତୁଳା: କର୍ମକ୍ଷେତ୍ରେ ସମ୍ମାନ, ଶୁଭଖବର, ବ୍ୟବସାୟରେ ଉନ୍ନତି, ଦାମ୍ପତ୍ୟକଳି, ସନ୍ତାନଲାଭ, ମାନସିକ ଶାନ୍ତି, ଶରୀର ସୁସ୍ଥ, ଦୂରଯାତ୍ରାରେ ସତର୍କ, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା- ଶଙ୍କର ଭଗବାନ ।

ବିଛା: ବନ୍ଧୁ ବିଦ୍ୱେଷ, ଅର୍ଥଚିନ୍ତା, ସାମାନ୍ୟ ଶରୀର ଅସୁସ୍ଥ, ଗୃହେ ସହାୟତା, ସୁମିଷ୍ଟ ଭୋଜନ, ଅଯଥା ଖର୍ଚ୍ଚ, ନୂତନ ନିଯୁକ୍ତିରେ ବିଳମ୍ବ, ସନ୍ତାନ ଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ: ଯାତ୍ରାରେ ସତର୍କ, ପାରିବାରିକ ଚିନ୍ତା, ଅଯଥା ଅଶାନ୍ତି, ଶୁଭକାର୍ଯ୍ୟକୁ ଚିନ୍ତା, ବନ୍ଧୁ ସାହାଯ୍ୟ, ଶୁଭ ଆଲୋଚନା ସଫଳ, ଶରୀର କଷ୍ଟ, ସମ୍ପର୍କରେ ସୁଧାର, ଦାମ୍ପତ୍ୟ କଳହ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।

ମକର: ପ୍ରାତିଲାଭ, ବ୍ୟବସାୟରେ ଉନ୍ନତି, ବନ୍ଧୁଲାଭ, ଶୁଭ ଆଲୋଚନା, ଯାତ୍ରାରେ ସଫଳ, ଅର୍ଥଲାଭ, ଦେବଦର୍ଶନ, ବିଦେଶ ଗ୍ରସ୍ତ, ଶରୀର ସୁସ୍ଥ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୯, ଆରାଧନା- ମା' ଦୁର୍ଗା ।

କୁମ୍ଭ: ଅର୍ଥଲାଭ, କଥାବାର୍ତ୍ତା ସଫଳ, ମାନସିକ ଶାନ୍ତି, ଶରୀର ସୁସ୍ଥ, ଦେବକାର୍ଯ୍ୟ ହେତୁ ଧନବ୍ୟୟ, ବନ୍ଧୁଲାଭ, ନୂତନ ନିଯୁକ୍ତି, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୮, ଆରାଧନା- ମା' ଭଗବତୀ ।

ମୀନ: କାର୍ଯ୍ୟରେ ଉତ୍ସାହ, ମାନସିକ ଶାନ୍ତି, ସମ୍ମାନ ମିଳିବ, ଅର୍ଥପ୍ରାପ୍ତି, ସମ୍ପତ୍ତିଲାଭ, ଦୂରଯାତ୍ରା ସଫଳ, ନୂତନ ନିଯୁକ୍ତି, ସ୍ୱଜନ ବିରୋଧ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ମା' ତାରା ।

କାର୍ତ୍ତିକ କୃଷ୍ଣ ପକ୍ଷ ଷଷ୍ଠି
୩୧.୧୦.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୧୭୨୮୪୩୩୮

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୨୮
ତିଥି : ଷଷ୍ଠୀ
୩୧ ଅକ୍ଟୋବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
31 October 2026, Saturday

समय SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଅର୍ଣ୍ଣବ ପ୍ରଭାବ | ଦୁର୍ଦ୍ଦଶାରେ ଘାଣ୍ଟି ହେଉଛନ୍ତି ଗଞ୍ଜାମବାସୀ

୩ ଜିଲ୍ଲାରେ ୮୪ ହଜାର ପ୍ରଭାବିତ, ୨ରେ ଆସିବେ କେନ୍ଦ୍ରୀୟ ଟିମ୍, ବନ୍ୟା ମୁକାବିଲା ଲାଗି ଗଞ୍ଜାମକୁ ୨୦ କୋଟି



ଭୂସ୍ଖଳନରେ ଗୋଟିଏ ପରିବାରର ୩ ମୃତ

ଜଳସମ୍ପଦ ବିଭାଗ ଭୁଲ ଲାଗି ଗଞ୍ଜାମ ବୁଡ଼ିଲା!

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ): ଗଞ୍ଜାମ ବନ୍ୟା ପାଇଁ ଜଳସମ୍ପଦ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସମ୍ପୂର୍ଣ୍ଣ ଭାବେ ଦାୟୀ । କାରଣ ପାଣିପାଗ ବିଭାଗ ପୂର୍ବରୁ ଦକ୍ଷିଣ ଓଡ଼ିଶାକୁ ବର୍ଷା ଲାଗି ରେଡ୍ ଆଲର୍ଟ ଜାରି କରିଥିଲା । ତାହେଲେ ଗଞ୍ଜାମ ଜିଲ୍ଲାରେ ଥିବା ଡ୍ୟାମ ପାଣି କଣ ପାଇଁ ଛାଡ଼ି ନଥିଲା ଜଳସମ୍ପଦ ବିଭାଗ । ବର୍ଷା ହେବା ପରେ ଡ୍ୟାମ ଖୋଲି ଦେବା ଯୋଗୁ ବନ୍ୟା ସୃଷ୍ଟି ହୋଇଛି । ଗଞ୍ଜାମରେ ବଘୁଆ, ବଘଲଟି, ଭଞ୍ଜନଗର, ଧନେଇ, ଘୋଡାହାଡ, ସୋରଡ଼ା ଡ୍ୟାମରେ ଜଳ ସଂରକ୍ଷଣ ଥିଲା ଓ ପ୍ରବଳ ବର୍ଷା ଯୋଗୁ ପାଣି ଭରିଗଲା । ଅଚାନକ (୯ ପୃଷ୍ଠାରେ)

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ): ଅର୍ଣ୍ଣବ ପ୍ରଭାବରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ ଜିଲ୍ଲାର ଲୋକଙ୍କ ଦୁର୍ଦ୍ଦଶା କହିଲେ ନ ସରେ । ତିନି ଦିନ ହେଲାଣି ଲୋକେ ବାହାରକୁ ବାହରି ପାରୁନାହାନ୍ତି । ଖାଇବାକୁ ନା ଅଛି ଖାଦ୍ୟ , ନା ଅଛି ପିଇବା ପାଣି । ଆଜିଠାରୁ ଏୟାର ଡ୍ରପ୍ ଆରମ୍ଭ ହୋଇଛି । ଏବେବି ବହୁ ତଳିଆ ଅଞ୍ଚଳରେ ହଜାର ହଜାର ଲୋକ ଜଳବନ୍ଦୀ ସ୍ଥିତିରେ । ପୋଲ ଉପରେ ପାଣି ତ କେଉଁଠି ଜାତୀୟ ରାଜପଥ ବିଚ୍ଛିନ୍ନ ହୋଇଯାଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଛି । ଭୂସ୍ଖଳନ ମଧ୍ୟ ଆହୁରି ବିପତ୍ତି ଟାଣିଛି । ଏଭଳି ଭୂସ୍ଖଳନ ଓଡ଼ିଶାରେ କେବେ ହୋଇନଥିଲା ବୋଲି ଖୋଦ୍ ମନ୍ତ୍ରୀ ସ୍ୱୀକାର କରିଛନ୍ତି । କେବଳ ପାହାଡ଼ିଆ ଅଞ୍ଚଳ ନୁହେଁ, (୯ ପୃଷ୍ଠାରେ)

ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ): ଭୂସ୍ଖଳନସ୍ଥଳରେ ମନ୍ତ୍ରୀ ରବି ନାରାୟଣ ନାୟକ ପହଞ୍ଚି ସ୍ଥିତି ପରଖିଛନ୍ତି । ଏହାସହ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଘର ନଷ୍ଟ ହୋଇଥିବା ପରିବାରକୁ ତୁରନ୍ତ ପକ୍କା ଘର ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।

ଗଞ୍ଜାମ ଗଲେ ୩୦ ଅଧିକାରୀ

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ) : ଗଞ୍ଜାମ ଜିଲ୍ଲା ବାତ୍ୟା ଅର୍ଣ୍ଣବ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି । ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ୨୦ ଜଣ ଓଏଏସ୍ ଓ ଓଆର୍ଏସ୍ ଅଧିକାରୀଙ୍କୁ ଅସ୍ଥାୟୀ ଭାବେ ଗଞ୍ଜାମ ପଠାଯାଇଛି । ସେହିଭଳି ଗଞ୍ଜାମ ଜିଲ୍ଲାରେ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବା ପାଇଁ ୧୦ ଓଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି । ଏତଦ୍‌ଭିନ୍ନ ଅର୍ଣ୍ଣବ ଯୋଗୁ (୯ ପୃଷ୍ଠାରେ)

ବନ୍ୟାଞ୍ଚଳ ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ



ବ୍ରହ୍ମପୁର, ୩୦ ।୧୦ (ସବ୍ୟୁ) : ବାତ୍ୟା "ଅର୍ଣ୍ଣବ' ଓ ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଓ ବ୍ୟାପକ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଜି ଅପରାହ୍ଣରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସହ ହେଲିକପ୍ଟର ଯୋଗେ ଗଞ୍ଜାମ ଓ ପାଖ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର (୯ ପୃଷ୍ଠାରେ)

ଆଜି ଅବପାତ, ଆନ୍ଧ୍ର ଆଡ଼କୁ ମୁହାଁଇବ

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ) : ଦକ୍ଷିଣ ଆଣ୍ଡାମାନ ସାଗର ସଂଲଗ୍ନ ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଉପରେ ଏକ ଲଘୁଚାପ ସୃଷ୍ଟି ହୋଇଛି । ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆସନ୍ତାକାଲି (ରବିବାର) ସୁଦ୍ଧା ଡିପ୍ରେସନ ବା ଅବପାତର ରୂପ ନେବ । ପରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଆଡ଼କୁ ଗତି ଆନ୍ଧ୍ରପ୍ରଦେଶ ଉପକୂଳକୁ ମୁହାଁଇବାର ସମ୍ଭାବନା ରହିଛି । ରାଜ୍ୟରେ ସେଭଳି ବଡ଼ ବର୍ଷା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ପାଣିପାଗ ବିଜ୍ଞାନୀ (୯ ପୃଷ୍ଠାରେ)

ରାଜ୍ୟ ସ୍ତରୀୟ ପିଏମ୍ କିଷାନ କାର୍ଯ୍ୟକ୍ରମ

୩୫ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୭୦୭ କୋଟି

ଭୁବନେଶ୍ୱର, ୩୦ ।୧୦ (ସବ୍ୟୁ) : ଦେଶର କୃଷକ ସମାଜକୁ ଆର୍ଥିକ ଭାବେ ଅଧିକ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' ଅର୍ଥାତ୍ 'ପିଏମ୍ କିଷାନ' ଯୋଜନାର ୨୪ତମ କିସ୍ତି ସହାୟତା ରାଶି ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି ।



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ବନାସକାଣ୍ଠା ଠାରେ ଅନୁଷ୍ଠିତ ଜାତୀୟ ସମାରୋହରୁ ଆଭାସୀ ମାଧ୍ୟମରେ ଏହି ସହାୟତା ରାଶି ବଣ୍ଟନର ଶୁଭାରମ୍ଭ କରିଛନ୍ତି । ସାରା ଦେଶରେ ୯.୩୪ କୋଟି ରୁ ଅଧିକ ଚାଷୀଙ୍କୁ ୧୮,୬୯୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଗୁଜୁରାଟର ବନାସକାଣ୍ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏହି କାର୍ଯ୍ୟକ୍ରମକୁ ଓଡିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର-ଭୁବନେଶ୍ୱର (୯ ପୃଷ୍ଠାରେ)

ହେଲିକପ୍ଟର ଦୁର୍ଘଟଣାରେ ୬ ମୃତ

ବଦ୍ରିନାଥରୁ ଫେରୁଥିବାବେଳେ ଅଘଟଣ

ଡେରାଡୁନ୍, ୩୦ ।୧୦ : ଉତ୍ତରାଖଣ୍ଡର ଚମୋଲି ଜିଲ୍ଲା ଅନ୍ତର୍ଗତ ଜୋଶୀମଠ ଉପତ୍ୟକାରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ୍‌ଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଛି । ବଦ୍ରିନାଥ ମନ୍ଦିର ସହରରୁ ୫ ଜଣ ଯାତ୍ରୀଙ୍କୁ ନେଇ ଫେରୁଥିବା ହେଲିକପ୍ଟରଟି ଶୁକ୍ରବାର ଅପରାହ୍ଣରେ ଦୁର୍ଘଟଣାର ଶିକାର ହୋଇଥିଲା । ଖରାପ ପାଗ, ପ୍ରବଳ ବର୍ଷା ଓ ଘନ କୁହୁଡ଼ି ମଧ୍ୟରେ ହେଲିକପ୍ଟରଟି ନିଖୋଜ ହେବାର ଏକ ଘଣ୍ଟାରୁ ଅଧିକ ସମୟ ପରେ ଦୁର୍ଘଟଣା ସମ୍ପର୍କରେ ଖବର ମିଳିଥିଲା । ପରେ ଉଦ୍ଧାରକାରୀ ଦଳ ସମସ୍ତ ୬ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ ।

ମୃତକଙ୍କ ମଧ୍ୟରେ ୫ ଜଣ ଯାତ୍ରୀ କର୍ଣ୍ଣାଟକର ବାସିନ୍ଦା । ସେମାନେ ହେଲେ ଅରୁଣ ସାଲୁଙ୍କେ, ଏଚ୍‌ଏସ୍ ନଟରାଜ, ପ୍ରତାପ ନିଙ୍ଗରାଜନ, ସୁଦୀର କେ. ଏବଂ ଶଙ୍କରଗୌଡ଼ା (୯ ପୃଷ୍ଠାରେ)

ଜାନୁଆରୀରୁ ଜନଗଣନା

ନୂଆଦିଲ୍ଲୀ, ୩୦ ।୧୦ : ୨୦୨୬ ଜାନୁଆରୀ ୨୫ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜନଗଣନା ଆରମ୍ଭ କରାଯିବ । ଜନଗଣନା ଆୟୁକ୍ତ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୨୦୨୬ ମାର୍ଚ୍ଚ ୧ ତାରିଖକୁ ରେଫରେନ୍ସ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ସାଧାରଣ ଜନତାଙ୍କ ପାଇଁ ଅନ୍‌ଲାଇନ୍‌ରେ ନିଜ ତଥ୍ୟ ପୂରଣ କରିବା ସୁବିଧା ରହିବ । ୨୦୨୬ ଜାନୁଆରୀ ୧୦ରୁ ଜାନୁଆରୀ ୨୪ ମଧ୍ୟରେ ଏହି ସ୍ୱଗଣନା କରିପାରିବେ । ଏହାପରେ ମୂଳ ଗଣନା ସରିବା ପରେ ୨୦୨୬ ମାର୍ଚ୍ଚ ୧ରୁ ମାର୍ଚ୍ଚ ୫ ପର୍ଯ୍ୟନ୍ତ ଏକ ସଂଶୋଧନ ପର୍ଯ୍ୟାୟ କାର୍ଯ୍ୟକାରୀ ହେବ । ତେବେ ମଣିପୁର, ଗୋଆ, ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଲଦାଖ, ହିମାଚଳପ୍ରଦେଶ, ଜମ୍ମୁ-କାଶ୍ମୀରର ତୁଷାରପାତ ଅଞ୍ଚଳକୁ ବାଦ୍ ଦିଆଯାଇ ଅନ୍ୟ ସବୁ ସ୍ଥାନରେ ଏହି ଜନଗଣନା ହେବ ।

ଦେଶରେ ଅତି ଦାରିଦ୍ର୍ୟ ହାର ୨.୬%କୁ ହ୍ରାସ

ନୂଆଦିଲ୍ଲୀ, ୩୦ ।୧୦ : ଭାରତରେ ଅତି ଦାରିଦ୍ର୍ୟ ହାରରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ୨୦୧୧ରେ ଦେଶର ଅତି ଦାରିଦ୍ର୍ୟ ହାର ୨୬.୧ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୨.୬ ପ୍ରତିଶତକୁ ଖସିଆସିଛି । ଏହି ସମୟ ମଧ୍ୟରେ ପ୍ରାୟ ୪୯.୬ କୋଟି ଲୋକ ନିମ୍ନ-ମଧ୍ୟମ ଆୟକାରୀ ଦେଶ ପାଇଁ ନିର୍ଦ୍ଧାରିତ ଦାରିଦ୍ର୍ୟ ସୀମାରୁ ଉପରକୁ ଉଠିଛନ୍ତି । ବିଶ୍ୱ ବ୍ୟାଙ୍କର ଅକ୍ଟୋବର ୨୦୨୬ର 'ପଭର୍ଟି ଆଣ୍ଡ ଇକ୍ୱିଟି ବ୍ରିଫ୍' ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି ।

ତେବେ ଦାରିଦ୍ର୍ୟ ହ୍ରାସ ପାଇଥିଲେ ମଧ୍ୟ ଦେଶରେ ଆୟଗତ ଅସମାନତା ଏବେ ବି ଚିନ୍ତାର ବିଷୟ ହୋଇ ରହିଛି । ରିପୋର୍ଟ ଅନୁସାରେ, ୨୦୨୩ରେ ସର୍ବାଧିକ ଆୟ କରୁଥିବା ଶ୍ରମିକଙ୍କ ଶୀର୍ଷ ୧୦ ପ୍ରତିଶତଙ୍କ ମଧ୍ୟମ

ଧନୀ-ଗରିବଙ୍କ ଆୟରେ ୧୩ ଗୁଣ ଫରକ

୨୦୧୧ରେ ଅତି ଦାରିଦ୍ର୍ୟ ହାର ୨୬.୧% ଥିଲା

୨୦୨୩ରେ ଏହା ୨.୬%କୁ ଖସିଛି

ଆୟ, ସର୍ବନିମ୍ନ ଆୟ କରୁଥିବା ତଳ ୧୦ ପ୍ରତିଶତ ଶ୍ରମିକଙ୍କ ମଧ୍ୟମ ଆୟଠାରୁ ପ୍ରାୟ ୧୩ ଗୁଣ ଅଧିକ ଥିଲା । ବିଶ୍ୱ ବ୍ୟାଙ୍କ ଦୈନିକ ୩ ଡଲାର ଆୟକୁ ଅତି ଦାରିଦ୍ର୍ୟର ସୀମା ଭାବେ ଗ୍ରହଣ କରିଛି । ଏହି ମାପଦଣ୍ଡ ଅନୁସାରେ ଭାରତରେ ଅତି ଦାରିଦ୍ର୍ୟ ହାର ୨୦୧୧ରେ ୨୬.୧ ପ୍ରତିଶତ ଥିବାବେଳେ ୨୦୨୩ରେ ୨.୬ ପ୍ରତିଶତକୁ ହ୍ରାସ ପାଇଛି ।

ସେହିପରି ନିମ୍ନ-ମଧ୍ୟମ ଆୟକାରୀ ଦେଶ ପାଇଁ ନିର୍ଦ୍ଧାରିତ ଦୈନିକ ୪.୨୦ ଡଲାର ଦାରିଦ୍ର୍ୟ ସୀମା ତଳେ ରହୁଥିବା ଲୋକଙ୍କ ଅନୁପାତ ୨୦୧୧ରେ ୫୭.୬ ପ୍ରତିଶତ ଥିବାବେଳେ ୨୦୨୩ରେ ଏହା ୧୬.୧ ପ୍ରତିଶତକୁ ଖସିଛି । ଫଳରେ ଏହି ସମୟ ମଧ୍ୟରେ ପ୍ରାୟ ୪୯.୬ କୋଟି ଲୋକ ଉକ୍ତ ଦାରିଦ୍ର୍ୟ (୯ ପୃଷ୍ଠାରେ)






ଆକାଶମାର୍ଗରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ।

ଜମି ବିକ୍ରି କରିବା ପ୍ରତିଶ୍ରୁତିରେ ୮ ୫ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ବିକ୍ରି କରିବା ପ୍ରତିଶ୍ରୁତିରେ ୮୫ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିବା ଦୁଇଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୋଲିସ । ଗିରଫ ଦୁଇଜଣ ହେଲେ ଗଗନ ବିହାରୀ ମହାନ୍ତି (୪୪) ଓ ରାକେଶ କୁମାର ମଲ୍ଲିକ (୪୩) । ୨୦୨୨-୨୩ ମସିହାରେ ଅଭିଯୁକ୍ତ ଗଗନ ଅଭିଯୋଗକାରୀ ପ୍ରଦୀପ କୁମାର ବିଶ୍ୱାଳଙ୍କୁ ବାଲିଅନ୍ତାରେ ପତ୍ନୀଙ୍କ ନାମରେ ଥିବା ଏକ ଜମି ବିକ୍ରି କରିବାକୁ କହିଥିଲେ । ସେହି ଜମିରେ କୌଣସି ବିବାଦ ନାହିଁ ଓ ରାସ୍ତା ସୁବିଧା କରାଯାଇ ଦିଆଯିବ ବୋଲି ଅଭିଯୁକ୍ତ ରାକେଶ ପ୍ରତିଶ୍ରୁତି ଦେଇଥିଲା । ଉଭୟଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ଗଗନକୁ ନଗଦ ୧୦ଲକ୍ଷ ଟଙ୍କା ଏବଂ ବ୍ୟାଙ୍କ ଟ୍ରାନ୍ସଫର ୫୦ଲକ୍ଷ ୫୦ ହଜାର ଟଙ୍କା ଏବଂ ରାକେଶକୁ ୨୫ଲକ୍ଷ ଟଙ୍କା ବ୍ୟାଙ୍କ ଜରିଆରେ ଦେଇଥିଲେ । ସବୁ ଟଙ୍କା ନେବା ପରେ ଦୁଇଜଣ ଅଭିଯୋଗକାରୀ ପ୍ରଦୀପକୁ ଧରାଛୁଆଁ ଦେଇନଥିଲେ । ଟଙ୍କା ମାଗିବାରୁ ସେ ଟଙ୍କା ଦେବେନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲେ । ଉପାୟଶୂନ୍ୟ ହୋଇ ପ୍ରଦୀପ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ ପୋଲିସ ଦୁଇ ଠକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଦୁଇ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଟଙ୍କା କାରବାରର କେତେକ କାଗଜପତ୍ର ଜବତ କରିଥିବା କହିଛି ।

ବନ୍ୟା ନିୟନ୍ତ୍ରଣ ଏବଂ ୧୬୨ତମ ଜଳସେଚନ ପ୍ରକଳ୍ପ ବୈଷୟିକ ପରାମର୍ଶଦାତା କମିଟି ବୈଠକ

ବନ୍ୟା ନିୟନ୍ତ୍ରଣ ୩୮ ଟି ପ୍ରସ୍ତାବ ଉପରେ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଜଳସେଚନ ଭିତ୍ତିଭୂମିର ବିକାଶ ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଦିଗରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଏହି କ୍ରମରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ରାଜ୍ୟ ବନ୍ୟା ନିୟନ୍ତ୍ରଣ ବୋର୍ଡର ୧୫୮ତମ ବୈଷୟିକ ପରାମର୍ଶଦାତା କମିଟି (ଟିଏସି) ବୈଠକ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା ।



ବନ୍ୟା ନିୟନ୍ତ୍ରଣ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ତ୍ୱରିତ ସମୀକ୍ଷା ଓ ଅନୁମୋଦନ ଉପରେ ବିଭାଗର ବର୍ଦ୍ଧିତ ଗୁରୁତ୍ୱକୁ ଏହି ବୈଠକ ପ୍ରତିଫଳିତ କରିଛି । ୨୦୨୬-୨୭ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୭ଟି ବୈଠକ ଅନୁଷ୍ଠିତ ହୋଇସାରିଛି । ଏହି ବୈଠକରେ ରାଜ୍ୟର ବିଭିନ୍ନ ଡ୍ରେନେଜ୍ ଡିଭିଜନ୍‌ରୁ ଆସିଥିବା ୩୧ଟି ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ଓ ୭ଟି ଜଳ ନିଷ୍କାସନ କାର୍ଯ୍ୟ ସମେତ ମୋଟ ୩୮ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଏହି ପ୍ରସ୍ତାବଗୁଡ଼ିକର ଆନୁମାନିକ ବ୍ୟୟ ଅଟକଳ ୬୫୩.୯୯ କୋଟି ଟଙ୍କା । ଦୁର୍ବଳ ଓ ବନ୍ୟାପ୍ରବଣ ଅଞ୍ଚଳର ସୁରକ୍ଷା, ନଦୀବନ୍ଧ ସୁଦୃଢ଼ୀକରଣ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା ।

ସେହିପରି ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲ୍ଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଜଳସେଚନ ପ୍ରକଳ୍ପ ସମ୍ପର୍କିତ ୧୬୨ତମ ବୈଷୟିକ ପରାମର୍ଶଦାତା କମିଟି ବୈଠକ ମଧ୍ୟ ହାଇବ୍ରିଡ୍ ମୋଡ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ୪୭ଟି ପ୍ରସ୍ତାବକୁ କମିଟି ଅନୁମୋଦନ କରିଥିଲା । ଏଥିରେ ମୁଖ୍ୟତଃ ବୃହତ୍ ଇନ୍-ଷ୍ଟ୍ରିମ୍ ଜଳଭଣ୍ଡାର ନିର୍ମାଣ ସଂରଚନା ଏବଂ ଏ ସମ୍ପର୍କିତ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସାମିଲ ରହିଛି । ଜଳସେଚନ ଦକ୍ଷତା ବୃଦ୍ଧି, ବର୍ତ୍ତମାନ ଜଳ ବଣ୍ଟନ ବ୍ୟବସ୍ଥାର ଉନ୍ନତି ଏବଂ ଜଳର ସୁଷମ ଉପଯୋଗ ଦିଗରେ ଏହି ପ୍ରକଳ୍ପଗୁଡ଼ିକ ସହାୟକ ହେବ ।

୭୦ ଚୋରି ଗ୍ୟାସ୍ ସିଲିଣ୍ଡର ଜବତ, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀର ବିଭିନ୍ନ ଅଞ୍ଚଳରୁ ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିବା ଏକ ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି ତମାଣ୍ଡୋ ଥାନା ପୋଲିସ । ସେହି ର୍ୟାକେଟ୍‌ର ମୁଖ୍ୟ ଅଭିଯୁକ୍ତ ତୁଷାର ରଞ୍ଜନ ବାରିକ (୪୨) ସମେତ ୪ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ତୁଷାରକୁ ଛାଡି ଗିରଫ ଅନ୍ୟ ତିନିଜଣ ଗ୍ୟାସ୍ ମରାମତି ଦୋକାନୀ ବୋଲି ପୋଲିସ କହିଛି । କାରଣ ସେମାନେ ଚୋରି ଗ୍ୟାସ୍ ସିଲିଣ୍ଡର ତୁଷାର ଠାରୁ କିଣିଥିଲେ । ଯାହାକୁ ପୋଲିସ ଜବତ କରିବାରେ ସମର୍ଥ ହୋଇଛି । ଚୋରିରେ ବ୍ୟବହୃତ ବାଇକ୍, ଲାପ୍‌ଟପ୍ ଓ ଗାଡିର ନକଲି ନମ୍ବର ପ୍ଲେଟ୍ ଜବତ କରାଯାଇଛି । ଚଳିତ ମାସ ୧୭ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ କଳିଙ୍ଗବିହାରସ୍ଥିତ ଅଭିଯୋଗକାରୀ ଜାନକୀ ବଲ୍ଲଭ ମହାପାତ୍ର (୭୯)ଙ୍କ ଘରେ ଜଣେ ଅଜଣା ଦୁର୍ବୃତ୍ତ ପଶି ଦୁଇଟି ଏଚ୍‌ପି ଗ୍ୟାସ୍ ସିଲିଣ୍ଡର ଚୋରି କରି ନେଇଥିଲା । ଏ ସମ୍ପର୍କରେ ୧୯ ତାରିଖ ଦିନ ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ କରି ପୋଲିସ ଜାଣିବାକୁ ପାଇଥିଲା ଯେ, ଅଭ୍ୟାସଗତ ଚୋର ତୁଷାର ହେଲମେଟ୍ ଓ ମୁହଁରେ ମାକ୍ସ ପିନ୍ଧି ଗାଡିରେ ନକଲି ନମ୍ବର ପ୍ଲେଟ୍ ଲଗାଇ ରାଜଧାନୀର ବିଭିନ୍ନ ଅଞ୍ଚଳର ଲୋକଙ୍କ ଘରେ ପଶି ଗ୍ୟାସ୍ ସିଲିଣ୍ଡର ଚୋରି କରୁଥିଲା । ଚୋରା ସିଲିଣ୍ଡର ଗୁଡିକୁ ସେ ତମାଣ୍ଡୋ ଓ ଜଟଣୀ ଅଞ୍ଚଳରେ ଥିବା ବିଭିନ୍ନ ଗ୍ୟାସ୍ ମରାମତି ଦୋକାନୀଙ୍କୁ ଶସ୍ତାରେ ବିକ୍ରି କରୁଥିଲା । ତୁଷାରକୁ ପୋଲିସ ଗିରଫ କରିବା ପରେ ଚୋରା ସିଲିଣ୍ଡର କିଣିଥିବା ସୋମନାଥ ପୁଷ୍ଟି, ପଲ୍ଲବ ବେହେରା ଏବଂ ପ୍ରମୋଦ କୁମାର ଦାସଙ୍କୁ ଗିରଫ କରିବାରେ ସମର୍ଥ ହେଲା । ସେମାନଙ୍କ ମରାମତି ଦୋକାନରୁ ୭୦ ଗ୍ୟାସ୍ ସିଲିଣ୍ଡର ପୋଲିସ ଜବତ କରିଛି ।

ଜିଓର ୫ଜି ଗ୍ରାହକ ସଂଖ୍ୟା ୩୦ କୋଟିରେ ପହଞ୍ଚିଲା, ଗତ ୧୨ ମାସରେ ୬.୬ କୋଟି ବୃଦ୍ଧି

ଜିଓ ପ୍ଲାଟଫର୍ମସର ମୋଟ ରାଜସ୍ୱ ୧୧.୩ ପ୍ରତିଶତ ବୃଦ୍ଧି ପାଇ ୪୭,୪୮୫ କୋଟି ଟଙ୍କାରେ ପହଞ୍ଚିଛି

ଭୁବନେଶ୍ୱର (ସବ୍ୟୁ): ରିଲାଏନ୍ସ ଜିଓର ୫ଜି ଗ୍ରାହକଙ୍କ ସଂଖ୍ୟା ୩୦ କୋଟିରେ ପହଞ୍ଚିଛି । ଜିଓ ପ୍ଲାଟଫର୍ମସର ଅନଅଡିଟେଡ୍ ତ୍ରୈମାସିକ ଆର୍ଥିକ ଫଳାଫଳ ଅନୁଯାୟୀ, ଗତ ୧୨ ମାସ ଅର୍ଥାତ୍ ୧ ଅକ୍ଟୋବର ୨୦୨୫ରୁ ୩୦ ସେପ୍ଟେମ୍ବର ୨୦୨୬ ମଧ୍ୟରେ ଜିଓର ୫ଜି ଗ୍ରାହକ ସଂଖ୍ୟାରେ ୬.୬ କୋଟି ବୃଦ୍ଧି ଘଟିଛି । ଫିକ୍ସଡ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ମଧ୍ୟ କମ୍ପାନୀ ୩ କୋଟି ଗ୍ରାହକ ହାସଲ ମାଇଲଖୁଣ୍ଟ ଅତିକ୍ରମ କରିଛି । ଜିଓର ମୋଟ ଗ୍ରାହକ ସଂଖ୍ୟା ୫୪.୨ କୋଟି ଅତିକ୍ରମ କରିଛି । ଜିଓ ନେଟୱର୍କରେ ଡାଟା ବ୍ୟବହାର ମଧ୍ୟ ଦ୍ରୁତଗତିରେ ବଢ଼ିଛି । ପ୍ରତ୍ୟେକ ଗ୍ରାହକଙ୍କ ହାରାହାରି ମାସିକ ଡାଟା ବ୍ୟବହାର ୪୪.୨ ଜିବିରେ ପହଞ୍ଚିଛି । କମ୍ପାନୀର ମୋଟ ୱାୟାରଲେସ୍ ଡାଟା ଟ୍ରାଫିକରେ ୫ଜିର ଭାଗ ଏବେ ପ୍ରାୟ ୫୬ ପ୍ରତିଶତ ହୋଇଛି । ସେପ୍ଟେମ୍ବର ତ୍ରୈମାସିକରେ ଜିଓର ମୋଟ ଡାଟା ଟ୍ରାଫିକ୍ ବାର୍ଷିକ ଭିତ୍ତିରେ ୨୨.୧ ପ୍ରତିଶତ ବୃଦ୍ଧି ପାଇ ୭୧ ଏକ୍ସାବାଇଟରେ ପହଞ୍ଚିଛି । ଏହି ସଂଖ୍ୟା ଜିଓ ନେଟୱର୍କରେ ଡାଟା ବ୍ୟବହାରର କ୍ରମାଗତ ବୃଦ୍ଧିକୁ ପ୍ରତିଫଳିତ କରୁଛି ।

ଫିକ୍ସଡ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଜିଓ ଏୟାରଫାଇବରର ଭୂମିକା ମଧ୍ୟ କ୍ରମାଗତ ଭାବେ ବଢୁଛି । ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୧ କୋଟି ୫୧ ଲକ୍ଷରେ ପହଞ୍ଚିଛି । ଗତ ଏକ ବର୍ଷ ମଧ୍ୟରେ ଜିଓର ଫିକ୍ସଡ୍ ବ୍ରଡବ୍ୟାଣ୍ଡ ଗ୍ରାହକ ସଂଖ୍ୟାରେ ହୋଇଥିବା ମୋଟ ନେଟ୍ ବୃଦ୍ଧିରେ ଏୟାରଫାଇବରର ଯୋଗଦାନ ୭୫ ପ୍ରତିଶତରୁ ଅଧିକ ରହିଛି । ଏହି ସମୟ ମଧ୍ୟରେ ଜିଓର ମୋଟ ଗ୍ରାହକ ସଂଖ୍ୟାରେ ୩ କୋଟି ୭୦ ଲକ୍ଷ ନେଟ୍ ବୃଦ୍ଧି ହୋଇଥିବା ବେଳେ କେବଳ ସେପ୍ଟେମ୍ବର ତ୍ରୈମାସିକରେ ୯୧ ଲକ୍ଷ ନୂଆ ଗ୍ରାହକ ଯୋଡ଼ି ହୋଇଛନ୍ତି । ଗ୍ରାହକ ସଂଖ୍ୟା ବୃଦ୍ଧି ଏବଂ ଡିଜିଟାଲ୍ ସେବାର ସମ୍ପ୍ରସାରଣ କମ୍ପାନୀର ଆର୍ଥିକ ପ୍ରଦର୍ଶନରେ ମଧ୍ୟ ପ୍ରତିଫଳିତ ହୋଇଛି । ଜିଓ ପ୍ଲାଟଫର୍ମସର ତ୍ରୈମାସିକ ମୋଟ ରାଜସ୍ୱ ୧୧.୩ ପ୍ରତିଶତ ବୃଦ୍ଧି ପାଇ ୪୭,୪୮୫ କୋଟି ଟଙ୍କା ହୋଇଥିବା ବେଳେ ଇବିଆଇଟିଡିଏ ୧୬.୬ ପ୍ରତିଶତ ବୃଦ୍ଧି ପାଇ ୨୧,୮୭୯ କୋଟି ଟଙ୍କାରେ ପହଞ୍ଚିଛି । ପ୍ରତି ଗ୍ରାହକ ପିଛା ହାରାହାରି ମାସିକ ଆୟ (ଆର୍ପୁ) ମଧ୍ୟ ବୃଦ୍ଧି ପାଇ ୨୧୮.୮ ଟଙ୍କା ହୋଇଛି । ଏହା ପୂର୍ବରୁ ଅକ୍ଟୋବର ୨୮ ତାରିଖରେ ଜିଓ ପ୍ଲାଟଫର୍ମସର ସେୟାର ବଜାରରେ ଚମତ୍କାର ଲିଷ୍ଟିଂ ହୋଇଥିଲା । କମ୍ପାନୀର ୩୦,୧୮୮ କୋଟି ଟଙ୍କାର ଆଇପିଓ ଭାରତୀୟ ଇତିହାସର ସବୁଠାରୁ ବଡ଼ ଆଇପିଓ ହୋଇଥିବା ବେଳେ ଏହା ୨୨ ଗୁଣରୁ ଅଧିକ ସବ୍‌ସ୍କ୍ରାଇବ୍ ହୋଇଥିଲା । ଲିଷ୍ଟିଂ ପରେ ବଜାର ପୁଞ୍ଜିକରଣ ଦୃଷ୍ଟିରୁ ଜିଓ ପ୍ଲାଟଫର୍ମସ ଦେଶର ଦ୍ୱିତୀୟ ସର୍ବାଧିକ ମୂଲ୍ୟବାନ ତାଲିକାଭୁକ୍ତ କମ୍ପାନୀର ମାନ୍ୟତା ହାସଲ କରିଛି ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ପକ୍ଷରୁ

ଢେଙ୍କାନାଳଠାରେ ଏସ୍‌ଏଚ୍‌ଜି ଋଣ ମେଳା

ଭୁବନେଶ୍ୱର (ସବ୍ୟୁ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ଅଧିନସ୍ଥ ଏହାର ଢେଙ୍କାନାଳ ମୁଖ୍ୟ ଶାଖା ଏବଂ ମହାବୀର ବଜାର ଢେଙ୍କାନାଳ ଶାଖା ପକ୍ଷରୁ ଢେଙ୍କାନାଳ ଜିଲ୍ଲାର ମଙ୍ଗଳପୁର ଗ୍ରାମ ପଞ୍ଚାୟତ ଠାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେସନ୍ ଡ୍ରାଇଭ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଋଣ ମେଳା ଆୟୋଜିତ ହୋଇଯାଇଛି । ଏହି ଅବସରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ମୁଖ୍ୟ ସଞ୍ଜୀବ ରଞ୍ଜନ ସହାୟ ଏବଂ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡଙ୍ଗୀ ଉପସ୍ଥିତ ଥିଲେ । ଏଥି ସହିତ ବ୍ୟାଙ୍କର ବିଭିନ୍ନ ମୁଖ୍ୟ ପ୍ରବନ୍ଧକ ଏବଂ ଶାଖା ମୁଖ୍ୟମାନେ ମଧ୍ୟ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ମୁଖ୍ୟ ଶାଖାର ଶାଖା ମୁଖ୍ୟ ଶ୍ରୀକାନ୍ତ କୁମାର ନାୟକ, ମହାବୀର ବଜାର ଢେଙ୍କାନାଳ ଶାଖାର ଶାଖା ମୁଖ୍ୟ ଦେବୋଜିତ୍ ସରକାର ଏବଂ ମଙ୍ଗଳପୁର ଗ୍ରାମର ସରପଞ୍ଚ ରୀନା ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଏନ୍‌ଆର୍‌ଏଲ୍‌ଏମ୍ ସହ ଜଡିତ ବ୍ୟାଙ୍କ ସକ୍ଷୀ, ବ୍ୟାଙ୍କ ମିତ୍ର ଏବଂ



ଗ୍ରାମବାସୀଙ୍କ ସମେତ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ । ଏହି ଶିବିରରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ବ୍ୟାଙ୍କିଙ୍ଗ ସେବା ଓ ଋଣ ସୁବିଧା ମାଧ୍ୟମରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରାଯିବା ସହ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେସନ୍ ଡ୍ରାଇଭ୍‌ର ବିଭିନ୍ନ ଉଦ୍ଦେଶ୍ୟ ଓ ଯୋଜନା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଏଥିରେ ପିଏମ୍‌ଜେଡିୱାଇ, ପିଏମ୍‌ଏସ୍‌ବିୱାଇ, ପିଏମ୍‌ଜେଜେବିୱାଇ ଏବଂ ଏପିୱାଇ ଆଦି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ମଧ୍ୟ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦ଲକ୍ଷ ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା ।

ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ୍ ଆବେଦନ ମାମଲାର ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ,(ସବ୍ୟୁ): ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଆଗୁଆ ଜାମିନ୍ ଆବେଦନର ଶୁଣାଣି ଆଜି ହାଇକୋର୍ଟ ଶେଷ କରିଛନ୍ତି । ରାୟ ସଂରକ୍ଷିତ ରଖାଯାଇଛି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହଙ୍କ ଇଜିଲାସରେ ଆଜି ଏହି ମାମଲାର ଶୁଣାଣି ହୋଇଥିଲା । ସମସ୍ତ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଏହି ଆଗୁଆ ଜାମିନ୍ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି ।ହାଇକୋର୍ଟ ଗତ ସେପ୍ଟେମ୍ବର ୩ ତାରିଖ ଆଦେଶରେ ବିଦ୍ୟାଭାରତୀଙ୍କ ବ୍ୟକ୍ତିଗତ ହାଜିରାରୁ ଛାଡ଼ ଆବେଦନକୁ ଖାରଜ କରିଦେବା ସହ ଅକ୍ଟୋବର ୧ ତାରିଖ ସୁଦ୍ଧା ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ବିଦ୍ୟାଭାରତୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାତ୍ର ସୁପ୍ରିମ୍‌କୋର୍ଟ ତାଙ୍କୁ ହାଇକୋର୍ଟରେ ଅଗ୍ରିମ ଜାମିନ ଆବେଦନ କରିବା ପାଇଁ ଅନୁମତି ଦେଇ ମାମଲାର ଅନ୍ତ ଘଟାଇଥିଲେ । ଫଳରେ ସୁପ୍ରିମ୍‌କୋର୍ଟରୁ ମଧ୍ୟ ବିଦ୍ୟାଭାରତୀଙ୍କୁ କୌଣସି ପ୍ରକାର ସୁରକ୍ଷା ମିଳିନଥିଲା । ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ ବିଦ୍ୟାଭାରତୀ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅବକାଶକାଳୀନ ଅଦାଲତରେ ପ୍ରଥମେ ଏହି ମାମଲା ଶୁଣାଣି ପାଇଁ ଉଠିଥିଲା । ଅବକାଶକାଳୀନ ଅଦାଲତ ମାମଲାର ଶୁଣାଣି କରି ସିଡି ତଲବ କରିଥିଲେ ।

ଗଞ୍ଜାମ ବନ୍ୟା ପରିସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କ ଠାରୁ ପଚାରି ବୁଝିଲେ ନବୀନ

ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଗଞ୍ଜାମ ଗଲା ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର, (ସବ୍ୟୁ): ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ ଯୋଗେ ଗଞ୍ଜାମ ଜିଲ୍ଲାପାଳ ଙ୍କ ଠାରୁ ହିଞ୍ଜିଳି ଓ ଶେରଗଡ଼ ସମେତ ସମଗ୍ର ଜିଲ୍ଲା ର ବନ୍ୟା ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ବିପନ୍ନ ଲୋକଙ୍କ ଉଦ୍ଧାର ଓ ରିଲିଫ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ,ଜିଲ୍ଲପାଳ ବିରୋଧୀଦଳ ନେତାଙ୍କୁ ଅବଗତ କରିଥିଲେ । ଅର୍ଣ୍ଣବ ବାତ୍ୟା ଜନିତ ଏହି ଅଭୁତପୂର୍ବ ବନ୍ୟା ଯୋଗୁଁ ଗଞ୍ଜାମ ବାସୀ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହୋଇଛନ୍ତି । ଏଥିପାଇଁ ଶ୍ରୀ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ବିପନ୍ନ ଲୋକଙ୍କ ନିକଟରେ ତୁରନ୍ତ ଆବଶ୍ୟକ ରିଲିଫ ଓ ଅନ୍ୟ ସହାୟତା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଛନ୍ତି । ଗଞ୍ଜାମ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ବିରୋଧୀ ଦଳ ନେତା ନବୀନ



ପଟ୍ଟନାୟକ , ବିରୋଧୀ ଦଳ ର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ଦଳ କୁ ଗଞ୍ଜାମ ପଠାଇଛନ୍ତି । ଏହି ପ୍ରତିନିଧି ଦଳ ରେ ପ୍ରତାପ ଜେନା, ଶ୍ରୀମତୀ ଟୁକୁନି ସାହୁ, ବିକ୍ରମ ପଣ୍ଡା, ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଚନ୍ଦ୍ର ଶେଖର ସାହୁ, ଭୃଗୁ ବକ୍ସି ପାତ୍ର ଚିନ୍ମୟ ସାହୁ , ଶ୍ରୀମତୀ ରଂଜିତା ସାହୁ ଓ ଶ୍ରୀମତୀ ସଂଘମିତ୍ରା ଦଳେଇ ଯାଇ ଛନ୍ତି । ଏହି ପ୍ରତିନିଧି ଦଳ ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ଗଞ୍ଜାମ ଗସ୍ତ କରି ବିପନ୍ନ ଲୋକଙ୍କୁ ଭେଟିବା ସହ କ୍ଷୟକ୍ଷତି ଆକଳନ କରିବ । ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଆରଡିସି ଓ ଜିଲ୍ଲାପାଳ ଙ୍କ ସହ ଆଲୋଚନା କରିବ । ପରେ କମିଟି ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାର ରିପୋର୍ଟ ପ୍ରଦାନ କରିବ । ସେହିପରି ଲୋକଙ୍କ ଏହି ଦୁଃଖ ସମୟ ରେ ଲୋକଙ୍କ ସହ ରହିବା ଓ ସେମାନଙ୍କ ସେବା କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି କର୍ମୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ବଲପୁର ସିଟି ରେଳ ଷ୍ଟେସନ ନିରୀକ୍ଷଣ

ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ଷ୍ଟେସନର ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ବଲପୁର ସିଟି ରେଳ ଷ୍ଟେସନ ପରିଦର୍ଶନ କରି ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ଚାଲୁ ରହିଥିବା



ଷ୍ଟେସନର ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ । ଏହି ନିରୀକ୍ଷଣ ସମୟରେ ମହାପ୍ରବନ୍ଧକ ଯାତ୍ରୀ ସୁବିଧାର ଉନ୍ନତିକରଣ ଏବଂ ଷ୍ଟେସନର ସାମଗ୍ରିକ ପରିବେଶର ଉନ୍ନତି ଲକ୍ଷ୍ୟରେ ହାତକୁ ନିଆଯାଇଥିବା ବିଭିନ୍ନ ଷ୍ଟେସନ ଉନ୍ନତିକରଣ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଶ୍ରୀ ଫୁଙ୍କୱାଲ ଯାତ୍ରୀମାନଙ୍କ ପାଇଁ ଉନ୍ନତ ସୁବିଧା, ଯାତାୟାତର ସୁବ୍ୟବସ୍ଥା ଏବଂ ଅଧିକ ପରିଚ୍ଛନ୍ନ ଓ ଆରାମଦାୟକ ଷ୍ଟେସନ ପରିବେଶ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଅମୃତ ଭାରତ ଷ୍ଟେସନ ଯୋଜନା ଅନ୍ତର୍ଗତ ରେଳ ଷ୍ଟେସନଗୁଡ଼ିକର ବିକାଶ ଦ୍ୱାରା ଯାତ୍ରୀମାନଙ୍କୁ ଆଧୁନିକ ସୁବିଧା ଯୋଗାଇଦେବା ସହ ଯାତ୍ରା ଅନୁଭୂତିକୁ ଅଧିକ ଉନ୍ନତ କରିବାର ଗୁରୁତ୍ୱ ସମ୍ପର୍କରେ ମହାପ୍ରବନ୍ଧକ ଉଲ୍ଲେଖ କରିଥିଲେ । ସେ ଚାଲୁ ରହିଥିବା କାର୍ଯ୍ୟଗୁଡ଼ିକର ନିୟମିତ ତଦାରଖ କରିବା ସହ ଯୋଜନାବଦ୍ଧ ଭାବେ ଉନ୍ନତିକରଣ କାର୍ଯ୍ୟଗୁଡ଼ିକର ସଫଳ ରୂପାୟନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ନିରୀକ୍ଷଣ ସମୟରେ ପୂର୍ବ ତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ସମ୍ବଲପୁର ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ ।

୩୧ ତାରିଖ ଶେଷ ପଞ୍ଜୀକରଣ : ୨ରୁ ୧୦ ତାରିଖ ଯାଏଁ ଚାଲିବ ବାଲିଯାତ୍ରା ପ୍ଲଟ୍ ନିଲାମ ପ୍ରକ୍ରିୟା

କଟକ,(ସବ୍ୟୁ): ଐତିହାସିକ କଟକ ବାଲିଯାତ୍ରା ପାଇଁ ପ୍ଲଟ୍ ପଞ୍ଜିକରଣ ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରାଯାଇଛି । ୩୧ ଅକ୍ଟୋବର ପର୍ଯ୍ୟନ୍ତ ପଞ୍ଜିକରଣ ଜାରି ରହିବ । ଅନ୍ୟପକ୍ଷରେ ଆସନ୍ତା ନଭେମ୍ବର ୨ ତାରିଖରୁ ପ୍ଲଟ୍ ନିଲାମ ପ୍ରକ୍ରିୟା ଆରମ୍ଭ ହେବ । ଏହି ପ୍ରକ୍ରିୟା ନଭେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଭିନ୍ନ ପ୍ଲଟ୍ ପାଇଁ ଏକାଧିକ ପଞ୍ଜିକରଣ ହୋଇଥିବାରୁ ପ୍ରାୟ ୩୦୦ରୁ ୪୦୦ଟି ପ୍ଲଟ୍ ନିଲାମ ପ୍ରକ୍ରିୟାରେ ସାମିଲ ହେବା ନେଇ ଆଶା କରାଯାଉଛି । ନିଲାମ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ଲାଗି ପ୍ରାୟ ୭ଟି ଟିମ୍ ଗଠନ କରାଯାଇଛି । ନଭେମ୍ବର ୨ରୁ ୧୦ ତାରିଖ ଯାଏଁ ପ୍ରତିଦିନ ସକାଳ ୧୦ଟାରୁ ନିଲାମ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ । ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ବିରତି ରହିବ । ନିଲାମରେ ଭାଗ ନେବା ପାଇଁ ପଞ୍ଜିକରଣ କରିଥିବା ବ୍ୟକ୍ତି ଯଦି ନିଲାମରେ ଭାଗ ନିଅନ୍ତି ନାହିଁ, ତେବେ ସେମାନଙ୍କ ଦାଖଲ କରିଥିବା ଫି ଫେରସ୍ତ କରାଯିବ ନାହିଁ । ପ୍ଲଟ୍ ପଞ୍ଜିକରଣ ପାଇଁ ବେସ୍ ପ୍ରାଇସ୍ ୬୦ରୁ ୬୫ ଟଙ୍କା ମଧ୍ୟରେ ରଖାଯାଇଥିଲା । ଏଥିସହ ନିଲାମ ପ୍ରକ୍ରିୟା ସମୟରେ ସମସ୍ତ ବିଡରଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି । କୌଣସି ବିଡର ନିର୍ଦ୍ଧାରିତ ସମୟରେ ଉପସ୍ଥିତ ନଥିଲେ, ତାଙ୍କ ପାଇଁ ସର୍ବାଧିକ ୨ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରାଯିବ । ଚଳିତ ବର୍ଷ ବାଲିଯାତ୍ରାର ପ୍ଲଟ୍ ନିଲାମ ପ୍ରକ୍ରିୟାକୁ ସୁରୁଖୁରୁରେ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ସୂଚନା ଦେଇଛନ୍ତି ।

ଓପିଜିସିର ସ୍ୱାସ୍ଥ୍ୟ ଶିବିରରେ ୧୨ଟି ଗ୍ରାମର ୨୪୯ ରୋଗୀ ଉପକୃତ

ଭୁବନେଶ୍ୱର (ସବ୍ୟୁ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ ଶୁକ୍ରବାର ଦିନ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ତିଲିଆ ଗ୍ରାମ ପଞ୍ଚାୟତଠାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ତିଲିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ପୁଷ୍ପାଞ୍ଜଳି ପ୍ରଧାନ ଏହି ଶିବିରର ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୧୨ଟି ଗ୍ରାମର ମୋଟ ୨୪୯ ଜଣ ରୋଗୀ ଚିକିତ୍ସା ପରାମର୍ଶ ଓ ସ୍ୱାସ୍ଥ୍ୟସେବାର ସୁଯୋଗ ନେଇଥିଲେ । ଏହି ଶିବିରରେ ଇବଥର୍ମାଲ ହସ୍ପିଟାଲର ନିଜସ୍ୱ ଡାକ୍ତର ଯଥା ଓପିଜିସିର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଙ୍ଗୀତା ପଣ୍ଡା, ଡାକ୍ତର ମାନସ ରଞ୍ଜନ ପାଣିଗ୍ରାହୀ ଏବଂ ଡାକ୍ତର ସୁରଞ୍ଜୀବ ବେହେରା ଯୋଗଦେଇଥିଲେ । ଏଥିସହ ଓପିଜିସି ପକ୍ଷରୁ ଦୁଇଜଣ ବିଶେଷଜ୍ଞ ଡାକ୍ତର ଡ଼ାଃ ବଳରାମ ଖମାରୀ (ମେଡିସିନ୍ ବିଶେଷଜ୍ଞ) ଏବଂ ଡ଼ାଃ ବି.ଏନ୍. କଶ୍ୟପ (ଶିଶୁ ରୋଗ ବିଶେଷଜ୍ଞ) ଙ୍କୁ ମଧ୍ୟ ଏହି ଶିବିର ପାଇଁ ଆମନ୍ତ୍ରଣ



କରାଯାଇଥିଲା । ଡାକ୍ତରମାନେ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗ ପାଇଁ ଚିକିତ୍ସା ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ ।

ତିଲିଆ, ନୂଆପଡ଼ା, ଥୁରୋପାଲି, ଫଟାପାଲି, ଚରମାଲ, ସିଙ୍ଗେଇପାଲି, ବଡ଼ସୁରୁଆ, କୋଲଟିକିରା, ଭଗବାନପାଲି, ପୁଡ଼ିପାଲି, ତେତେଲକୁଦ୍‌ଲି ଏବଂ ଝାରମୁଣ୍ଡା ଗ୍ରାମର ଲୋକମାନେ ଏହି ଶିବିରରୁ ଉପକୃତ ହୋଇଥିଲେ । ଶିବିରରେ ଉଚ୍ଚ ରକ୍ତଚାପ, ମଧୁମେହ, ସାଧାରଣ ଦୁର୍ବଳତା, ଅଣ୍ଟା ବ୍ୟଥା, ଚର୍ମ ରୋଗ, ପେଟଜନିତ ରୋଗ, ଦାନ୍ତ କ୍ଷୟ ଓ ଦାନ୍ତ ବ୍ୟଥା, କାଶ, ଆଣ୍ଠୁ ଯନ୍ତ୍ରଣା, ଶରୀର ପୀଡ଼ା, ଜ୍ୱର, ଶ୍ୱାସନଳୀ ସଂକ୍ରମଣ, ପେଟ ଯନ୍ତ୍ରଣା ଏବଂ ମୁଣ୍ଡବ୍ୟଥା ଆଦି ରୋଗରେ ପୀଡ଼ିତ ରୋଗୀମାନେ ଚିକିତ୍ସା ପରାମର୍ଶ ନେଇଥିଲେ । ଏହା ବ୍ୟତୀତ ଶିବିରରେ ୪୦ଟି ରକ୍ତ ଶର୍କରା (ଆରବିଏସ୍) ପରୀକ୍ଷା ଏବଂ ୨୮ଟି ହିମୋଗ୍ଲୋବିନ୍ (ଏଚ୍‌ବି) ପରୀକ୍ଷା କରାଯାଇଥିଲା । ଇବଥର୍ମାଲ ହସ୍ପିଟାଲ ଏବଂ ଓପିଜିସିର ସିଏସ୍‌ଆର୍ ବିଭାଗର ମିଳିତ ସହଯୋଗରେ ଏହି ଶିବିର ପରିଚାଳିତ ହୋଇଥିଲା । ଏଥିରେ ଇବଥର୍ମାଲ ହସ୍ପିଟାଲର କର୍ମଚାରୀ ସୁଜାତା ନାୟକ, ସଞ୍ଜୁକ୍ତା ମହାନନ୍ଦ, ସବିତା ନାୟକ, ପ୍ରଭାତ କୁମାର ବାରିକ, ସୁମିତ କୁମାର ଶତପଥୀ, ଦିଲୀପ ଦୀପ, ଅଭିମନ୍ୟୁ ଭୋଇ, ପ୍ରବୀଣ କୁମାର ପାଢ଼ୀ ଏବଂ କର୍ଣ୍ଣ ବାଗ ସହଯୋଗ କରିଥିଲେ । ନିଜର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଏବଂ ସ୍ୱାସ୍ଥ୍ୟସେବାର ସୁବିଧାକୁ ଅଧିକ ସୁଗମ କରିବା ଦିଗରେ ଓପିଜିସିର ନିରନ୍ତର ପ୍ରୟାସର ଏହା ଏକ ଅଂଶବିଶେଷ ।

ଗଞ୍ଜାମ ଜିଲ୍ଲାବାସୀ ବନ୍ୟାରେ ପ୍ରଭାବିତ, ସେବା ଯୋଗାଇବାରେ ସରକାର ବିଫଳ

ବନ୍ୟା ପ୍ରଭାବିତ ଲୋକଙ୍କ ପାଖକୁ ଯିବ ବିଜେଡି ପ୍ରତିନିଧି ଦଳ

ବ୍ରହ୍ମପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇ ଯାଇଛି । ବର୍ଷା ବନ୍ୟା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଉଛି। ରାଜ୍ୟ ସରକାର ସତର୍କ ନରହି କେବଳ ଭାଷଣ ବାଜି ଦେଉଛନ୍ତି। ଯଦି ଭଞ୍ଜନଗର ଡ୍ୟାମରୁ ଜଳ ନିଷ୍କାସନ ବର୍ଷା ପୂର୍ବରୁ ହୋଇ ଥାନ୍ତା ତାହା ହେଲେ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା ବୋଲି ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ।



ଜଳସମ୍ପଦ ବିଭାଗ, ମୁଖ୍ୟମନ୍ତ୍ରୀ ବିଭାଗ, ମୁଖ୍ୟ ଶାସନ ସଚିବ ଏହି ବିଭାଗରେ ପୂର୍ବରୁ ଥିଲେ ସେ ଏଥିପାଇଁ ଗୁରୁତ୍ୱ ଦେଲେ ନାହିଁ କାହିଁକି ବୋଲି ଆଜି ସନ୍ଧ୍ୟାରେ ସ୍ଥାନୀୟ ଗଜପତି ନଗର ସ୍ଥିତ ବିଜେଡି ଜିଲ୍ଲା କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ପ୍ରଶ୍ନ ଉଠାଇଛନ୍ତି। ବର୍ଷା ଆସିବା ପୁର୍ବରୁ ଜଳ ନିଷ୍କାସନ ହେଲା ନାହିଁ ଫଳରେ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଛ । ରିଲିଫ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ଜଳସମ୍ପଦ ବିଭାଗର ବନ୍ଧ ମରାମତି କାର୍ଯ୍ୟ କରିଥିଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା । ବାଲି ଓ ପାଣି ମାଫିଆଙ୍କ କବଜାରେ ରହିଛି ତେଣୁ ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଯାଜପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଥିଲା ଆଜି ଗଞ୍ଜାମରେ ମଧ୍ୟ ପରିସ୍ଥିତି ସୃଷ୍ଟି ହୋଇଛି । ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରି ସହଯୋଗ କରିବାକୁ ବୋଲି ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି।

ଗଞ୍ଜାମ ଓ ଗଜପତି ଜିଲ୍ଲାରୁ ଆଲର୍ଟ କରିଥିବା ବେଳେ ଆଜି ଏହି ଭଳି ପରିସ୍ଥିତି ସୃଷ୍ଟି ହୋଇ ନଥାନ୍ତା । ଲୋକଙ୍କ ଦ୍ୱାରା କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ବିଜୁ ଜନତା ଦଳର ଏକ ଟିମକୁ ଗଞ୍ଜାମ ଜିଲ୍ଲାକୁ ପଠାଇ ଛନ୍ତିଛ ଏନେଇ ଏକ ରିପୋର୍ଟ ଦେବୁ ଓ ବିଧାନସଭାରେ ଆଲୋଚନା ହେବ। ସବୁଆଡେ ହାହାକାର ମାସ ମାସ ଧରି ଲୋକ ପାଣି ଘେରରେ ରହିଥିଲେ । ଚିକିଟି ପାତ୍ରପୁର, ହିଞ୍ଜିଳିକାଟୁ, ଆସିକା, ସେରଗଡ ଓ ପୁରୁଷୋତ୍ତମପୁର ଯିବୁ ଏନେଇ ରିପୋର୍ଟ ପ୍ରଦାନ କରି ବିଧାନସଭା ରେ ପ୍ରଶ୍ନ ଉଠାଇବାକୁ ବୋଲି ସେ କହିଛନ୍ତି । ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମର ହିଞ୍ଜିଳି ଓ ଶେରଗଡ଼ ସମେତ ସମଗ୍ର ଜିଲ୍ଲା ର ବନ୍ୟା ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିବ । ଗଞ୍ଜାମ ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିରୋଧୀ ଦଳ ର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୁ ଗଞ୍ଜାମ ପଠାଇଛନ୍ତି ।

ଏହି ପ୍ରତିନିଧି ଦଳରେ ପ୍ରତାପ ଜେନା, ଶ୍ରୀମତୀ ଟୁକୁନି ସାହୁ, ବିକ୍ରମ ପଣ୍ଡା, ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଚନ୍ଦ୍ର ଶେଖର ସାହୁ, ଭୃଗୁ ବକ୍ସି ପାତ୍ର, ଚିନ୍ମୟ ସାହୁ , ଶ୍ରୀମତୀ ରଂଜିତା ସାହୁ ଓ ଶ୍ରୀମତୀ ସଂଘମିତ୍ରା ଦଳେଇ ଯାଇଛନ୍ତି । ଏହି ପ୍ରତିନିଧି ଦଳ ଆଜି ଓ ଆସନ୍ତାକାଲି ଦୁଇ ଦିନ ଧରି ଗଞ୍ଜାମ ଗସ୍ତ କରି ବିପନ୍ନ ଲୋକଙ୍କୁ ଭେଟିବା ସହ କ୍ଷୟକ୍ଷତି ଆକଳନ କରିବ । ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବ । ପରେ କମିଟି ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାର ରିପୋର୍ଟ ପ୍ରଦାନ କରିବ ।

ଜଳ ଘେରରେ ସୁରଳ, ସୁନାପୁର, ଓଡ଼ିଆରପି କଲୋନୀ

ପ୍ରଶାସନ ଅଣଦେଖା ଅଭିଯୋଗ

ଚିକିଟି, (ସବ୍ୟୁ): ଅର୍ଣ୍ଣବ ପ୍ରଭାବରେ ବାହୁଦା ନଦୀର ବନ୍ୟା ଜଳ ଚିଲିକା ରେ ପଡି ସୁରଳ ମାଛ ବଜାର, ଓଡିଆରପି କଲୋନୀ ଏବଂ ସୁନାପୁର ଗାଁ ଭିତରେ ପଶିଥିଲା । ପ୍ରାୟ ୩୦୦ ଘର ବିଶିଷ୍ଟ ଦୁଇ ଗୋଟି ଓଡ଼ିଆରପି କଲୋନୀରେ ଛାତି ପର୍ଯ୍ୟନ୍ତ ବାହୁଦା ବନ୍ୟା ପାଣି ବଢ଼ିବାରୁ ସେମାନଙ୍କୁ ସୁରଳ ଗ୍ରାମର ଲୋକେ ଛୋଟ ମାଛ ଧରା ଡ଼ଙ୍ଗା ସାହାର୍ଯ୍ୟ ରେ ସୁରଳ ସମ୍ପର୍କୀୟ ଲୋକଙ୍କ ଘରକୁ ସ୍ଥାନାନ୍ତର କରାଯାଇଛି । ଖବର ଲେଖା ସୁଦ୍ଧା ଓଡ଼ିଆରପି କଲୋନୀ ରେ ଅଣ୍ଠାଏ ପାଣି ରହିଛି । ସେହିପରି ସୁରଳ ମାଛ ବଜାର ଦେଇ ସୁରଳ ଗାଁ ରେ ବାହୁଦା ବନ୍ୟା ଜଳ ପଶିଥିଲା । ମାଛ ବଜାର ର ରାସ୍ତା ଘାଟ ଧୋଇ ହେବା ସାଙ୍ଗକୁ କିଛି ଘର ବି କ୍ଷତି ହୋଇଛି । ସୁରଳ ଗାଁ ଏବଂ ଓଡ଼ିଆରପି କଲୋନୀ ଏବଂ ସୁନାପୁରକୁ ବାହୁଦା ଚିଲିକା ଘେରି ହୋଇ ରହିଛି । ସୁରଳ ସୁନାପୁର ରେ ବନ୍ୟା ଜଳବନ୍ଦୀ ରେ ରହିଥିବା ଅନେକ ସାହି ଲୋକଙ୍କୁ ନେବା ଆଣିବା ପାଇଁ ଗ୍ରାମବାସୀ ନିଜସ୍ୱ ଚେଷ୍ଟାରେ ଡଙ୍ଗା ବ୍ୟବହୃତ କରିଥିଲେ । ବ୍ଲକ ପ୍ରଶାସନ ସେଠି ପହଂଚି ନଥିବା ଅଭିଯୋଗ ହୋଇଛି । ଭୋକ ଓପାସ ରେ ରହିଥିବା ବନ୍ୟା ପ୍ରଭାବିତ ଲୋକଙ୍କୁ ଗାଁ କୋଠରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି ବୋଲି ସୂଚନା ମିଳିଛି । ଅଭିଯୋଗ ସମ୍ପର୍କରେ ସୁରଳ ସରପଞ୍ଚ ପ୍ରତିନିଧି ଜୟରାମ ସାହୁ ଏବଂ କିଛି ଭଦ୍ର ବ୍ୟକ୍ତିଙ୍କୁ ପଚାରିବାରୁ ସେମାନେ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି । ସେମାନଙ୍କ କହିବା ପ୍ରକାରେ ସୁରଳ ସ୍କୁଲ ରେ ରନ୍ଧା ଖାଦ୍ୟର ବ୍ୟବସ୍ଥା ହୋଇଥିଲା ।

ପ୍ରଭାବିତ ଲୋକଙ୍କୁ ଡକାଯାଇଥିଲା କିନ୍ତୁ ସେମାନେ ଆସୁନାହାନ୍ତି ବୋଲି କହିଛନ୍ତି । ନଆସିବାର କାରଣ ସମ୍ପର୍କରେ ବୁଝିବାରୁ ଜଣାପଡିଛି, ଶୁଖିଲା ରନ୍ଧା ଖାଦ୍ୟ ପାଇଁ ସେମାନେ ଅଡ଼ି ବସିଛନ୍ତି ବୋଲି । ଅନ୍ୟପଟେ ଫରଓ୍ୱାର୍ଡ଼ ବ୍ଲକ ଚିକିଟି ବିଧାୟକ ପ୍ରାର୍ଥୀ ବିଭୁଧେନ୍ଦ୍ର ପାଢ଼ୀ ଏପରି ଘଟଣାକୁ ନେଇ ଘୋର ଉଦବେଗ ପ୍ରକାଶ କରିବା ସହ ଯୁଦ୍ଧ କାଳୀନ ଭିତ୍ତି ରନ୍ଧା ଖାଦ୍ୟ ଯୋଗାଣ ସାଙ୍ଗକୁ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଶ୍ରୀ ପାଢ଼ୀ ଦାବୀ ଜଣାଇଛନ୍ତି ।

ଦୋକାନରୁ ଚୋରି ଘଟଣାରେ ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ପୋଲିସ ଦୁଇଟି ରାତ୍ରିକାଳୀନ ଚୋରି ଘଟଣାର ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଚୋରି ଟଙ୍କା, ଅପରାଧରେ ବ୍ୟବହୃତ ଏକ ମୋଟରସାଇକେଲ ଓ ଲୁହା ରଡ୍ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଶାନ୍ତିନଗର, ହରିଡ଼ାଖଣ୍ଡିର ରୋଶନ ନାୟକ (୨୧), ଲକ୍ଷ୍ମୀବିହାର ୪ର୍ଥ ଲେନର ଗଣେଶ କୁମାର ସାହୁ (୧୯) ଏବଂ ଜଗବନ୍ଧୁ ବନ୍ଧାହୁଡ଼ା ସାହି ଆପାର୍ଟମେଣ୍ଟର ରିଙ୍କୁ ସାହୁ (୧୯) । ଏମାନେ ସମସ୍ତେ ବଡ଼ବଜାର ଥାନା ଅଞ୍ଚଳର ବାସିନ୍ଦା । ଆଜି ଚୋର ଗ୍ୟାଙ୍ଗକୁ କାବୁ କରାଯାଇଛି । ସେମାନଙ୍କ ଠାରୁ ଚୋରି ହୋଇଥିବା ୬ ହଜାର ୭୦୦ ଟଙ୍କା, ଅପରାଧରେ ବ୍ୟବହୃତ କଳା ରଙ୍ଗର ହିରୋ ଏକ୍ସଟ୍ରିମ୍ ମୋଟରସାଇକେଲ ଏବଂ ଘର ଓ ଦୋକାନ ଭାଙ୍ଗିବାରେ ବ୍ୟବହୃତ ଏକ ଲୁହା ରଡ୍ ଜବତ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ୨୯ ରାତିରେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ଓ ପଦରାବାଲିଠାରେ ଥିବା ଦୁଇଟି ଦୋକାନର ସଟର ଭାଙ୍ଗି ନଗଦ ଟଙ୍କା ସମେତ ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ। ଏନେଇ ବ୍ରହ୍ମପୁର ସଦର ଥାନାରେ ପୃଥକ ଭାବେ ଦୁଇଜଣ ବ୍ୟବସାୟୀ ଅଭିଯୋଗ କରିଥିଲେ ।

ବନ୍ୟା ପରବର୍ତ୍ତୀ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଗଞ୍ଜାମରେ ସମସ୍ତଙ୍କ ନିକଟରେ ପହଞ୍ଚିବ ରନ୍ଧା ଖାଦ୍ୟ

ବ୍ରହ୍ମପୁର, (ସବ୍ୟୁ) : ବନ୍ୟା ପରବର୍ତ୍ତୀ ପରିସ୍ଥିତିରେ ଗଞ୍ଜାମ ଜିଲ୍ଲାର କୌଣସି ଅଞ୍ଚଳର ଜଣେ ହେଲେ ଲୋକ ଯେପରି ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅତ୍ୟାବଶ୍ୟକ ସାମଗ୍ରୀରୁ ବଞ୍ଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତା କୁଲାଙ୍ଗେ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସହାୟତା ଓ ଅତ୍ୟାବଶ୍ୟକ ସେବା ଯୋଗାଣକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ସେମାନେ ଗୁରୁତ୍ୱାରୋପ କରିଛନ୍ତି । ଏନେଇ ଆଜି ଅପରାହ୍ନରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇ ବନ୍ୟା ପରବର୍ତ୍ତୀ ସ୍ଥିତି, ରିଲିଫ୍ ବଣ୍ଟନ ଓ ଜନସାଧାରଣଙ୍କ ନିକଟରେ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଖାଦ୍ୟ, ପାନୀୟ ଜଳ ଓ ଔଷଧ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ନିରନ୍ତର ଭାବେ କାର୍ଯ୍ୟ କରୁଥିବାବେଳେ ସ୍ୱେଚ୍ଛାସେବୀମାନେ ମଧ୍ୟ ଏହି ମାନବୀୟ ସେବା କାର୍ଯ୍ୟରେ ସହଯୋଗର ହାତ ବଢ଼ାଇଛନ୍ତି । ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳରେ ଶୁଖିଲା ଖାଦ୍ୟ ପହଞ୍ଚାଯାଇଛି ।

ବିଶେଷକରି ଆସିକା, ଭଞ୍ଜନଗର, ଧରାକୋଟ, ପୁରୁଷୋତ୍ତମପୁର, ଶେରଗଡ଼, ସୋରଡ଼ା ଓ ହିଞ୍ଜିଳିର ବିଭିନ୍ନ ଜଳମଗ୍ନ ଅଞ୍ଚଳରେ ଡଙ୍ଗା ଯୋଗେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ପହଞ୍ଚାଯାଉଛି । ପ୍ରଭାବିତ ଲୋକଙ୍କ ଖାଦ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହିସବୁ ଅଞ୍ଚଳରେ ରାତିରେ ମଧ୍ୟ ରନ୍ଧା ଖାଦ୍ୟ ଓ ପାନୀୟ ଜଳ ବଣ୍ଟନର ବ୍ୟବସ୍ଥା କରାଯାଇଛି । କୌଣସି ପରିସ୍ଥିତିରେ ଯେପରି କେହି ଭୋକିଲା ନ ରହନ୍ତି, ସେଥିପ୍ରତି କ୍ଷେତ୍ରସ୍ତରୀୟ ଅଧିକାରୀମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛ । ଯେଉଁ ଅଞ୍ଚଳରେ ଯେଉଁ ସାମଗ୍ରୀର ଆବଶ୍ୟକତା ରହିଛି, ସେ ସମ୍ପର୍କରେ ବିଡିଓ ଓ ତହସିଲଦାରମାନେ ତୁରନ୍ତ ଅବଗତ କରାଇଲେ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଆୟୁକ୍ତ ଓ ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି । ପାନୀୟ ଜଳର ଆବଶ୍ୟକତା ପୂରଣ ପାଇଁ ପ୍ରତ୍ୟେକ ବ୍ଲକକୁ ଗୋଟିଏ ଟ୍ରକ୍ ପାଣି ବୋତଲ ଏବଂ ବବଲ୍ ଟପ୍ ଜାର ପଠାଯାଉଛି । ଏହାଦ୍ୱାରା ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳ ଯୋଗାଣକୁ ସୁଗମ କରାଯାଇପାରିବଛ

ବନ୍ୟା ପରବର୍ତ୍ତୀ ସ୍ଥିତିରେ ଉଦ୍ଧାର ଓ ସହାୟତା କାର୍ଯ୍ୟର ସୁସମନ୍ୱୟ ପାଇଁ କ୍ଷେତ୍ର ପରିଦର୍ଶନରେ ଯାଉଥିବା ଅଧିକାରୀମାନେ ନିଜର ଅବସ୍ଥିତି ଓ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ନିୟନ୍ତ୍ରଣ କକ୍ଷକୁ ନିୟମିତ ସୂଚନା ଦେବାକୁ କୁହାଯାଇଛି ।

କଂଗ୍ରେସ ସେବାଦଳ ପକ୍ଷରୁ ରକ୍ତଦାନ ଶିବିର, ୫୦ ୟୁନିଟ୍ ସଂଗୃହୀତ

ବାରିପଦା, (ସବ୍ୟୁ): ଗଞ୍ଜାମ ଜିଲ୍ଲାବାସୀ ବନ୍ୟାରେ ପ୍ରଭାବିତ, ସେବା ଯୋଗାଇବାରେ ସରକାର ବିଫଳ ଆଜି ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ମୟୁରଭଞ୍ଜ (ପୂର୍ବ) କଂଗ୍ରେସ ସେବାଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ।



ସେବାଦଳ ଅଧ୍ୟକ୍ଷ ସୁଭେନ୍ଦୁ ମହାନ୍ତି ଶିବିରକୁ ଉଦଘାଟନ କରିଥିବା ବେଳେ, ପିସିସି ସାଧାରଣ ସମ୍ପାଦକ ଅରବିନ୍ଦ ଦାସ, ପ୍ରଦେଶ କଂଗ୍ରେସ ବ୍ୟବସାୟ ସେଲ ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲ, ବାରିପଦା ବାର ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, ବାରିପଦା ବାର ଆସୋସିଏସନର ପୂର୍ବତନ ସଭାପତି ଭିଭୁ ପ୍ରସାଦ ଦାସ, କଂଗ୍ରେସ ଏସଟି ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, କଂଗ୍ରେସ ସେବାଦଳ ମୟୁରଭଞ୍ଜ ଜିଲ୍ଲା ଅଧ୍ୟକ୍ଷ ଦିଲୀପ ନାୟକ, କଂଗ୍ରେସ ଓବିସି ଜିଲ୍ଲା ଅଧ୍ୟକ୍ଷ ତାରାକାନ୍ତ ବେହେରା, କଂଗ୍ରେସ ଏସସି ସେଲ ଜିଲ୍ଲା ଅଧ୍ୟକ୍ଷ ସସ୍ମିତା ବେହେରା, ଏସସି ସେଲ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ସେଠୀ, ଏସଟି ସେଲ ରାଜ୍ୟ ସାଧାରଣ ସମ୍ପାଦକ ଚୈତନ୍ୟ ମାଝୀ, ଛାତ୍ର କଂଗ୍ରେସ ସଭାପତି ମୋତି ପ୍ରକାଶ ଦାସ, ବାରିପଦା ଟାଉନ ସଭାପତି ଏସ.କେ. ଇକବାଲ, ଡିସିସି ଉପସଭାପତି ଶିବାନନ୍ଦ ଦାସ, ଡିସିସି ଉପସଭାପତି ଦୀପକ ଦାସ, ଡିସିସି ସାଧାରଣ ସମ୍ପାଦକ ବନମାଳୀ ବାରିକ, ମହିଳା କଂଗ୍ରେସ ନେତ୍ରୀ ଇତିଶ୍ରୀ ମିଶ୍ର, ଫରିଦା ତବସୁମ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।

ବାରିପଦା ରକ୍ତ ଭଣ୍ଡାରର ଡାକ୍ତର ନର୍ସ ଏବଂ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିବା ବେଳେ ଶିବିରରେ ମୋଟ ୫୦ୟୁନିଟ ରକ୍ତ ସଂଗ୍ରହ ହୋଇଥିବାର ଜଣାଯାଇଛି ।

ସେକ୍ସ ରାକେଟ ଠାବ

ଦୁଇ ଦେହଜୀବୀ ଉଦ୍ଧାର, ୫ ଗ୍ରାହକ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ନିମଖଣ୍ଡି ପୋଲିସ ଗୁରୁବାର ରାତ୍ର ଏକ ସେକ୍ସ ରାକେଟ ଠାବ କରିଛି । ଘର ଭିତରୁ ଦୁଇ ଜଣ ଦେହଜୀବୀଙ୍କୁ ଉଦ୍ଧାର କରିବା ସହ ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ସେକ୍ସ ରାକେଟ ଚଳାଉଥିବା ମାଷ୍ଟେରମାଇଣ୍ଡ ପାଟପୁର ଥାନା ଅନ୍ତର୍ଗତ ଏସ.ରଘୁନାଥପୁର ଗ୍ରାମର ପିଣ୍ଟୁ ଡାକୁଆ(୨୫), ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡ଼ା ଗ୍ରାମର ଅଚ୍ୟୁତାନନ୍ଦ ଖଟୁଆ (୩୧), ଅନ୍ତଯ୍ୟାମୀ ଖଟୁଆ(୩୭) ସନ୍ତୋଷ ନାହାକ(୩୯) ଓ ହିଂଜିଳିକାଟୁ ଥାନା ଅନ୍ତର୍ଗତ ମହନାପଲିର ଇ. ସଞ୍ଜୟ କୁମାର(୨୯) ।

ଶୁକ୍ରବାର ଉଭୟ ଦେହଜୀବୀ ଓ ଅଭିଯୁକ୍ତ ମାନନଙ୍କର ଡାକ୍ତରୀ ମଇନା କରାଯାଇଛି । ଦେହଜୀବୀ ଦ୍ୱୟଙ୍କ କୋର୍ଟରେ ବୟାନ ରେକର୍ଡ ହୋଇଛି । ପିଣ୍ଟୁ ଡାକୁଆଙ୍କୁ ଜେରା ବେଳେ ସେ ଅନଲାଇନ ଜରିଆରେ ଉକ୍ତ ଘର ଭଡା ନେଇ ଏହି କାରବାର ଚଳାଇଥିବା ପୋଲିସ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତ ମାନଙ୍କୁ ମାମଲା ନଂ ୩୩୬/୨୬ ରେ କୋର୍ଟ ଚାଲାଣ କରାଯାଇଛି । ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି । ପ୍ରକାଶ ଯେ, ଶକ୍ତି ନଗର ନିକଟରେ ଥିବା ଶ୍ରୀମା ନଗର ଦିତ୍ୱୀୟ ଲାଇନରେ ଏକ ଘରେ ସେକ୍ସ ରାକେଟ ଚାଲିଥିବା ନେଇ ଗୁରୁବାର ରାତ୍ର ପୋଲିସକୁ ଖବର ମିଳିଥିଲା। ପୋଲିସ ସେଠାରେ ଚଢଉ କରି ଦୁଇଟି ରୁମରେ ଯୁବକ ଓ ଯୁବତୀ ମାନେ ଅସଂଯତ ଅବସ୍ଥାରେ ଥିବା ବେଳେ ସେମାନଙ୍କୁ ଧରିଥିଲା। ଘର ଭିତରୁ ବ୍ୟବହୃତ କଣ୍ଡମ ସହ କିଛି କଣ୍ଡମ ପେକେଟ, ସିଗାରେଟ ଜବତ କରିଥିଲା । ସେହିପରି ୧୨୦୦ ଟଙ୍କା ୫ଗୋଟି ମୋବାଇଲ ଜବତ କରିଥିଲା । ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା କହିଛି ।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ସମାରୋହ ସ୍ମାରକୀ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ରଜତ ଜୟନ୍ତୀ ସମାରୋହ ସ୍ମାରକୀ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପବିତ୍ର କାର୍ତ୍ତିକ କୃଷ୍ଣ ପଞ୍ଚମୀ ତିଥିରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ରଜତ ଜୟନ୍ତୀ ସମାରୋହ ସ୍ମାରକୀକୁ ଉନ୍ମୋଚନ କରିଥିବା ବେଳେ ଏଥିରେ ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତି, ସମ୍ପାଦକ ବିଶ୍ୱ ମୋହନ ମିଶ୍ର, ସହସମ୍ପାଦକ ସନ୍ତୋଷ ପାତ୍ର,କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁ, ଉପଦେଷ୍ଟା ଜୟନ୍ତ କୁମାର ପଟ୍ଟନାୟକ, ସଦସ୍ୟା ମଧୁସ୍ମିତା ପାଢୀ ପ୍ରମୁଖଙ୍କ ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅଭିଭାବକଗଣ ଉପସ୍ଥିତ ରହିଥିଲେ ।

ଏହି ସ୍ମାରକୀ ଉନ୍ମୋଚନ ଅବସରରେ ଏକ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ରଜତ ଜୟନ୍ତୀ ସମାରୋହ କମିଟି ସଭାପତି ଗୋପାଳ ଚନ୍ଦ୍ର ନାୟକ ହୋମକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଧାନାଚାର୍ଯ୍ୟ ଚଣ୍ଡି ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାନୁଷ୍ଠାନର ମୀରାବାଈ ଗାଇଡ୍, କାଲାମ ସ୍କାଉଟ୍, ଘୋଷ ଟିମ୍ ଏବଂ ସମସ୍ତ ସେବାବ୍ରତୀ ସକ୍ରିୟ ସହଯୋଗ କରିଥିଲେ ।

ରଗବି ଏସ୍‌ଜିଏଫ୍‌ଆଇ ଜାତୀୟ ବିଦ୍ୟାଳୟ କ୍ରୀଡ଼ା


ରୌପ୍ୟ ପଦକ ଜିତିଲେ ମୟୂରଭଞ୍ଜର ମନୋଜ ସିଂ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଆଉଥରେ ନିଜର ଦକ୍ଷତା ପ୍ରମାଣିତ କରିଛି । ଦିଲ୍ଲୀରେ ଅନୁଷ୍ଠିତ ୭୦ତମ ଏସ୍. ଜି.ଏଫ୍.ଆଇ. ଜାତୀୟ ବିଦ୍ୟାଳୟ କ୍ରୀଡ଼ା ୨୦୨୬ରେ ଓଡିଶା ଓ ବିହାର ମଧ୍ୟରେ ଫାଇନାଲ ଖେଳ ହୋଇଥିଲା । ଏଥିରେ ଓଡିଶାକୁ ଦ୍ୱିତୀୟ ପୁରସ୍କାର ମିଳିଥିଲା । ଏଥିରେ ଶ୍ୟାମାଖୁଣ୍ଟା ବ୍ଲକର ସିନ୍ଦୂରଗୌରା ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଛାତ୍ର ମନୋଜ ସିଂ ରୌପ୍ୟ ପଦକ ଅର୍ଜନ କରିଛନ୍ତି । ସେ ଓଡ଼ିଶା ଦଳର ଏକ ଅଂଶ ଥିଲେ ଯାହାକି ରନର୍ସ-ଅପ୍ (ଦ୍ୱିତୀୟ ସ୍ଥାନ) ହାସଲ କରିଛନ୍ତି ।



ମୟୂରଭଞ୍ଜ ଜିଲ୍ଲା ରଗବି ଫୁଟବଲ୍ ଆସୋସିଏସନ୍ ସହିତ ଜଡ଼ିତ ରଗବି କୋଚ୍ ଶ୍ରୀ ଜିତେନ୍ଦ୍ର ସିଂଙ୍କ କଠିନ ପ୍ରଶିକ୍ଷଣ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି । ଜେ. ସୁଶୀଳ ହେମ୍ବ୍ରମ, ସଭାପତି ଶ୍ରୀ ସୁନାରାମ କିସ୍କୁ ଏବଂ ପରିଚାଳନା ନିର୍ଦ୍ଦେଶକ ବାବା ଧଲାରାମ ହାଂସଦାଙ୍କ ପ୍ରଚେଷ୍ଟା ଏବଂ ସହଯୋଗ ଯୋଗୁଁ ଏହି ସମସ୍ତ ପ୍ରକ୍ରିୟା ସଫଳ ହୋଇପାରିଛି । ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ପାଇଁ ମୁଣ୍ଡା ଯୁବ ସଂଗଠନ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଓ ସମ୍ମାନ ପ୍ରଦାନ କରାଯାଇଛି । ମନୋଜ ସିଂଙ୍କ ଏହି ସଫଳତା କେବଳ ତାଙ୍କ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ମୁଣ୍ଡା ସମାଜ ସହିତ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ । ତାଙ୍କର ଏହି ସଫଳତା ରାଜ୍ୟର ଯୁବପିଢ଼ିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ସହ ନିଜ ପ୍ରତିଭାର ପରିଚୟ ଦେବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ।

ଏହି ଅବସରରେ ମୁଣ୍ଡା ଯୁବ ସଂଗଠନର ସଦସ୍ୟମାନେ ମନୋଜ ସିଂଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ । ସଂଗଠନ ପକ୍ଷରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସଫଳତା ହାସଲ କରିବା ପାଇଁ ଶୁଭକାମନା ଜଣାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସଙ୍ଗଠନର ସଭାପତି ଫକୀର ମୋହନ ସିଂ ପଡାଅଡ୍ଡିଆ ୧୭ ନଂ ଓ୍ୱାର୍ଡ ମେମ୍ବର ଝାଡେଶ୍ୱର ସିଂ ସାଣ୍ଡିଲ୍ ଓ ସଂଗଠନ ସଦସ୍ୟ, ସଦସ୍ୟା ମାନେ ସାବିତ୍ରୀ ସିଂ, ତପସ୍ୱିନୀ ସିଂ, ଲକ୍ଷ୍ମୀ ସିଂ, ସୁଭଦ୍ରା ସିଂ, ଲକ୍ଷ୍ମୀ ପ୍ରିୟା ସିଂ, ରବି ସିଂ, ଚନ୍ଦ୍ରମହନ ସିଂ, ମଙ୍ଗଲ ସିଂ, ମାହି ସିଂ, ଶିବ ଶଙ୍କର ସିଂ, ପିଣ୍ଟୁ ସିଂ ଉପସ୍ଥିତ ଥିଲେ ।



ଗଜଲକ୍ଷ୍ମୀ ପୂଜା ଭସାଣି ଉତ୍ସବକୁ ନେଇ ବୈଠକ

ଶାନ୍ତିଶୃଙ୍ଖଳାର ସହିତ ଭସାଣି ପାଇଁ ନିଷ୍ପତ୍ତି



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ମା ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ କରିବାକୁ ପ୍ରସ୍ତୁତି ବୈଠକଅନୁଷ୍ଠିତ ହୋଇଯାଇଛି । ମା ଗଜଲକ୍ଷ୍ମୀଙ୍କ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଢେଙ୍କାନାଳସ୍ଥିତ ଆର୍ଟ ଏଣ୍ଡ କ୍ରାଫଫ ସେଣ୍ଟର ସଭାଗୃହଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ଏବଂ ମିଳିତ ଗଜଲକ୍ଷ୍ମୀ ପୂଜା ବଜାର କମିଟିର ସଭାପତି ରାମଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ । ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ ସମସ୍ତ ପୂଜା ବଜାରର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ରାମଚନ୍ଦ୍ର ପାତ୍ର ନିଜର ଅଭିଭାଷଣ ରଖି ସମସ୍ତ ପୂଜା ବଜାର କମିଟିକୁ ନିର୍ଦ୍ଧାରିତ ନିୟମାବଳୀ ପାଳନ କରିବା ସହ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ଶୋଭାଯାତ୍ରା ମାଧ୍ୟମରେ ବିସର୍ଜନ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ କରିଥିଲେ । ଶୋଭାଯାତ୍ରା ସମୟରେ ମଧ୍ୟାହ୍ନ ଭୋଜନ ନିମନ୍ତେ ବିଭିନ୍ନ ବଜାର ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଥିବା ସେ ସୂଚନା ଦେଇଥିଲେ। ଏଥିସହ ବିସର୍ଜନ ଶୋଭାଯାତ୍ରା ଦିନ ସକାଳୁ ବାଉଁଶରେ ନିର୍ମିତ ସାଜସଜ୍ଜା ତୋରଣର ଉପରିଭାଗ ହଟାଇ ଦେବାକୁ ସମସ୍ତ ବଜାରକୁ ଅନୁରୋଧ କରିଥିଲେ, ଯାହାଦ୍ୱାରା ମୂର୍ତ୍ତି ଓ ଶୋଭାଯାତ୍ରାର ସୁଗମ ଯାତାୟାତ ସୁନିଶ୍ଚିତ ହୋଇପାରିବ । ଏହାପରେ ବିଭିନ୍ନ ପୂଜା ବଜାରର ସଦସ୍ୟମାନେ ନିଜ ନିଜର ମତାମତ ରଖିବା ସହ ଶୋଭାଯାତ୍ରାର ସଫଳ ଆୟୋଜନ ନିମନ୍ତେ ଆଲୋଚନା କରିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମାନେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇ ଏହାର କଡ଼ାକଡ଼ି ଅନୁପାଳନ କରିବାକୁ କହିଥିଲେ। ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ସିଷ୍ଟମ୍ ଓ ଭାଇବ୍ରେସନ୍ ଏନ୍‌ହାନ୍ସର୍ ମେସିନ୍‌ର ଉଚ୍ଚଶବ୍ଦଯୁକ୍ତ ବ୍ୟବହାରକୁ ସମ୍ପୂର୍ଣ୍ଣ ଏଡ଼ାଇବା ସହ ଅଶ୍ଳୀଳ ନୃତ୍ୟ ଓ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନକୁ କୌଣସି ପରିସ୍ଥିତିରେ ଅନୁମତି ନ ଦେବାକୁ ସେ ଚେତାବନୀ ଦେଇଥିଲେ । ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପାଟିଲ କହିଥିଲେ ଯେ, ନିଜ ନିଜ ପୂଜା ବଜାରର ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ରଖିବା ସମ୍ପୃକ୍ତ ପୂଜା କମିଟିର ପ୍ରାଥମିକ ଦାୟିତ୍ୱ । ସମାଜର ବୟୋଜ୍ୟେଷ୍ଠ ନାଗରିକ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଉପରେ ଉଚ୍ଚଶବ୍ଦର ସଙ୍ଗୀତର କୁପ୍ରଭାବକୁ ବିଚାରକୁ ନେଇ ଉଚ୍ଚଶବ୍ଦଯୁକ୍ତ ଡିଜେ ଓ ଭାଇବ୍ରେଟର୍ ମେସିନ୍ ବ୍ୟବହାରରୁ ବିରତ ରହିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏଥିସହ ଶୋଭାଯାତ୍ରାର ସୁପରିଚାଳନା ଓ ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ମିଳିତ ଗଜଲକ୍ଷ୍ମୀ ପୂଜା ବଜାର କମିଟିର ସଭାପତିଙ୍କ ସମେତ ସମସ୍ତ ପୂଜା କମିଟିର ବରିଷ୍ଠ କର୍ମକର୍ତ୍ତାମାନେ ଶୋଭାଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଉପସ୍ଥିତ ରହି ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ ।ବିସର୍ଜନ ଶୋଭାଯାତ୍ରା ସମୟରେ ପାନୀୟ ଜଳ ଯୋଗାଣ, ପରିମଳ, ଅଗ୍ନିଶମ ସେବା, ବିଦ୍ୟୁତ୍, ଅବକାରୀ ଓ ସ୍ୱାସ୍ଥ୍ୟ ସେବା ଆଦି ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ ବୈଠକ ପରିଚାଳନା କରିବା ସହ ସମସ୍ତ ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ ।

ମଣ୍ଡପରୁ ଚୋରି: ଲୁହା ସାମଗ୍ରୀ ଜବତ, ୩ ଗିରଫ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଶ୍ୟାମାଚରଣପୁରଠାରେ ନୂତନ ଭାବରେ ନିର୍ମିତ ହେଉଥିବା ଏକ ମଣ୍ଡପରୁ ବିପୁଳ ପରିମାଣରେ ଲୁହା ପାଇପ ଚୋରୀ ଅଭିଯୋଗରେ ପୋଲିସ ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଶ୍ୟାମାଚରଣପୁର ବିବି ଜେନା ଲେନ ଠରେ ନିର୍ମାଣ ହେଉଥିବା ଏକ ନୂତନ ମଣ୍ଡପରୁ ବିପୁଳ ପରିମାଣର ଲୁହା ସାମଗ୍ରୀ ଗତ ୧୮ ତାରିଖ ଦିନ ଚୋରି ହୋଇଥିବାର କାରିଗର ସାହିର ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ପୁଅ ସତ୍ୟରଞ୍ଜନ ସାହୁ ଥାନାରେ ଲିଖିତ ଭାବରେ ଅଭିଯୋଗ କରିଥିଲେ ।

ଅଭିଯୋଗକୁ ନେଇ ପୋଲିସ ୭୬୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ୪ଇଂଚର ଲୁହା ପାଇପ ସହିତ ହେଲୋଜେନ ଲାଇଟ, ଟାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାର ଜଣାପଡିଥିଲା। ପୋଲିସ ସିସିଟିଭି ଏବଂ ଅନ୍ୟାନ୍ୟ ତଥ୍ୟକୁ ନେଇ ତଦନ୍ତ ପରେ ଚୋରି ସମ୍ପର୍କରେ ଜଣାପଡିଥିଲା । ଏହି ଚୋରିରେ ଟାଉନ ଥାନା ଅନ୍ତର୍ଗତ ବୋରାପଦା ଆଇଟିଆଇ ନିକଟରେ ରହୁଥିବା ସନ୍ତ ନାଏକଙ୍କ ପୁଅ ସିଦ୍ଧାନ୍ତ ନାଏକ ଓରଫ ମିଟୁ ଓରଫ କାଲା (୨୫), ଭାସ୍କର ନାଏକଙ୍କ ପୁଅ ପ୍ରଶାନ୍ତ ନାଏକ ଓରଫ କୁନା(୪୦)ଏବଂ ସରଜଙ୍ଗ ସାହିର ବିରଞ୍ଚି ନାଏକଙ୍କ ପୁଅ ସାମିଲ ଥିଲେ । ପୋଲିସ ସେମାନଙ୍କୁ ଗିରଫ କରି ପଚରାଉଚରା କରିବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା । ପୋଲିସ ସେମାନଙ୍କ ଠାରୁ ବିଭିନ୍ନ ସାମଗ୍ରୀ ଜବତ କରିଥିବାର ଜଣାପଡିଛି । ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

ଅଫିସ୍ କକ୍ଷରେ କୁମ୍ଭକର୍ଣ୍ଣ ନିଦ୍ରାରେ ବିଏଲ୍‌ସି

ହିନ୍ଦୋଳ, (ସବ୍ୟୁ) : ସରକାରୀ ଦପ୍ତରୀ କାମ କାର୍ଯ୍ୟ ସମୟରେ ଯଦି ବାବୁ ମାନଙ୍କ ଶୟନ କକ୍ଷ ପାଲଟେ ତେବେ ସାଧାରଣ ଲୋକଙ୍କ କାମ କରିବାକୁ ନିଯୁକ୍ତ ବାବୁ ମାନେ କେଉଁଥି ପାଇଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରୁଛି? ଏଭଳି ଏକ ଉଦାହରଣ ସାଜିଛି ସ୍ଥାନିୟ ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଓଡିଶା ଜୀବିକା ମିଶନ ବିଭାଗୀୟ କକ୍ଷରେ । ବିଭାଗର ବିଏଲସି (ଲାଇବ୍ଲିଟ୍ ମୋଟ୍ କୋଡ଼ି ନେଟର) ଭାବେ କାର୍ଯ୍ୟରତ ଲକ୍ଷ୍ମୀଧର ରାଉତ ନାମକ କର୍ମଚାରୀ ଜଣଙ୍କ ଏଭଳି ଶୟନ ମୁଦ୍ରାରେ ନଜରକୁ ଆସିଥିଲେ । ସମୟ ଥିଲା ଦିନ ୩ ଘଟିକା ୪ ମିନିଟ୍ ସମୟ ବାବୁ ମଧ୍ୟାହ୍ନ ଭୋଜନ ଶାରି କୁଆଡେ ଅଫିସକୁ ଆସି ଏଭଳି ସରକାରୀ ଚୌକି ଉପରେ ରାଜକିୟ ଠାଣିରେ ଶୟନ କରିଥିଲେ ।

ଏଭଳି କିଛି ସମୟ ନିଦ୍ରିତ ମୁଦ୍ରାରେ ଶୟନ କରିବା ପରେ ସେଠାରେ ପଚରା ଉଚରା କରିଥିଲେ ମଧ ସହଜରେ ତାଙ୍କ ନିଦ୍ରା ଭଙ୍ଗ ହୋଇ ନଥିଲା । କିଛି ସମୟ ପରେ ଉଠି ପଡି ଆଶ୍ଚର୍ଯ୍ୟ ଚକିତ ହୋଇ ଯାଇଥିଲେ ।

ଏ ସମ୍ପର୍କରେ ପ୍ରତିକ୍ରିୟା ଜାଣିବାକୁ ସମସ୍ତ ପ୍ରମାଣ ସହିତ ବିଡିଓଙ୍କୁ ସାକ୍ଷାତ କରି ପଚାରିବାରେ ସେ ଏନେଇ ତଦନ୍ତ କରିବା ସହିତ କାରଣ ଦର୍ଶାଅ ନୋଟିସ ଜାରୀ କରିବେ ବୋଲି ପ୍ରକାଶ କରିଥଲେ । ଘଟଣା ସମ୍ପର୍କରେ ଜିଲ୍ଲା ବିଭଗୀୟ ପ୍ରକଳ୍ପ ପରିଚାଳକଙ୍କୁ ପଚାରିବାରେ ସେ ସମସ୍ତ ତଥ୍ୟ ପ୍ରମାଣ ମିଳିବା ପରେ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥଲେ ।

ଧର୍ମପରାୟଣା ମହିଳାଙ୍କ ପରଲୋକ

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ପଂଚାୟତ ଅନ୍ତର୍ଗତ ମଝିକା ଗ୍ରାମର କୋକିଳ ସ୍ୱାଇଁ(୬୮ ବର୍ଷ)ଙ୍କର ଗୁରୁବାର ଦିବା ୧.୩୦ମିନିଟ ସମୟରେ ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ହୃଦ୍ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁତ୍ର ଅରୁଣଙ୍କ ସମେତ ପୁତ୍ରବଧୂ , ପାଂଚ ଝିଅ ଜୋଇଁ ତଥା ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ଜଣେ ମିଷ୍ଟଭାଷୀ, ସରଳ ତଥା ଧାର୍ମିକା ମହିଳା ଭାବରେ ସେ ଆଖପାଖ ଅଂଚଳରେ ପରିଚିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ।

ସମିତିସଭ୍ୟ ଦେବକାନ୍ତ ରଣଭୋଇଁସାଙ୍କ ପରଲୋକ

ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁଣହାଣ୍ଡି ପଞ୍ଚାୟତର ସମିତିସଭ୍ୟ ଦେବକାନ୍ତ ରଣଭୋଇଁସାଙ୍କ ପରଲୋକ ହୋଇଯାଇଛି । ତାଙ୍କ ପରଲୋକ ଖବର ଶୁଣି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକ ବାର୍ତ୍ତା ଦେଇଛନ୍ତି । ଶୋକ ବାର୍ତ୍ତାରେ ଜନପ୍ରତିନିଧି ଭାବରେ ତାଙ୍କର କାର୍ଯ୍ୟକ୍ରମ ସବୁଦିନେ ପଞ୍ଚାୟତବାସୀ ମନେ ରଖିବେ ଓ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି କହିଛନ୍ତି । ସେହିପରି ଭାବରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ତାଙ୍କ ବାସସ୍ଥାନକୁ ଆସି ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ରଣଭୋଇଁସାଙ୍କ ଖବର ପ୍ରଚାରିତ ହେଲା ପରେ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

ଜିଲ୍ଲାର ୧ଲକ୍ଷ ୬ ହଜାର ୬୪୨ ଚାଷୀଙ୍କ ଖାତାକୁ ପଠାଗଲା ଟଙ୍କା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ଚାଷୀମାନଙ୍କୁ କେନ୍ଦ୍ର ସରକାର ପିଏମ୍ କିଷାନ ଉତ୍ସବ ଦିବସ ଅବସରରେ ୨୪ ତମ କିସ୍ତି ପ୍ରଦାନ କରିଛନ୍ତି । ଫଳରେ ଜିଲ୍ଲାର ୧,୦୬,୬୪୨ ଜଣ ଚାଷୀ ଭାଇ ଭଉଣୀ ଉପକୃତ ହେବେ ବୋଲି ଜଣାପଡିଛି । ପି.ଏମ୍. କିଷାନ ଦିବସ ପାଳନ ଅବସରରେ ଆଜି ଗୁଜୁରାଟର ବନାସକାଣ୍ଠା ଠାରେ ଆୟୋଜିତ ଉତ୍ସବ ସ୍ଥଳରୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ରବି ଋତୁ ଫସଲ ପାଇଁ ଦେଶର ୯ କୋଟି ୩୪ ଲକ୍ଷରୁ ଉର୍ଦ୍ଧ କିଷାନ ଭାଇ-ଭଉଣୀମାନଙ୍କୁ ୧୮,୬୯୦ କୋଟିରୁ ଉର୍ଦ୍ଧ ସହାୟତା ରାଶି ଡ଼ି.ବି.ଟି. ମାଧ୍ୟମରେ ୨୪ ତମ କିସ୍ତି ପ୍ରଦାନ କରିଛନ୍ତି । ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଓୟୁଏଟିର କୃଷି ଶିକ୍ଷା ସଦନ ଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା ଦ୍ୱାରା ଓଡ଼ିଶାର ୩୫ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ଉପକୃତ ହେବେ ବୋଲି କହିଛନ୍ତି । ପ୍ରାୟ ୭ଶହ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ଡ଼ି.ବି.ଟି. ମାଧ୍ୟମରେ ହସ୍ତାନ୍ତର କରାଯାଇଛି । କ୍ଷୁଦ୍ର ଚାଷୀ ଭାଇ ଭଉଣୀମାନେ ଏହି ଅର୍ଥ ରାଶି ବିନିଯୋଗ କରି ବିବିଧ ଫସଲ ଉତ୍ପାଦନ କରି ଲାଭାନ୍ୱିତ ହେବା ସହ ରାଜ୍ୟର ଉନ୍ନତିରେ ସହାୟକ ହେବାକୁ କହିଥିଲେ । ଏହି ଉପଲକ୍ଷେ ଆଜି ପୂର୍ବାହ୍ନରେ ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଲଳିତ ମୋହନ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରବି ଫସଲ ପାଇଁ ଜିଲ୍ଲାର ୧ ଲକ୍ଷ ୬ ହଜାର ୬୪୨ ଜଣ ଚାଷୀ ଭାଇ ଭଉଣୀ ୨ ହଜାର ଟଙ୍କା ଲେଖାଏଁ ପି.ଏମ୍. କିଷାନ ସହାୟତା ରାଶି ପାଇବେ ବୋଲି ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ପଡ଼ିହାରୀ ପ୍ରକାଶ କରିଥିଲେ । ଏହି ସଭାରେ ଜିଲ୍ଲାର ବହୁ ସଂଖ୍ୟକ ଚାଷୀ ଭାଇ ଭଉଣୀମାନେ ଉପସ୍ଥିତ ଥିଲେ ।

ଯୌତୁକ ପ୍ରଥା ନିରାକରଣ ପାଇଁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ଆଇନର କଡ଼ା କାର୍ଯ୍ୟକାରିତା ସହ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ



ଅନୁଗୋଳ, (ସବ୍ୟୁ) : ସମାଜରୁ ଯୌତୁକ ପ୍ରଥା ଭଳି ଏକ କୁପ୍ରଥାର ମୂଳୋତ୍ପାଟନ କରିବା ଏବଂ ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାର ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ 'ଯୌତୁକ ନିଷେଧ ଅଧିନିୟମ, ୧୯୬୧' ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୌତୁକ ନିଷେଧ ଆଇନର ଦୃଢ଼ କାର୍ଯ୍ୟକାରିତା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଲଳିତା ଲାକ୍ରା ରିସୋର୍ସ ପର୍ସନ ଭାବେ ଯୋଗଦେଇ ଯୌତୁକର ଆଇନଗତ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଏତଦବ୍ୟତୀତ, ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ଼. ଗୌରବମୟ ପ୍ରଧାନ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ପୂର୍ଣ୍ଣିମା ଉଦଗାତା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀମତୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ସନମ୍ ସ୍ମିତା ସାହୁଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ଓ୍ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେଛ ମହିଳା ଶିକ୍ଷିତ, ସଶକ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ସ୍ୱାଧୀନ ହେଲେ ଯୌତୁକ ପ୍ରଥାର ନିରୋଧ ସମ୍ଭବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା ।

ବିଦ୍ୟୁତ୍ କାଟ୍ ନେଇ ଅସନ୍ତୋଷ

ଆନ୍ଦୋଳନ କରିବେ ଗ୍ରାମବାସୀ

ଠାକୁରଗଡ଼ , (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରେ ଥିବା କିଛି ଜଙ୍ଗଲିଆ ଗାଁ ଗୁଡିକରେ ଏବେ ଅବାଧ ବିଦ୍ୟୁତ କାଟ କରାଯାଉଛି । ବିଶେଷ କରି ଯେଉଁ ଗ୍ରାମ ନିକଟରେ ଜଙ୍ଗଲ ରହିଛି ସେଇ ଗ୍ରାମ ଗୁଡିକକୁ ସନ୍ଧ୍ୟା ହେଲେ ବିଦୃତ କାଟ କରା ଯାଉଛି । ମଇ ମୁରା ଗ୍ରାମରେ କିଛି ଦିନ ହେବ ବାରମ୍ବାର ବିଦ୍ୟୁତ କାଟ କରା ଯାଉଥିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ଜନ୍ତୁ ଶିକାର ରୋକିବା ଦର୍ଶାଇ ବିଦ୍ୟୁତ କାଟ କରୁଥିବା ସଫେଇ ଦେଉଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟୁତ କାଟକୁ ନେଇ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ କରିବା ସହ ବଇଣ୍ଡା କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଶୁକ୍ରବାର ଦିନ ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ଏନେଇ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଆଠମଲ୍ଲିକ ଉପ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି ।

ଗ୍ରାମବାସୀ କହିଛନ୍ତି ଯେ, ଆନନ୍ଦପୁର ଦେଇ ଏହି ଅଞ୍ଚଳକୁ ବିଦ୍ୟୁତ ସରବରାହ କରା ଯାଇଛି । ଏହି ଗ୍ରାମ ନିକଟରେ ଜଙ୍ଗଲ ଥିବା ବେଳେ ୧୧ କେଭି ବିଦ୍ୟୁତ ତାର ମଧ୍ୟ ଯାଇଛି । ହେଲେ ବିଦ୍ୟୁତ ବିଭାଗ ଜାଣି ଶୁଣି ଏହି ଅଞ୍ଚଳକୁ ସନ୍ଧ୍ୟା ୭ ଟା ରୁ ସକାଳ ୫ ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ କରା ଯାଉଛି । ଏ ପରିକି ଦିନ ସମୟରେ ମଧ କୌଣସି କାରଣ ନଥାଇ ୪/୫ ଥର ବିଦୃତ କାଟ କରାଯାଉଛି । ଏଭଳି ବିଦୃତ କାଟ କରା ଯାଉଛି ଯେ, ସନ୍ଧ୍ୟା ସମୟରେ ଛାତ୍ରୀଛାତ୍ରମାନେ ପାଠ ପଢି ପାରୁ ନାହାନ୍ତି ।

ଜଙ୍ଗଲ ଅଧୁଷିତ ଅଞ୍ଚଳ ହୋଇଥିବା ସହ ବିଦ୍ୟୁତ କାଟ ଯୋଗୁଁ ଯୋଗୁଁ ସନ୍ଧ୍ୟା ହେଲେ ଗାଁରେ ପଡୁଛି ତାଟି କବାଟ । ଲୋକେ ସନ୍ଧ୍ୟା ହେଲେ ଅନ୍ଧାରରେ ଘରୁ ବାହାରିବାକୁ ଉଚିତ ମନେ କରୁନାହାନ୍ତି । ଅନ୍ଧାରର ସୁଯୋଗ ନେଇ ମଧ୍ୟ ଚୋରି ହେଉଛି । ତୁରନ୍ତ ଏଥିପ୍ରତି ବିଦ୍ୟୁତ ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ବିଦ୍ୟୁତ ସେବା ୨୪ ଘଣ୍ଟିଆ ଯୋଗାଇ ନଦେଲେ ଆଗାମୀ ଦିନରେ ବଇଣ୍ଡା ଓ ଆନନ୍ଦପୁର ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନି ଦିଆ ଯାଇଛି ।

ନାଲକୋ-ତାଳଚେର ରାସ୍ତା ମଦୁଆଙ୍କ ଆଡ୍ଡା : ସ୍କୁଲ ଛାତ୍ରଛାତ୍ରୀ ହନ୍ତସନ୍ତ

ବଁଅରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ନାଲକୋ ନଗର ଥାନା ଅଞ୍ଚଳରେ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବାରୁ ନିଶାଡି ମାନଙ୍କ ଉତ୍ପାତ ଯୋଗୁଁ ଜନସାଧାରଣ ଅତିଷ୍ଠ ହୋଇ ପଡିଲେଣି । ସୂଚନାଯୋଗ୍ୟ କି ନାଲକୋ-ତାଳଚେର ରାସ୍ତାର ଏଫ୍‌ସିଆଇ ଛକ, ସେଣ୍ଟ୍ରାଲ ମାର୍କେଟ, ଗିରାଙ୍ଗ ଛକ ଓ ବଳରାମପ୍ରସାଦ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜମି ଉପରେ ଗଢିଉଠିଛି ହୋଟେଲ, ଢାବା ଓ ମଦୁଆଙ୍କ ପାଇଁ ଚାଖଣା ଦୋକାନ । ଏଠାରେ ଅପରାଧୀ ମାନେ ବସି ମଦ୍ୟପାନ କରିବା ସହିତ ବିଭିନ୍ନ ସ୍ଥାନରେ ଚୋରି, ଡକାୟତି ଓ ଛିନିତେଇ ଭଳି କାର୍ଯ୍ୟ କରିବାକୁ ପ୍ରସ୍ତୁତି କରିଥାଆନ୍ତି । ଉକ୍ତ ରାସ୍ତା ଉପରେ ତାଳଚେର, ଥର୍ମାଲ, ନାଲକୋ କଲୋନୀ ବାସିନ୍ଦା ଓ ସ୍ଥାନୀୟ ଜନସାଧାରଣ ନିର୍ଭରଶୀଳ କିନ୍ତୁ ପ୍ରଶାସନ ରାସ୍ତାର ଉନ୍ନତି ଓ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନଥିବାରୁ ଏଫ୍‌ସିଆଇ ଛକଠାରୁ ଗିରାଙ୍ଗ ଛକ ପର୍ଯ୍ୟନ୍ତ ସରକାରୀ ଜମି ଉପରେ ସ୍ଥାନୀୟ ଗାଁର କିଛି ବ୍ୟକ୍ତି ଦୋକାନ ଘର ନିର୍ମାଣ କରି ଜିଲ୍ଲା ଓ ରାଜ୍ୟ ବାହାର ଲୋକଙ୍କୁ ଭଡା ସୂତ୍ରରେ ଦେଇ ମୋଟା ଅଙ୍କର ମୁନାଫା କମାଉଛନ୍ତି । ଫଳରେ ମାଛ ମାଂସ, କବାଡି ଦୋକାନ ହୋଟେଲ, ଫଳ, ପନିପରିବା ଭଳି ଅନେକ ଛୋଟ ବଡ଼ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିବା ବେଳେ ଗୋଟିଏ ସ୍ଥାନରେ ଦୁଇଟି ବିଦେଶୀ ମଦ ଦୋକାନ ରହିଥିବାରୁ ଉକ୍ତ ରାସ୍ତାରେ ସବୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଏଥିପାଇଁ ଅନେକ ସମୟରେ ଆମ୍ବୁଲାନ୍ସ, ସ୍କୁଲ ବସ ଅଟକି ରହିବା ସହିତ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଉକ୍ତ ଅଞ୍ଚଳରେ ମଦୁଆଙ୍କ ଉତ୍ପାତ ରାସ୍ତାରେ ଟ୍ରାଫିକ ସମସ୍ୟା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନେ ସାଇକେଲରେ ସ୍କୁଲ କଲେଜ ଯିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ରାସ୍ତାକୁ ବ୍ୟବସାୟୀ ମାନେ ଜବରଦଖଲ କରିଚାଲିଥିବା ବେଳେ କୁମ୍ଭକର୍ଣ୍ଣ ନିଦ୍ରାରେ ପୂର୍ତ୍ତ ବିଭାଗ ସେହିପରି ଉକ୍ତ ଅଞ୍ଚଳରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଥିବା ବେଳେ ନୀରବଦ୍ରଷ୍ଟା ସାଜିଛି ପୋଲିସ । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରୁଛନ୍ତି ।

ପାଲଲହଡ଼ା ଥାନା ବାର୍ଷିକ ପରିଦର୍ଶନ କରି ହାଜିରା ଯାଞ୍ଚ କଲେ ଉପଜିଲ୍ଲାପାଳ

ପାଲଲହଡ଼ା, (ସବ୍ୟୁ) : ସ୍ଥାନୀୟ ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଆଜି ପାଲଲହଡା ଥାନା ବାର୍ଷିକ ପରିଦର୍ଶନ କରି ହାଜିରା ଯାଞ୍ଚ ସମେତ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ମାଧ୍ୟମରେ ପ୍ରତି ଦୁଇ ଘଣ୍ଟାରେ ଅପଡେଟ୍ ହେଉଥିବାର ବାର୍ଷିକ ପରିଦର୍ଶନ ସମୟରେ ଜାଣିବାକୁ ପାଇଥିଲେ । ୫୩୬ ବର୍ଗ ମାଇଲ ଅଞ୍ଚଳର ୧୫୪ଟି ଗାଁରେ ୭ଟି ବିଟ୍ ମାଧ୍ୟମରେ ନିୟମିତ ଗସ୍ତ ଓ ଗୁଇନ୍ଦା ତଥ୍ୟ ସଂଗ୍ରହ କଣ କିପରି କରାଯାଉଛି ତାର ମଧ ତଦାରଖ କରିଥିଲେ ।

ନିଖୋଜ ବ୍ୟକ୍ତି ଚିହ୍ନଟ କ୍ଷେତ୍ରରେ ପାଲଲହଡ଼ା ଥାନାର ଉଲ୍ଲେଖନୀୟ ସଫଳତା ହାସଲ ଦେଖି ଶ୍ରୀଯୁକ୍ତ ପଟେଲ ଚକିତ ହୋଇଯାଇଥିଲେ , ଯେଉଁଥିରେ ୨୦୨୪ ରୁ ମୋଟ ୬୭ଟି ମାମଲା ମଧ୍ୟରୁ ୬୩ଟି ଚିହ୍ନଟ କରାଯାଇଥିବାର ଦେଖିବାକୁ ପାଇଥିଲେ । ଏହାପରେ ଶ୍ରୀଯୁକ୍ତ ପଟେଲ ସ୍ଥାନୀୟ ଉପ-କାରାଗାର ପରିଦର୍ଶନ ସମୟରେ ଏହା ୧୯୨୫ ମସିହାରେ ପ୍ରତିଷ୍ଠିତ ୨.୫୮୦ ଏକର ପରିସରରେ ୫୮ ଜଣ କ୍ଷମତା ବିଶିଷ୍ଟ ଏବଂ ବର୍ତ୍ତମାନ ୧୦ ଜଣ ଅନ୍ତେବାସୀ ରହିଛନ୍ତି ବୋଲି ଜାଣିବାକୁ ପାଇଥିଲେ । ସମସ୍ତ ଓ୍ୱାର୍ଡରେ ଆଲୋକ ଓ ସାଇଲେଣ୍ଟ ଜେନେରେଟର ବ୍ୟବସ୍ଥା କାର୍ଯ୍ୟକ୍ଷମଥିବାର ଦେଖିଥିଲେ ।

ଅନ୍ତେବାସୀଙ୍କ ପାଇଁ ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା, ମନୋରଞ୍ଜନ ପାଇଁ ଏଲଇଡି ଟିଭି ଓ ଖେଳ ସାମଗ୍ରୀ, ସତ୍ୟ ସାଇ ସେବା ସଙ୍ଗଠନ ଓ ଓଁ ଶାନ୍ତି ଦ୍ୱାରା ଯୋଗ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ପରିବାର ସହ ଯୋଗାଯୋଗ ପାଇଁ ଟେଲିଫୋନ୍ ସୁବିଧା, ସିସିଟିଭି ନଜର ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣ, ଅନୁଗୁଳ ଦ୍ୱାରା ଆଇନଗତ ସହାୟତା ସନ୍ତୋଷଜନକ ଭାବେ ଉପଲବ୍ଧ ଥିବାର ଦେଖିବାକୁ ପାଇଥିଲେ । ଉପଜିଲ୍ଲାପାଳଙ୍କ ଏହି ପରିଦର୍ଶନ କାଳରେ ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶୋଭିତ କୁମାର ବିସିଙ୍କ ସମେତ ରାଜସ୍ୱ ବରିଷ୍ଠ ସହାୟକ ଗୁଲସନ କୁମାର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ ।

ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ



ପାଲଲହଡା, (ସବ୍ୟୁ) : ଗତ ମଙ୍ଗଳବାରଠାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ପାଲଲହଡା ଷ୍ଟାଡିଅମ ପରିସରରେ ଚାଲିଥିବା ୩୮ତମ ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଥିଲା ଚତୁର୍ଥ ତଥା ଗ୍ରୁପ-ବି'ର ପ୍ରଥମ ମ୍ୟାଚ । ଆଜିର ଏହି ମ୍ୟାଚ ଅତ୍ୟନ୍ତ ଆକର୍ଷଣୀୟ ଓ ସଂଘର୍ଷପୂର୍ଣ୍ଣ ଥିଲା । ଦୀର୍ଘ ଦେଢ଼ ଘଣ୍ଟା ଖେଳ ସତ୍ୱେ ଉଭୟ ଦଳ କେହି କାହାରିକୁ ଗୋଟିଏ ବି ଗୋଲ ସ୍କୋର କରିନପାରିବାରୁ ଶେଷ ପର୍ଯ୍ୟନ୍ତ ଖେଳ ଅମୀମାଂଶିତ ରହିଥିଲା । ଶେଷରେ ଟାଇବ୍ରେକର ଯୋଗେ ମଧ ଖେଳ ଅମୀମାଂଶିତ ରହିବାରୁ ସର୍ବ ଶେଷରେ ଷଡ଼ନ ଡେଥରେ ଅନୁଗୁଳ ଫୁଟବଲ କ୍ଲବ ଝାରସୁଗୁଡା ଆଦର୍ଶ କ୍ଲବକୁ ୩ ଦୁଇ ଗୋଲରେ ପରାସ୍ତ କରି ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି ।

ଅନୁଗୁଳ ଫୁଟବଲ କ୍ଲବର ମହେଶ ବେହେରା ଉତ୍ତମ ଖେଳ ପ୍ରଦର୍ଶନ କରି ଅନୁଗୁଳ ଦଳକୁ ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଆୟୋଜକ କମିଟି ପକ୍ଷରୁ ମେନ ଅଫ ଦି ମ୍ୟାଚ ଭାବେ ମନୋନୀତ କରାଯାଇ ଆଜିର ମୁଖ୍ୟ ଅତିଥି ଉପଖଣ୍ଡ କର୍ତ୍ତବ୍ୟରତ ସାମ୍ବାଦିକ ସଙ୍ଘର ସଭାପତି ତଥା ସମୟ ସାମ୍ବାଦିକ ଖଗେଶ୍ୱର ଦାଶ, ସମ୍ମାନିତ ଅତିଥି ସଙ୍ଘର ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଆଡ଼ଭୋକେଟ ରବିନାରାୟଣ ପ୍ରଧାନ, ପ୍ରମେୟର ବୁବୁ ପାଳ ଏବଂ ବ୍ଲକସ୍ତରୀୟ ସାମ୍ବାଦିକ ସଙ୍ଘ ସଭାପତି ଅଜିତ କୁମାର ଖୁଣ୍ଟିଆଙ୍କଠାରୁ ସ୍ଥାନୀୟ ଏଚଡିଏଫସି ବ୍ୟାଙ୍କ ପ୍ରାୟୋଜିତ ନଗଦ ଅର୍ଥରାଶି ଗ୍ରହଣ କରିଥିଲେ ।

ଆଜିର ମ୍ୟାଚକୁ ଓଡ଼ିଶାର ଖ୍ୟାତନାମା ରାଜ୍ୟସ୍ତରୀୟ ରେଫରୀ ଉତ୍କଳମଣି ବେହେରା, ସୁଜିତ ପାତ୍ର, ସଲିଳ ବେହେରା ପ୍ରମୁଖ ଖେଳକୁ ପରିଚାଳନା କରିଥିବାବେଳେ ଆୟୋଜକ ପାଲଲହଡା କପର ସଭାପତି ଇଞ୍ଜିନିଅର ନୀଳାମ୍ବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚର ଧାରବିବରଣୀ ବରିଷ୍ଠ ଖେଳାଳି ଅଭୟ କୁମାର ନାଏକ ଓ ହରିହର ବେହେରା ପ୍ରଦାନ କରିଥିବାବେଳେ ଆସନ୍ତାକାଲି ଗ୍ରୁପବିର ଦ୍ୱିତୀୟ ମ୍ୟାଚ ରାଇକଳା ରାଇଜିଙ୍ଗଷ୍ଟାର କେନ୍ଦୁଝର ଓ ଚାଇଁବସା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସାଧାରଣ ସମ୍ପାଦକ ଆଶିଷ କୁମାର ସାମଲଙ୍କ ସୂତ୍ରରୁ ପ୍ରକାଶ ।

ସଡ଼କ ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଲେ ଆଇନଜୀବୀ

ତାଳଚେର, (ସବ୍ୟୁ) : ଶୁକ୍ରବାର ସକାଳ ୧୦ଘଟିକା ସମୟରେ ବରିଷ୍ଠ ଆଇନଜିବୀ ବସନ୍ତ ଶତପଥୀ ଘରୁ ବାହାରି ହାଟତୋଟା ସ୍ଥିତ କୋର୍ଟ ଅଭିମୁଖେ ଯାଉଥିବା ସମୟରେ ୧୪୯ନଂ ଜାତୀୟ ରାଜପଥ ବାଙ୍କଧରା ଛକ ନିକଟରେ ଏକଦ୍ରୁତଗାମୀ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ସେ ସ୍କୁଟିରୁ ଛିଟିକି ଅପରପାଶ୍ୱର୍ରେ ପଡ଼ି ଯାଇଥିଲେ । ସୌଭାଗ୍ୟବସତଃ ସେ ଟ୍ରକ ଚକତଳେ ନପଡ଼ି ଅନ୍ୟପାଖେ ପଡ଼ି ଯିବାରୁ ଏକ ବଡ଼ ଦୁର୍ଘଟଣାରୁ ବର୍ତି ଯାଇଛନ୍ତି । ଏହି ଖବର ପ୍ରସାରିତ ହେବାପରେ ତାଳଚେର ଓକିଲ ସଂଘର ସଦସ୍ୟମାନେ ତୁରନ୍ତ ଘଟଣା ସ୍ଥଳର ଫହଚିଥିଲେ । ପୋଲିସ୍ ସହାୟତାରେ ଶ୍ରୀ ଶତପଥୀଙ୍କୁ ସ୍ଥାନୀୟ ଡ଼ାକ୍ତରଖାନାକୁ ପଠାଯିବା ସହ ଆଇନଜିବୀମାନେ ରାସ୍ତାରେ ଧାରଣା ଦେବା ସହ ଅସନ୍ତୋଷ ପ୍ରକାଶ କରିଥିଲେ । ଘଟଣାକୁ ନେଇ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଟ୍ରକ ଠିଆହୋଇ ରହିଥିଲା । ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀମାନେ ସ୍ଥାନୀୟ ଅଂଚଳକୁ ଆସି ସମ୍ପୂର୍ଣ୍ଣ ରାସ୍ତାର ମରାମତି ନକରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆଇଜିବୀମାନେ ନିଜ ଜିଦରେ ଅଟଳ ରହିଥିଲେ । ପରିସ୍ଥିତ ଜଟିଳ ହେବାରୁ ତାଳଚେର ଏସଡ଼ିପିଓ ଏବଂ ଥାନା ଅଧିକାରୀ ସେଠାରେ ଫହଚି ଓକିଲମାନଙ୍କ ସହ ଆଲୋଚନା କରିଥିଲେ । ପ୍ରକାଶ ଥାଉକି, ଏହି ୧୪୯ ଜାତୀୟ ରାଜପଥରେ ବଡ଼ବଡ଼ ଗର୍ତ୍ତ ହେବାଯୋଗୁଁ ଦୈନିକ ଛୋଟବଡ଼ ଦୁର୍ଘଟଣା ଘଟୁଥିଲେ ହେଁ ଏଥିପ୍ରତି ଏନଏଚଆଇ, ପ୍ରଶାସନ, ଲୋକପ୍ରତିନିଧି ମାନଙ୍କର ଆନ୍ତରିକତା ଅଭାବରୁ ଧନଜୀବନ ସୁରକ୍ଷିତ ନୁହେଁ ବୋଲି ଅଂଚଳରେ ତୀବ୍ର ଉତେଜନା ପ୍ରକାଶ ପାଇବାରେ ଲାଗିଛି । ଏହି ରାଜପଥ ସଂପ୍ରସାରଣ ପାଇଁ ଠିକାକମ୍ପାନୀ ମନମାନି ଯୋଗୁଁ ସପ୍ତାହ ପୂର୍ବରୁ ଜଣକର ଜୀବନ ଯାଇଥିବା ବେଳେ ଆଉ ଜଣେ ବର୍ତମାନ ସୁଦ୍ଧା ଚିକିତ୍ସିତ ହେଉଛନ୍ତି । ସେହିପରି ତାଳବେଡ଼ା ଗ୍ରାମ ଠାରୁ ବଁଅରପାଳ ପର୍ଯ୍ୟନ୍ତ ଏହି ରାଜପଥରେ ପ୍ରାୟ ୧୫ରୁ ୨୦ଜଣଙ୍କର ଜୀବନ ଚାଲିଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠେ, ଦୁର୍ଘଟଣା ଘଟିଗଲା ପରେ ପୋଲିସ୍ ଓ ଏସଡ଼ିପିଓ ଯେପରି ଘଟଣା ସ୍ଥଳରେ ଫହଚି ଏନଏଚଆଇ ବିଭାଗ ଓ ଠିକାସଂସ୍ଥାକୁ ସୁରକ୍ଷା ପ୍ରଦାନ କରୁଛନ୍ତି, ସେହିପରି କାହିଁକି ଯେ, ଦୁର୍ଘଟଣା ପୂର୍ବରୁ ଏହାର ସ୍ଥାୟୀ ସମାଧାନ ନକରି କେବଳ ତାରିଖ ପରେ ତାରିଖ ଦେଇ ମୁଣ୍ଡରୁ ଦୋଷ ହଟାଉଛନ୍ତି ବୋଲି ବୁଦ୍ଧିଜିବୀ ମାନେ ମତପୋଷଣ କରୁଛନ୍ତି।

ତ୍ରିଲୋଚନ ହତ୍ୟାକାଣ୍ଡ ଘଟଣା : ସିନ ରିକ୍ରିଏସନରେ ସତ ବଖାଣିଲେ ଅପରାଧୀ



ଢ଼େଙ୍କିକାଟ,(ସବ୍ୟୁ) : କେନ୍ଦୁଝର ଜିଲା ପାଟଣା ଥାନାରେ କାର୍ଯ୍ୟରତ ମହିଳା କନଷ୍ଟେବଳ ତୁଳସୀ ମହାନ୍ତଙ୍କ ସ୍ୱାମୀ ତଥା ବ୍ୟବସାୟୀ ତ୍ରିଲୋଚନ ମହାନ୍ତଙ୍କ ହତ୍ୟାକାଣ୍ଡର ଏକ ମାସ ପରେ ପୋଲିସ ହତ୍ୟାକାଣ୍ଡ ଉପରୁ ପର୍ଦ୍ଦା ଉଠାଇଛି। ଶୁକ୍ରବାର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବା ପାଇଁ ପୋଲିସ କ୍ରାଇମ ସିନ ରିକ୍ରିଏଶନ କରିଛି। କଡ଼ା ସୁରକ୍ଷା ମଧ୍ୟରେ। ପ୍ରଥମେ ଅପରାଧୀଙ୍କୁ ତ୍ରିଲୋଚନଙ୍କ ଜନସେବା କେନ୍ଦ୍ର ନିକଟରେ ଓହ୍ଲାଯାଇଥିବାବେଳେ ପରେ ହତ୍ୟାକାଣ୍ଡ ସଂଗଠିତ ହୋଇଥିବା ସ୍ଥାନ ନିକଟରେ ଓହ୍ଲାଇ କ୍ରାଇମ ସିନ ରିକ୍ରିଏଶନ କରଯାଇଥିଲା।ଏହି ଘଟଣାରେ ସମ୍ପୃକ୍ତି ଥିବା ୯ ଜଣଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଥିବା କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲ କର ଦାଗୁଡୁ କହିଛାନ୍ତି। ଏମାନଙ୍କ ମଧ୍ୟରେ ୩ ଜଣ ନାବାଳକ ରହିଥିବା ସୂଚନା ଦେଇଛନ୍ତି। ସମସ୍ତେ ଯାଜପୁର ଜିଲାର।ସିନ ରିକ୍ରିଏଶନ ସମୟରେ ଏସ୍ପି ଦାଗୁଡୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ମହାପାତ୍ର, ସ୍ନେହାଶିଷ ସାହୁ, ଏସ୍ଡିପିଓ ଚମ୍ପୁଆ ରଶ୍ମୀରଞ୍ଜନ ସାହୁ, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ପାଟଣା ଥାନାଧିକାରୀ କିରଣ ପ୍ରାସାଦ ସାହୁ, ଇନ୍ସପେକ୍ଟର ମାନସ କୁମାର୍ ମହକୁଳଙ୍କ ସହ ସଦର ଓ ଓ ଟାଉନ ଥାନାଧିକାରୀଙ୍କ ସହ ଅନେକ ପୋଲିସ ଅଧିକାରୀ ସାମିଲ ହୋଇଥିଲେ। ସୂଚନା ଥାଉ କି ଗତ ସେପ୍ଟେମ୍ବର ୨୮ ତାରିଖ ରାତିରେ ତ୍ରିଲୋଚନ ନିଜ ଜନସେବା କେନ୍ଦ୍ର ବନ୍ଦ କରି ପାଟଣା ଥାନାର କନଷ୍ଟେବଳ ସ୍ତ୍ରୀ ତୁଳସୀଙ୍କ କ୍ୱାର୍ଟରକୁ ସବୁଦିନ ଭଳି ଫେରୁଥିବାବେଳେ ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପୋଷି-ପାଟଣା ରାସ୍ତାର ଖୁଣ୍ଟାପଡ଼ା ନିକଟ ଜଙ୍ଗଲର ହନୁମାନ ଛକ ନିକଟରେ ଅଟକାଇ ଲୁଟ ଉଦ୍ୟମ କରିବା ସମୟରେ ତ୍ରିଲୋଚନଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଏହାପରେ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ସହ ଗୁଳିମାରି ତାଙ୍କୁ ହତ୍ୟା କରିଥିଲେ।

କଣ୍ଟିକାରେ ଆତଙ୍କ ଖେଳାଇଲେ ୬ ଦୁର୍ବୃତ୍ତ : ୫ରାଉଣ୍ଡ ଗୁଳି ଚାଳନା

ଅସୁରାଳି,(ସବ୍ୟୁ):ଗୁରୁବାର ରାତିରେ ଧାମନଗର ବ୍ଲକ ରଇପୁର ପଞ୍ଚାୟତସ୍ଥିତ କଣ୍ଟିକା ଗ୍ରାମରୁ ସଶସ୍ତ୍ର ଡକାୟତି ହୋଇଛି। ମୁହଁରେ କଳା ପଟି ବାନ୍ଧିଥିବା ୬ଜଣ ଦୁର୍ବୃତ୍ତ ମାନସ ରାଉତଙ୍କ ଘରେ ପଶି ବନ୍ଧୁକ ଖଣ୍ଡା ଓ ଭୂଜାଲି ଦେଖାଇ ନଗଦ ୪୦ହଜାର ଟଙ୍କା ସହିତ ଆନୁମାନିକ ୫ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି। ଡକାୟତି ହେଉଥିବା ଜାଣି ମାନସଙ୍କ ଘର ନିକଟରେ ପହଂଚିଥିବା ଗାଁ ଲୋକଙ୍କୁ ଘଉଡ଼ାଇବା ଦୁର୍ବୃତ୍ତମାନେ ୫ରାଉଣ୍ଡ ଗୁଳି ଚଳାଇଥିବା ଫେରାର ହୋଇ ଯାଇଥିବା ଜଣାଯାଇଛି। ଧୂଷୁରୀ ପୁଲିସ ରାତିରେ ଘଟଣା ସ୍ଥାନକୁ ଯିବା ପରେ ଆଜି ସାଇଣ୍ଟିଫିକ ଟିମ ସହ ସଂଧାନୀ କୁକୁର ସହାୟତାରେ ତଦନ୍ତ କରିଛି। ଏପରି ଘଟଣା କଣ୍ଟିକା ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ବେତାଳିଗାଁ-ତିହିଡି ରାସ୍ତା କଡରେ ଥିବା ମାନସ ରାଉତଙ୍କ ଘରର କବାଟ ଖୋଲି ତାଙ୍କ ବାପା ପୀତବାସ ପରିସ୍ରା କରିବାକୁ ଆସିଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ୬ ଜଣ ମୁଖା ପିନ୍ଧା ଅଜଣା ବ୍ୟକ୍ତି ଘର ଭିତରକୁ ପଶି ଯାଇଥିଲେ। ଅଧିକ ରାତି ହୋଇ ନଥିବାରୁ ଘର ଲୋକେ ଶୋଇ ନଥିଲେ। ଡ଼କାୟତ ଦଳ ଏହା ମଧ୍ୟରେ ପୀତବାସଙ୍କୁ ମାଡ଼ ମାରିବା ସହ ବନ୍ଧୁକ ଖଣ୍ଡା ଭୂଜାଲି ଲଗାଇ ମାନସଙ୍କ ସ୍ତ୍ରୀ ସୁଚିସ୍ମିତା,ମା ଶାନ୍ତିଲତା,ଭଉଣୀ ସରସ୍ୱତୀ ଏବଂ ଛୋଟ ତାଙ୍କ ପୁଅ ଝିଅ ପିନ୍ଧିଥିବା ସୁନାର ଚେନ ମଙ୍ଗଳସୂତ୍ର କୁଣ୍ଡଳ କାନ ଫୁଲ ମୁଦି ଆଦି ଝିଙ୍କି ନେବା ସହ ଗଡ଼ରେଜ ଆଲମୀରା ଭାଙ୍ଗି ୪୦ହଜାର ଟଙ୍କା ନେଇଥିଲେ। ଡକାୟତ ଘରେ ପଶି ଶଶୁରଙ୍କୁ ମାଡ଼ ମାରୁଥିବାବେଳେ ଭୁବନେଶ୍ୱରରେ ଥିବା ମାନସଙ୍କୁ ସ୍ତ୍ରୀ ଫୋନରେ ଜଣାଇ ଦେଇଥିଲେ। ମାନସ ସଂଗେ ସଂଗେ ଏକଥା ଗାଁ ଲୋକଙ୍କୁ ଜଣାଇବାରୁ କେତେକ ଲୋକ ଘର ନିକଟକୁ ଆସି ଡ଼କାୟତଙ୍କୁ ଘେରିବା ଉଦ୍ୟମ କରିଥିଲେ। ଏକଥା ଜାଣି ଡକାୟତମାନେ ଘର ବାହାରକୁ ଆସି ଧମକ ଦେଇ ୫ରାଉଣ୍ଡ ଗୁଳି ଚାଳନା କରି ବାଇକ ଯୋଗେ ଫେରାର ହୋଇ ଯାଇଥିଲେ। ଡକାୟତି କରିଥିବା ବ୍ୟକ୍ତିମାନେ ମାନସଙ୍କ ନାଁ ମଧ୍ୟ ନେଇଥିଲେ ବୋଲି ପରିବାର ଲୋକେ କହିଛନ୍ତି। ସୂଚନାପାଇ ରାତିରେ ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ସଦଳବଳ ଘଟଣାସ୍ଥଳକୁ ଯିବା ସହ ଆଖପାଖ ଅଂଚଳରେ ପୁଲିସ ଅନୁସନ୍ଧାନ କରିଥିଲେ। ଶୁକ୍ରବାର ପୁଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମ ନେଇ ଅଧିକ ତଦନ୍ତ କରିଛି ଏବଂ ନିକଟରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ମାମଲା ସଂଖ୍ୟା-୪୭୬/୨୬ ରୁଜୁ ହୋଇଛି।

କଳାକାର ଦୋଳଗୋବିନ୍ଦଙ୍କ ୨ କିଡ଼ନୀ ନଷ୍ଟ, ଚିକିତ୍ସାରେ ଅର୍ଥ ବାଧକ

ଭଦ୍ରକ, (ସବ୍ୟୁ): ଜଣେ ତବଲା ବାଦକ ଭାବେ ଜୀବନର ୪୦ ବର୍ଷ ଅତିକ୍ରାନ୍ତ କରି ଭଦ୍ରକ ବ୍ଲକ୍ ଅଧୀନସ୍ଥ କଲେଇ ଗ୍ରାମର ଦୋଳଗୋବିନ୍ଦ ଯେନା (୬୩) ଏବେ କିଡ଼ନୀ ଜନିତ ରୋଗରେ ପୀଡିତ ଥାଇ ଅନ୍ୟର ହାତଟେକା ସହାୟତାରେ ଜୀଇଁ ଚାଲିଛନ୍ତି। ଦୋଳଗୋବିନ୍ଦଙ୍କର ଏବେ କେବଳ କଳାକାର ଭତା ବାବଦକୁ ମାତ୍ର ୨ ହଜାର ଟଙ୍କା ସାହା ଭରସା। ଦୀର୍ଘ ଦୁଇବର୍ଷ ହେବ ସେ ମଧୁମେହ, ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥାଇ ତାଙ୍କର ଦୁଇଟି କିଡନୀ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜମିବାଡି ଶୂନ୍ୟ ଦୋଳଗୋବିନ୍ଦଙ୍କର ଚିକିତ୍ସା ବାବଦକୁ କଟକ ଯାଇ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଲାଣି। ସେ ଦୁଇବର୍ଷ ହେବ ଡାଏଲିସିସ୍ ହୋଇଆସୁଥିବାବେଳେ ତାଙ୍କର ପତ୍ନୀ ବିମଳା ମଧ୍ୟ ରୋଗାଗ୍ରସ୍ତ। ତେଣୁ ଅନ୍ୟର ହାତଟେକା ଅର୍ଥକୁ ସେ ଭରସା କରି ରହିଆସୁଥିବାବେଳେ ସ୍ଥାନୀୟ ଅଂଚଳର କଳାକାର ତଥା ସମାଜସେବୀ ମହେଶ୍ୱର ଲେଙ୍କା ଓ କୃଷ୍ଣ ବେହେରା ଭଳି ବହୁ ବଦାନ୍ୟ ବଯକ୍ତି ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ତାଙ୍କର ଦୁଇପୁତ୍ର ଯଦିଓ ବିବାହିତ, ତେବେ ସେମାନେ ନିଜ ପରିବାର ପ୍ରତିପୋଷଣ କରି ପିତାଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିପାରୁନାହାଁନ୍ତି। ଏଣୁ ରାଜ୍ୟ ଠାରୁ ଆରମ୍ଭ କରି କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ କଳାକାରମାନଙ୍କୁ ପ୍ରାଧାନ୍ୟ ଦେଇଆସୁଥିବାବେଳେ ଜୀବନର ସାୟାହ୍ନରେ ମୃତ୍ୟୁକୁ ଖୁବ୍ ନିକଟରୁ ଦେଖି ଆସୁଥିବା ଦୋଳଗୋବିନ୍ଦଙ୍କ ଚିକିତ୍ସା ପାଇଁ ସରକାର ଉପଯୁକ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଦୋକାନୀଙ୍କ ଉପରେ ଚଢ଼ାଉ : ଜରିମାନା ସହ ପଲିଥିନ ଜବତ

ଧାମନଗର,(ସବ୍ୟୁ) : ଧାମନଗର ଏନଏସି ପକ୍ଷରୁ ବିଭିନ୍ନ ଦୋକନୀଙ୍କ ଉପରେ ଚଢ଼ାଉ କରାଯାଇ ୩ବସ୍ତା ପଲିଥିନ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଏନଏସିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ସହାୟତାରେ ସହରାଂଚଳରେ ଥିବା ବିଭିନ୍ନ ଦୋକାନ ବଜାର ଉପରେ ଚଢ଼ାଉ କରି ଯାଞ୍ଚ କରାଯାଇଥିଲା। ଏହି ସମୟରେ ୩ବସ୍ତା ବେଆଇନ ପଲିଥିନ ଜବତ କରାଯାଇଥିଲା। ଚଢ଼ାଉ ବେଳେ ସହକାରୀ ଯନ୍ତ୍ରୀ ନୀଳକଣ୍ଠ ନାୟକ,ସସ୍ମିତା ନାୟକ,ଶରତ ଦାସ,ମନୋଜ ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ।

ମୁଣ୍ଡାରୀଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବିରେ ବେତନଟୀରେ ବିଶାଳ ଜନସମାବେଶ ଓ ପଦଯାତ୍ରା

ବେତନଟୀ, (ସବ୍ୟୁ) : ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆହ୍ୱାନକ୍ରମେ ମୁଣ୍ଡାରୀଭାଷାର ଅଧିକାର, ସୁରକ୍ଷା, ଅସ୍ମିତା ଏବଂ ଯଥୋଚିତ ସମ୍ମାନ ପାଇଁ ଶୁକ୍ରବାର ବିପୁଳ ଜନସମାବେଶ ସାଙ୍ଗକୁ ବିଶାଳ ପଦଯାତ୍ରା ବେତନଟୀ ବଜାର ପରିକ୍ରମା କରି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମୁଣ୍ଡାରୀ ଭାଷା ଉଲ୍ଲୁଲାନ ଏବେ ଏକ ବ୍ୟାପକ ଜନଆନ୍ଦୋଳନର ରୂପ ନେଇଥିବା ବେଳେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆହ୍ୱାନରେ ଆଜି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ହଜାର ହଜାର ସଂଖ୍ୟାରେ ମୁଣ୍ଡାରୀ ସମ୍ପ୍ରଦାୟର ଶିକ୍ଷାବିତ, ବୁଦ୍ଧିଜୀବୀ, କର୍ମଜୀବି, ଜନପ୍ରତିନିଧିଙ୍କ ସମେତ ଯୁବକ/ଯୁବତୀ ପ୍ରମୁଖ ସାମିଲ ହୋଇଥିଲେ। ମୁଣ୍ଡାସମାଜର ୧୭ଟି ସାମାଜିକ ସଂଗଠନର ସହଯୋଗ ଓ ସମନ୍ୱୟରେ ଗଠିତ ଏହି କମିଟି ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ଗାଁରୁ ବ୍ଲକ, ବ୍ଲକରୁ ଜିଲ୍ଲା ଏବଂ ଜିଲ୍ଲାରୁ ରାଜ୍ୟ ଓ ଜାତୀୟସ୍ତରକୁ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି। ଜନ ଆନ୍ଦୋଳନର ଦୁଇଟି ପ୍ରମୁଖ ଦାବି ମଧ୍ୟରେ ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଏବଂ ଓଡ଼ିଶାର ଦ୍ୱିତୀୟ ରାଜଭାଷା ଭାବେ ସ୍ୱୀକୃତି ପ୍ରଦାନ କରିବା। ଏହି ଦାବିଗୁଡ଼ିକୁ ନେଇ ବେତନଟୀ ବ୍ଲକ ବିଡ଼ିଓଙ୍କ ଜରିଆରେ ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେରେ ସ୍ମାରକପତ୍ର ପ୍ରଦାନ ସାଙ୍ଗକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ବେତନଟୀ ଧର୍ମଶାଳା ଠାରେ ହଜାର ହଜାର ସଂଖ୍ୟାରେ ମୁଣ୍ଡାରୀସମ୍ପ୍ରଦାୟ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବେତନଟୀ ବ୍ଲକଅଫିସ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ବେତନଟୀ ବ୍ଲକର ୧୫ଟି ଗ୍ରାମପଞ୍ଚାୟତରୁ ଆସିଥିବା ହଜାର ହଜାର ସଂଖ୍ୟକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

ପୁରୀରେ ସପରିବାର ଘରେ ପଶିଲା ଚୋର

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା - ରୂପସା ରାସ୍ତାର ପ୍ରିୟାଂଶି ରାଧେ କଲେଜ ସନ୍ନିକଟରେ ଥିବା ଜଣେ ବ୍ୟକ୍ତି ପରିବାର ସହ ଜଗା ଦର୍ଶନ ପାଇଁ ପୁରୀ ଯାଇଥିବା ବେଳେ ତାଙ୍କ ଭଡ଼ା ଘରୁ ବିଳମ୍ବିତ ରାତ୍ରିରେ କଳା କନା ବୁଲାଇଲେ ଚୋର । ମହୁରୀ ସ୍ଥିତ ସୁଶୀଲ କୁମାର ସାହୁଙ୍କ ଘର ଭଡା ନେଇ ଗତ ୩ବର୍ଷରୁ ଉର୍ଦ୍ଧ ସମୟ ଧରି ଉତ୍ତରପ୍ରଦେଶ ରାଜ୍ୟର ଫିରୋଜାବାଦ ଅଞ୍ଚଳର ରାଜ କୁମାର ଜୈନ, ସ୍ତ୍ରୀ ଭାରତୀ ବେହେରା ଏବଂ ୧୦ବର୍ଷୀୟ ପୁଅ ରହି ଆସୁଥିଲେ। ସେ ଗତ ସୋମବାର ପରିବାର ସହ ପୁରୀ ଜଗା ଦର୍ଶନ ପାଇଁ ଯାଇ ଶୁକ୍ରବାର ସକାଳେ ଫେରିଥିଲେ । ସେ ପହଞ୍ଚି ଦେଖିଲା ବେଳକୁ ଘର ତାଲା ଭଙ୍ଗା ଯାଇଛି । ଘର ଭିତରକୁ ଯାଇ ଦେଖିବା ବେଳକୁ ଘରର ଆସବାବପତ୍ର ଏଣେ ତେଣେ ପଡ଼ିରହିଥିବା ବେଳେ ଗଡ଼ରେଜ ଓ କବ ଭଙ୍ଗାଯାଇ ମୂଲ୍ୟବାନ କାଗଜପତ୍ର ଚାରିଆଡ଼େ ପଡ଼ିରହିଛି । ଗଡ଼ରେଜ ଲକରରେ ରାଜକୁମାର କ୍ଷେତ୍ରସନରୀ ସାମଗ୍ରୀ ବିକି ଜମି କିଣିବା ପାଇଁ ରଖିଥିବା ନଗଦ ୩ଲକ୍ଷ ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ମଧ ଦୁର୍ବୃତ୍ତ ଲୁଟି ନେଇଛନ୍ତି । ଏହା ସହ ଉପର ତାଲାରେ ଗୃହ ମାଲିକ ସୁଶୀଲ କୁମାର ସାହୁଙ୍କ ଘରର କବାଟ ଭାଙ୍ଗି ଶୋଇବା ଘରେ ମଧ ଆସବାବପତ୍ର ଏଣେ ତେଣେ ଫିଙ୍ଗିଥିବାର ଦେଖିବାକୁ ମିଳିଥିଲା । ଏନେଇ ରାଜକୁମାର ସଙ୍ଗେ ସଙ୍ଗେ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ବୈଶିଙ୍ଗା ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଅଭିଯୋଗକୁ ଆଧାର କରି ୫୮୭ / ୨୬ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୈଶିଙ୍ଗା ପୁଲିସ ।

ଚୋରି କରି ବନ୍ଧା ହେଲେ ଯୁବକ

ନୀଳଗିରି,(ସବ୍ୟୁ): ଦିନ ଦ୍ୱିପ୍ରହରରେ ନୀଳଗିରୀ ଜେଲ୍ ରାସ୍ତାରେ ନୂତନ କଲ୍ୟାଣ ମଣ୍ଡପ କାମ ଚାଲିଥିବା ବେଳେ ମିସ୍ତ୍ରୀ ତଳେ ରଡ୍ କାଟି କଟର ମେସିନକୁ ତଳେ ରଖି ଦିମହଲାକୁ ରଡ୍ ନେଇ ଯାଇଥିବା ବେଳେ ଜଣେ ଚୋର ତଳେ ଥିବା କଟର ମେସିନ ନେଇ ଯାଇଥିଲା। ପରେ ବହୁ ଖୋଜା ଖୋଜି କରିବା ପରେ ଯୁବକକୁ କାବୁ କରିଥିଲେ। ପରେ ଚୋରକୁ ବାନ୍ଧି ଦେଇଥିବାର ଦେଖିବାକୁ ମିଳିଛି। ଏନେଇ ନୀଳଗିରି ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାର ଜଣାପଡ଼ିଛି।

କୁଲଡ଼ିହା ବନବିଭାଗ କାର୍ଯ୍ୟାଳୟ ମାଲଖାନାରେ ଅଗ୍ନିକାଣ୍ଡ

ନୀଳଗିରି ,(ସବ୍ୟୁ):ନୀଳଗିରିସ୍ଥିତ କୁଲଡ଼ିହା ବନବିଭାଗ କାର୍ଯ୍ୟାଳୟ ପରିସରରେ ଥିବା ମାଲଖାନା(ଗୋଦାମ ଗୃହ)ରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ପ୍ରଚଣ୍ଡଶବ୍ଦକରି ବିସ୍ଫୋରଣ ପରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। ସଙ୍ଗେସଙ୍ଗେ ଅଗ୍ନିଶମବିଭାଗକୁ ଖବର ଦେବାପରେ ନୀଳଗିରି ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିଶମବିଭାଗର ପ୍ରାଥମିକ ତଦନ୍ତ ଅନୁଯାୟୀ ଗୋଦାମଗୃହରେ ଏକ ବାଇକ ବ୍ୟାଟେରୀର ସର୍ଟସର୍କିଟ ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅନୁମାନ କରାଯାଇଛି। ଏହି ଅଗ୍ନିକାଣ୍ଡରେ ୨ଟି ଜବତ ମଟରସାଇକେଲ, ଗୋଟିଏ ତାର୍ପଲିନ୍ ଏବଂ ଗୋଟିଏ ପୁରୁଣା ଟାୟାର ଜଳିଯାଇଥିବା ବିଭାଗୀୟ ପ୍ରେସବିଜ୍ଞପ୍ତିରେ କୁହାଯାଇଛି। ଏହି ମାଲଖାନାରେ ଶିକାରୀଙ୍କ ଠାରୁ ଜବତ ବିସ୍ଫୋରକ ଠାରୁ ଆରମ୍ଭକରି ବନ୍ଧୁକ, ମଟରସାଇକେଲ, ଅନ୍ୟାନ୍ୟ ବହୁ ଶିକାର ସରଞ୍ଜାମ ରହିଥିବା ବେଳେ ଅଳ୍ପକେ ବଡ଼ଧରଣର ଅଘଟଣରୁ ବର୍ତ୍ତିଯାଇଛି। ତେବେ ବିଭାଗୀୟ ପ୍ରେସବାର୍ତ୍ତା ଠାରୁ ଅଧିକ କ୍ଷୟକ୍ଷତି ଘଟିଥିବା ଆକଳନ କରାଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ଅଧିକ ତଦନ୍ତ ଜାରିରହିଥିବା ଏସିଏଫ୍ଓ ମାଣିକେଶ୍ୱରୀ ହାଂସଦା ପ୍ରକାଶ କରିଛନ୍ତି।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



କେନ୍ଦୁଝର ,(ଜିପ୍ର): କେନ୍ଦୁଝର ଜିଲ୍ଲାପାଳ କାର୍ଯ୍ୟାଳୟର ଦରବାର ହଲରେ ଶୁକ୍ରବାରଦିନ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତାର ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଯାଇଛି। ସାଧୁତାରୁ ସମୃଦ୍ଧି ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ସାର୍ବଜନୀନ ଜୀବନ ଏବଂ ପ୍ରଶାସନରେ ସଚ୍ଚୋଟତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଆଚରଣର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ପ୍ରଧାନ, କେନ୍ଦୁଝର ଦୁର୍ନୀତି ନିବାରଣ ବିଭାଗର ଡିଏସପି ସୁଧାଂଶୁ ଶେଖର ପୂଜାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଯୋଗ ଦେଇଥିଲେ।ସଭାକୁ ସମ୍ବୋଧିତ କରି ଅତିଥିମାନେ ଜନସେବାରେ ସାଧୁତା, ସଚ୍ଚୋଟତା ଏବଂ ଉତ୍ତରଦାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପାଳନର ଏକ ଅଂଶ ଭାବେ ଏକ ଜନସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା, ଯେଉଁଥିରେ ସ୍କୁଲ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସେମାନଙ୍କର ପ୍ରଦର୍ଶନ ଏବଂ ଅଂଶଗ୍ରହଣ ପାଇଁ ପୁରସ୍କାର ବିତରଣ କରାଯାଇଥିଲା।

ଭଦ୍ରକର୧.୬୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମିଳିଲା ପିଏମ କିଷାନ ଟଙ୍କା

ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲ୍ଲାରେ ଆଜି ଜିଲ୍ଲାସ୍ତରୀୟ ପିଏମ୍-କିଷାନ ଉତ୍ସବ ଦିବସ ଜିଲ୍ଲା ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍-କିଷାନ ଯୋଜନାର ୨୪ତମ କିସ୍ତିର ଅର୍ଥରାଶି ପ୍ରଦାନ ସମ୍ପର୍କିତ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ପିଏମ୍-କିଷାନ ଯୋଜନାର ୨୪ତମ କିସ୍ତି ଅଧୀନରେ ଭଦ୍ରକ ଜିଲ୍ଲାର ମୋଟ ୧,୬୨,୫୨୪ ଜଣ ଚାଷୀଙ୍କୁ ପ୍ରତ୍ୟେକଙ୍କ ନିମନ୍ତେ ୨ହଜାର ଟଙ୍କା ହିସାବରେ ସର୍ବମୋଟ ୩୨ କୋଟି ୫୦ଲକ୍ଷ ୪୮ହଜାର ଟଙ୍କାର ଆର୍ଥିକ ସହାୟତା ସିଧାସଳଖ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି। ଏହି ଅର୍ଥରାଶି ଚାଷୀମାନଙ୍କୁ ବିହନ,ସାର,କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ କ୍ରୟ ସହିତ କୃଷି ସମ୍ବନ୍ଧୀୟ ଆବଶ୍ୟକତା ପୂରଣରେ ସହାୟକ ହେବ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର ସାମଲ,ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶଶୀଭୂଷଣ ମହାପାତ୍ର,କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ.ସଞ୍ଜୟ କୁମାର,ଜିଲ୍ଲା କୃଷି ଅଧିକାରୀ ପ୍ରୀତିରେଖା ମହାଲିକ ଓ ଯୋଜନା ଅଧିକାରିଣୀ ମୈଥିଳୀ ମିନର୍ଭା ଗିରି ପ୍ରମୁଖ ଯୋଗଦେଇଥିଲେ। ଏଥିସହିତ କୃଷି ବିଭାଗର ବିଭିନ୍ନ ଅଧିକାରୀ,କର୍ମଚାରୀ ଓ ବହୁ ଚାଷୀ ଉପସ୍ଥିତ ଥିଲେ।

ଠାକୁରମୁଣ୍ଡାରେ ବୁଦ୍ଧିଜୀବୀ ସମ୍ମିଳନୀ

ଠାକୁରମୁଣ୍ଡା, (ସବ୍ୟୁ):)ଠାକୁରମୁଣ୍ଡା ଠାରେ ଶୁକ୍ରବାର ଦିନ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ଅରାଜକତା ହଟାଓ-ଲୋକତନ୍ତ୍ର ବଞ୍ଚାଓ' ବାର୍ତ୍ତା ନେଇ ଆୟୋଜିତ ଏହି ସମ୍ମିଳନୀରେ ଶତାଧିକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ସଭାରେ ସଭାପତିତ୍ୱ କରିଥିବାବେଳେ କରଞ୍ଜିଆର ବରିଷ୍ଠ ଆଇନଜୀବୀ କୃପାସିନ୍ଧୁ ମହାନ୍ତ, ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ, କରଞ୍ଜିଆ ପ୍ରେସକ୍ଲବ ସଭାପତି ଉମାଶଙ୍କର ଦାସ,ପୂର୍ବତନ ସରପଞ୍ଚ ଅର୍ଜୁନ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର କବି ବିଷ୍ଣୁ ଶତପଥୀ କହିଥିଲେ, ଗଣତନ୍ତ୍ରରେ ବିଶୃଙ୍ଖଳା ଓ ଅରାଜକତାର ସ୍ଥାନ ନାହିଁ। ବିରୋଧୀ ମତ ଓ ବିଚାରକୁ ସମ୍ମାନ ଦେବା ସହ ନିଜ ବିପକ୍ଷରେ ଯାଇଥିବା ଜନାଦେଶକୁ ମଧ ଆଦର କରି ଜାଣିଲେ ହିଁ ଗଣତନ୍ତ୍ର ସୁସ୍ଥ, ସବଳ ଓ ସଫଳ ହୋଇଥାଏ।ସଭା ପରିଚାଳନା ବିମଳ ସେନାପତି କରିଥିବା ବେଳେ ଯୋଗେନ୍ଦ୍ର କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ପ୍ରାୟ ୫୦୦ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବିରେ ଜନସମାବେଶ


ବେତନଟୀ,(ସବ୍ୟୁ): ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆହ୍ୱାନକ୍ରମେ ମୁଣ୍ଡାରୀଭାଷାର ଅଧିକାର, ସୁରକ୍ଷା, ଅସ୍ମିତା ଏବଂ ଯଥୋଚିତ ସମ୍ମାନ ପାଇଁ ଶୁକ୍ରବାର ବିପୁଳ ଜନସମାବେଶ ସାଙ୍ଗକୁ ବିଶାଳ ପଦଯାତ୍ରା ବେତନଟୀ ବଜାର ପରିକ୍ରମା କରି ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମୁଣ୍ଡାରୀ ଭାଷା ଉଲ୍ଲଲାନ ଏବେ ଏକ ବ୍ୟାପକ ଜନଆନ୍ଦୋଳନର ରୂପ ନେଇଥିବା ବେଳେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ଆହ୍ୱାନରେ ଶୁକ୍ରବାରଦିନ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରୁ ହଜାର ହଜାର ସଂଖ୍ୟାରେ ମୁଣ୍ଡାରୀ ସମ୍ପ୍ରଦାୟର ଶିକ୍ଷାବିତ, ବୁଦ୍ଧିଜୀବୀ, କର୍ମଜୀବି, ଜନପ୍ରତିନିଧିଙ୍କ ସମେତ ଯୁବକ/ଯୁବତୀ ପ୍ରମୁଖ ସାମିଲ ହୋଇଥିଲେ। ମୁଣ୍ଡାସମାଜର ୧୭ଟି ସାମାଜିକ ସଂଗଠନର ସହଯୋଗ ଓ ସମନ୍ୱୟରେ ଗଠିତ ଏହି କମିଟି ମୁଣ୍ଡାରୀ ଭାଷା ଆନ୍ଦୋଳନକୁ ଗାଁରୁ ବ୍ଲକ, ବ୍ଲକରୁ ଜିଲ୍ଲା ଏବଂ ଜିଲ୍ଲାରୁ ରାଜ୍ୟ ଓ ଜାତୀୟସ୍ତରକୁ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛି। ମୁଣ୍ଡାରୀ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଏବଂ ଓଡ଼ିଶାର ଦ୍ୱିତୀୟ ରାଜଭାଷା ଭାବେ ସ୍ୱୀକୃତି ପ୍ରଦାନ କରିବା ଦାବିରେ ବେତନଟୀ ବ୍ଲକ ବିଡ଼ିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେରେ ସ୍ମାରକପତ୍ର ପ୍ରଦାନ ସାଙ୍ଗକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ବେତନଟୀ ଧର୍ମଶାଳା ଠାରେ ହଜାର ହଜାର ସଂଖ୍ୟାରେ ମୁଣ୍ଡାରୀସମ୍ପ୍ରଦାୟ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବେତନଟୀ ବ୍ଲକଅଫିସ ପର୍ଯ୍ୟନ୍ତ ଆସିଥିଲା।

ଲୋକଙ୍କ ଅଜାଣତରେ ପଞ୍ଚାୟତର ନାମ ପରିବର୍ତ୍ତନ

ଯୋଡ଼ା ,(ସବ୍ୟୁ): ଲୋକମାନଙ୍କ ନ ଜଣାଇ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଚମକପୁର ନାମରେ ନାମିତ ଥିବା ଗ୍ରାମପଞ୍ଚାୟତକୁ ଶଙ୍କରପୁର ଗ୍ରାମପଞ୍ଚାୟତ ଭାବେ ପରିବର୍ତ୍ତନ କରାଯାଇଥିବା ଅଭିଯୋଗହୋଇଛି । ଯାହାଫଳରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଉପସ୍ଥାପନ କରି ପଞ୍ଚାୟତ ପରିବର୍ତ୍ତନର ନିଷ୍ପତ୍ତି ଓ ପ୍ରକ୍ରିୟାର ସମୀକ୍ଷା ସହ ଏହାକୁ ସ୍ଥଗିତ ରଖିବାକୁ ପଞ୍ଚାୟତବାସୀଙ୍କ ତରଫରୁ ଦାବି କରାଯାଇଛି ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଚମକପୁର ଗ୍ରାମପଞ୍ଚାୟତର ଅନେକ ପରିବାର କାନୁପୁର ବୃହତ ଜଳସେଚନ ପ୍ରକଳ୍ପ ସହ ଜଡ଼ିତ ବିସ୍ଥାପନ ଓ ପୁନର୍ବାସ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି । ଏପରି ସ୍ଥିତିରେ ପଞ୍ଚାୟତ ପରିବର୍ତ୍ତନ ଯୋଗୁଁ ପ୍ରଭାବିତ ପରିବାରଙ୍କ ନାମ, ଠିକଣା ଓ ସରକାରୀ ଦସ୍ତାବିଜରେ ଅସଙ୍ଗତି ସୃଷ୍ଟି ହେବା ସହ ସହାୟତା ରାଶି ମଞ୍ଜୁରୀ, ବଣ୍ଟନ ଓ ପୁନର୍ବାସ ପ୍ରକ୍ରିୟାରେ ବିଳମ୍ବ ହେବାର ଆଶଙ୍କା ରହିଛି । ତେଣୁ କୌଣସି ବିସ୍ଥାପିତ ପରିବାର ଯେପରି ନିଜର ଆଇନସମ୍ମତ ପ୍ରାପ୍ୟ, ଅନୁମୋଦିତ ସହାୟତା ରାଶି ଓ ପୁନର୍ବାସ ସୁବିଧାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବାକୁ ଦାବି ହୋଇଛି । ଯାହାକୁ ନେଇ ଗତକାଲି ଆଙ୍ଗୁଳିଆସ୍ଥିତ ବିସ୍ଥାପିତ କଲୋନୀରେ ପଞ୍ଚାୟତବାସୀଙ୍କ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ସଭାର ଆୟୋଜନ କରାଯାଇଥିଲା । ଅପରପକ୍ଷରେ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମପଞ୍ଚାୟତ ପରିବର୍ତ୍ତନ କେବଳ ପ୍ରଶାସନିକ ନିଷ୍ପତ୍ତି ନୁହେଁ ଏହା ସ୍ଥାନୀୟ ବିକାଶ, ସରକାରୀ ଯୋଜନାର ସୁଫଳ ଓ ସାଧାରଣ ଲୋକଙ୍କ ଦୈନନ୍ଦିନ କାର୍ଯ୍ୟ ସହ ଜଡ଼ିତ । ତେଣୁ ଏପରି ପରିବର୍ତ୍ତନ ପୂର୍ବରୁ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଓ ମତାମତକୁ ବିଚାରକୁ ନେବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ପରିବର୍ତ୍ତନ ସମ୍ପର୍କିତ ସରକାରୀ ଆଦେଶ, ନିୟମ ଓ ଅନୁସରଣ କରାଯାଇଥିବା ପ୍ରକ୍ରିୟାର ଯାଞ୍ଚ କରିବା ସହ ଗ୍ରାମବାସୀଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ଦେବାକୁ ଦାବି କରାଯାଇଛି । ଏଥିସହ ଅଭିଯୋଗର ସମାଧାନ ନହେବା ପର୍ଯ୍ୟନ୍ତ ଏହି ପରିବର୍ତ୍ତନକୁ ସ୍ଥଗିତ ରଖିବାକୁ ଅନୁରୋଧ କରାଯାଇଛି । ଗ୍ରାମବାସୀ ସ୍ପଷ୍ଟ କରିଛନ୍ତି ଯେ ସେମାନେ ବିକାଶ କିମ୍ବା ପ୍ରଶାସନିକ କାର୍ଯ୍ୟର ବିରୋଧୀ ନୁହନ୍ତି । କିନ୍ତୁ ଏହି ପରିବର୍ତ୍ତନ ଯୋଗୁଁ ସାଧାରଣ ଲୋକଙ୍କ ଅଧିକାର ଓ ବିସ୍ଥାପିତ ପରିବାରଙ୍କ ନ୍ୟାୟସଙ୍ଗତ ପ୍ରାପ୍ୟ ଯେପରି ପ୍ରଭାବିତ ନହୁଏ, ତାହା ସୁନିଶ୍ଚିତ କରାଯିବା ମଧ୍ୟ ଆବଶ୍ୟକ । ଏବେ ଏହି ଅଭିଯୋଗ ଉପରେ ଜିଲ୍ଲା ପ୍ରଶାସନ କି ପଦକ୍ଷେପ ଗ୍ରହଣ କରୁଛି, ତାହାକୁ ପଞ୍ଚାୟତବାସୀ ଅପେକ୍ଷା କରିଛନ୍ତି ।

'ମନୋଜ ଦାସ : ବ୍ୟକ୍ତି ଓ କୃତି' ଆଲୋଚନାଚକ୍ର



ବାଲେଶ୍ୱର ,(ସବ୍ୟୁ) :ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା ତଥା ବିଶିଷ୍ଟ ସାହିତ୍ୟିକ ମନୋଜ ଦାସଙ୍କ ଜୀବନ ଓ ସାହିତ୍ୟକୃତିକୁ ନେଇ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସାହିତ୍ୟଅକାଦେମି ଓ ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମନୋଜ ଦାସ : ବ୍ୟକ୍ତି ଓ କୃତି ଶୀର୍ଷକ ଏହି ଆଲୋଚନାଚକ୍ରରେ ମନୋଜ ଦାସଙ୍କ ସାହିତ୍ୟ ସାଧନା, ଜୀବନଦର୍ଶନ ଓ ସୃଜନଶୀଳ ଅବଦାନର ବିଭିନ୍ନ ଦିଗ ଉପରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକମାନେ ଆଲୋକପାତ କରିଥିଲେ। ଆୟୋଜିତ ଉଦ୍ଘାଟନୀ ଅଧିବେଶନରେ ସାହିତ୍ୟ ଅକାଦେମିର କୋଲକାତାସ୍ଥିତ ସହାୟକ ସମ୍ପାଦକ ଶେଷଦେବ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ।ବିଶିଷ୍ଟ ସାହିତ୍ୟିକ କାଳୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ବିଷୟ ସମ୍ବନ୍ଧିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସାହିତ୍ୟ ଅକାଦେମିର ଓଡ଼ିଆ ପରାମର୍ଶଦାତା ମଣ୍ଡଳୀର ଆବାହକ ଗୌରହରି ଦାସ ଅଧିବେଶନରେ ଅଧ୍ୟକ୍ଷତା କରି ମନୋଜ ଦାସ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ଼କ୍ଟର ଜୟନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ ଓ ଡ଼କ୍ଟର ପ୍ରହ୍ଲାଦ ଖିଲ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ପ୍ରଭାସ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଅରବିନ୍ଦ ରାୟ, ଅରୁଣ କୁମାର ସାହୁ ଓ ମନୋଜ କୁମାର ପଣ୍ଡା ମନୋଜ ଦାସଙ୍କ ସାହିତ୍ୟକୃତିର ବିଭିନ୍ନ ଦିଗ ଉପରେ ନିଜସ୍ୱ ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସାହିତ୍ୟିକ ସୁଭାଷ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଓ ସୈରିନ୍ଧ୍ରୀ ସାହୁ ପ୍ରମୁଖ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନ କରିଥିଲେ।ଏହି ଆଲୋଚନାଚକ୍ର ମାଧ୍ୟମରେ ମନୋଜ ଦାସଙ୍କ ବହୁମୁଖୀ ସାହିତ୍ୟ ପ୍ରତିଭା, ଚିନ୍ତାଧାରା ଓ ସାହିତ୍ୟିକ ଅବଦାନକୁ ପୁନର୍ବାର ଅନୁଧ୍ୟାନ କରିବା ସହ ଓଡ଼ିଆ ସାହିତ୍ୟର ଗୌରବମୟ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବାର ଏକ ସୁଯୋଗ ସୃଷ୍ଟି ହୋଇଥିଲା। ଏଥିରେ ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଓ ସାହିତ୍ୟ ପ୍ରେମୀମାନେ ଯୋଗଦେଇଥିଲେ।

32001/1187/2627

**GOVERNMENT OF ODISHA,
DEPARTMENT OF WATER RESOURCES**

Office of the Superintending Engineer, Mechanical Division, Bhubaneswar.

Email Address: smdivisionbbsr@yahoo.com

TENDER CALL NOTICE NO- 07/2026-27 DATE - 29.10.2026

Sealed tenders are invited from interested reputed Travel Agencies / Tour Operators for providing the following categories of vehicles with driver for official use of officers in the O/o the EIC, WR, Odisha, Secha Sadan, Bhubaneswar on a monthly rent basis. The detailed Tender Documents can be downloaded from https://odisha.gov.in or **https://dowr.odisha.gov.in.**

Tender Publication Date	:	31.10.2026, 11:00 A.M.
Tender Submission Start Date	:	31.10.2026, 11:00 A.M.
Tender Submission Closing Date	:	12.11.2026, 3:00 P.M
Tender Opening Date	:	12.11.2026, 4:00 P.M. Onwards

**Sd/-Superintending Engineer
Mechanical Division,
Bhubaneswar**

OIPR : 32001/32481/1/26-27/0004

30001/140/2627

TENDER NOTICE

AUCTION SALE OF SEIZED QUARTZITE

Office of the Deputy Director of Mines, Baripada Mining Circle, Odisha Tender Notice No: 2285 / Mines | Date: 28/10/2026

Sealed tenders on plain paper are invited from license holders under OMPTS Rules, 2025, for disposal of 3876.474 MT of seized Quartzite lying at different sites in Baripada Circle on an "As is where is basis".

- Total Offset Price : Rs. 33,02,452/-
- Total E.M.D. Required : Rs. 3,30,246/- (via Demand Draft)
- Last Date for Submission : 20.11.2026 up to 5:00 PM
- Tender Opening Date : 21.11.2026 at 11:00 AM

Bidders must sign the register desk logbook when dropping bids into the Tender Box. For detailed schedules, site locations, and terms, please visit the official district website: **https://mayurbhanj.odisha.gov.in.**

**Sd/-
Deputy Director of Mines,
Baripada**

OIPR : 30001/30041/1/26-27/0001

3001/68/2627

ଓଡ଼ିଶା ସରକାର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

2024-25, 2025-26 ଓ 2026-27 ଆର୍ଥିକ ବର୍ଷ ପାଇଁ ରାଜା ରାମମୋହନ ରାୟ ପାଠାଗାର ସଂସ୍ଥା ପରିଯୋଜନାରେ ପୁସ୍ତକ କ୍ରୟ ପାଇଁ ସଂଶୋଧିତ ବିଜ୍ଞାପନ

2024-25, 2025-26 ଓ **2026-27** ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସ୍ଥିତ ବେସରକାରୀ ସାର୍ବଜନୀନ ପାଠାଗାରଗୁଡ଼ିକ ପାଇଁ ପୁସ୍ତକ କ୍ରୟ ନିମନ୍ତେ ଇଚ୍ଛୁକ ପ୍ରକାଶକମାନଙ୍କ ଠାରୁ ତା. ୧୦.୦୯.୨୦୨୬ ରିଖ ଠାରୁ ତା. ୩୧.୧୦.୨୦୨୬ ରିଖ (ସରକାରୀ ଛୁଟି ଦିବସ ବ୍ୟତୀତ) ଦିବା ୧୧.୦୦ ଘଟିକା ଠାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ଦରଖାସ୍ତ ସହିତ ନମୁନା ପୁସ୍ତକ ଚୟନ ପାଇଁ ଆହ୍ୱାନ କରାଯାଇଥିଲା । ବର୍ତ୍ତମାନ ଦରଖାସ୍ତ ସହିତ ନମୁନା ପୁସ୍ତକ ଗ୍ରହଣ ତା. ୩୦.୧୧.୨୦୨୬ ରିଖ (ସରକାରୀ ଛୁଟି ଦିବସ ବ୍ୟତୀତ) ପର୍ଯ୍ୟନ୍ତ ବୃଦ୍ଧି କରାଗଲା । ପୁସ୍ତକ ଚୟନ ପାଇଁ ୨୦୨୨ ରୁ ୨୦୨୬ ମଧ୍ୟରେ ପ୍ରକାଶିତ ହୋଇଥିବା ପୁସ୍ତକଗୁଡ଼ିକୁ ବିଚାରକୁ ନିଆଯିବ । ଇଚ୍ଛୁକ ପ୍ରକାଶକମାନେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଆବଶ୍ୟକ ତଥ୍ୟ ଓ ଅଙ୍ଗୀକାର ପତ୍ର ସହିତ ନମୁନା ପୁସ୍ତକ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର (କେଶରୀ ଟକିଜ୍ ସାମ୍ନା), ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧ର 'ବୈଷୟିକ ସେବା ବିଭାଗରେ ଉପରୋକ୍ତ ସମୟ ସୀମା ମଧ୍ୟରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ସୀମା ପରେ ଦରଖାସ୍ତ କିମ୍ବା ପୁସ୍ତକ କୌଣସି ପରିସ୍ଥିତିରେ ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଫର୍ମ, ଅଙ୍ଗୀକାର ପତ୍ର ଓ ପୁସ୍ତକ ଚୟନ ନିୟମାବଳୀ ପାଇଁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ୱେବସାଇଟ୍ **https://culture.odisha.gov.in** ପରିଦର୍ଶନ କରିବାକୁ ଅନୁରୋଧ ।

ସ୍ୱା/- ନିର୍ଦ୍ଦେଶକ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

**GOVERNMENT OF ODISHA
ODIA LANGUAGE, LITERATURE & CULTURE DEPARTMENT
CORIGENT ADVERTISEMENT FOR PURCHASE OF BOOKS UNDER RAJA RAMMOHUN ROY LIBRARY FOUNDATION (RRRLF) SCHEME
FOR THE YEAR. 2024-25. 2025-26 and 2026-27**

Application in the prescribed format along with sample copies of the books are invited from the interested publishers for the year, 2024-25, 2025-26 and 2026-27 for the Non-Government Public Libraries functioning in the Urban and Rural areas of the State of Odisha. The application forms along with the sample books are invited to be submitted at the Technical Services Division of Harekrushna Mahtab State Library (Opposite to Keshan Talkies), Unit-IV, Bhubaneswar-751001, Odisha in between 11.00 AM to 4.00 PM from 10.09.2026 to 31.10.2026 (except Government Holidays]. Now, the last date for receipt of sample book along with application has been extended till 30.11.2026 (excluding public holidays). The books intended for selection should have been published from 2022 to 2026. The books already selected in the previous years need not be submitted again. The applications in the proforma along with the sample books received after the above last date i.e. 30.11.2026 (excluding public holidays) after 4.00 PM shall not be entertained under any circumstances.

The publishers are requested to visit the following website of the Odia Language, Literature & Culture Department, Government of Odisha at https://culture.odisha.gov.in for application form, undertaking, terms and conditions for selection of books.

Director
Deptt. of Odia Language, Literature & Culture

OIPR : 3001/3029/1/26-27/0022

32001/1184/2627

**GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
PODAGADA DAM DIVISION
AT/PO-KHATIGUDA, DIST-NABARANGPUR, PM-764085
Email LP- eepodagadadam@gmail.com**

PAPER PUBLICATION NOTICE

Tender Call Notice No. : - EEPPD-07(01)/2026-27. Date : 26.10.2026

Bid Documents consisting of work, Estimated Cost of bid document, time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1.	Name of the Work	:	Service Providers
2.	No of Works	:	01 (One) Number
3.	Estimated cost	:	Rs. 78,30,210/- (Excluding GST)
4.	Eligibility of the bidders	:	Registered & licensed security service agencies as per Detail Tender Call Notice.
5.	Period of completion	:	150 (One Hundred Fifty) Days
6.	Date of Clarification	:	01.11.2026 to 10.11.2026 Only During Office Hour
7.	Time for receipt of bid in the portal	:	From 01.11.2026 (11.00 AM) to 15,11.2026 (up to 5:00 P.M)
8.	Date & place of opening of the bids on-line	:	16.11.2026 (11:00 AM) O/o The Executive Engineer, Podagada Dam Division, At/Po: Khatiguda, District: Nabarangpur, Pin- 764085, Odisha
9.	Name and address of the Tender Inviting Authority (TIA)	:	Executive Engineer Podagada Dam Division, At/Po: Khatiguda, District: Nabarangpur, Pin- 764085, Odisha

Further details can be seen from the e-procurement portal **http://tendersodisha.gov.in**

**Sd/- Executive Engineer
Podagada Dam Division, Khatiguda**

OIPR : 32001/32095/1/26-27/0010

ସମ୍ପାଦକୀୟ



ପ୍ରକୃତିର କ୍ରୋଧ

ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ପିଛା ଛାଡୁନାହିଁ । ଓଡ଼ିଶାରେ ମହାବାତ୍ୟା ଆରମ୍ଭ ହେଲା ଗତ ୧୯୯୯ ଅକ୍ଟୋବର ୧୮ରେ ଗଞ୍ଜାମ ଜିଲ୍ଲାରୁ । ତା'ପରେ ତାହାର କରାଳ ରୂପ ପ୍ରଦର୍ଶନ କରିଦେଲା ଉପକୂଳ ଓଡ଼ିଶାରେ ଏହାର ୧୦ ଦିନ ପରେ–ଅକ୍ଟୋବର ୨୯ରେ । ଏହାର ପ୍ରାୟ ୧୪ ବର୍ଷ ପରେ ଫାଇଲିନ ବାତ୍ୟା ଆସିଲା ୨୦୧୩ ଅକ୍ଟୋବର ୧୨ ତାରିଖରେ । ତା'ପରେ ୨୦୧୪ ଅକ୍ଟୋବର ୧୨ରେ ହୁଦ୍‌ହୁଦ୍, ୨୦୧୮ ଅକ୍ଟୋବର ୧୧ରେ ତିତିଲି, ୨୦୧୯ ମେ' ୩ରେ ଫନି, ୨୦୧୯ ନଭେମ୍ବର ୯ରେ ବୁଲବୁଲ, ୨୦୨୦ ମେ' ୨୦ରେ ଆମଫାନ, ୨୦୨୧ ମେ' ୨୬ରେ ୟାସ, ୨୦୨୧ ସେପ୍ଟେମ୍ବର ୨୬ରେ ଗୁଲାବ, ୨୦୨୧ ଡିସେମ୍ବର ୪ରେ ଜୱାଦ, ୨୦୨୪ ଅକ୍ଟୋବର ୨୪ରେ ଦାନା, ୨୦୨୫ ଅକ୍ଟୋବର ୨୮ରେ ମୋନଥା, ଚଳିତ ଅକ୍ଟୋବର ମାସ ୨୬ (୨୦୨୬)ରେ ଅର୍ଣ୍ଣବ ଓଡ଼ିଶାକୁ ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି । କେନ୍ଦ୍ରର ବାଜପେୟୀ ସରକାରଙ୍କ ସହ ହାତ ମିଳାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଡ଼ିଶାରେ ୨୦୦୦ ପୂର୍ବ ବର୍ଷରୁ ହୋଇଥିବା ୧୯୯୯ର ମହାବାତ୍ୟାର ମୁକାବିଲା କରିପାରି ଥିଲେ । ଏବେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ବିଜେପି ସରକାର ଓ ଓଡ଼ିଶାରେ ମୋହନ ଚରଣ ମାଝୀଙ୍କର ମଧ୍ୟ ବିଜେପି ସରକାର। ବାତ୍ୟାର ମୁକାବିଲା କେବଳ ନୁହେଁ, ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଲାଗି ମୋଦିଜୀ ଚାହୁଁଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସମସ୍ୟାବହୁଳ ଓଡ଼ିଶାକୁ ସମସ୍ୟାମୁକ୍ତ କରି ଓଡ଼ିଶାର ବିକାଶ ପାଇଁ ଲାଗିପଡ଼ିଛନ୍ତି । ଏବେ ନବୀନ ବାବୁ ରାଜ୍ୟର ବିରୋଧୀ ଦଳର ନେତା । ତେଣୁ ରାଜ୍ୟ ସରକାରଙ୍କ ସହ ହାତ ମିଳାଇ ଏହି ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକାର କରିପାରନ୍ତେ। ଉଭୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଏବର ମୁଖ୍ୟମନ୍ତ୍ରୀଙ୍କର ପ୍ରାକୃତିକ ବିପର୍ଯ୍ୟୟ, ତାହାର ମୁକାବିଲା ଓ ପ୍ରତିକାର କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ରହିଛି । ଅବଶ୍ୟ କଂଗ୍ରେସ ଦଳ ମଧ୍ୟ ଏଥିରେ ସାମିଲ ହୋଇପାରନ୍ତା । ରାଜ୍ୟର ସ୍ୱାର୍ଥ, ରାଜନୀତିକ ସ୍ୱାର୍ଥ ବା ବ୍ୟକ୍ତିଗତ ସ୍ୱାର୍ଥଠାରୁ ଖୁବ୍ ଊର୍ଦ୍ଧ୍ୱରେ । ତେଣୁ ରାଜ୍ୟର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ ।

ଏବେ ନବୀନ ବାବୁ ରାଜ୍ୟର ବିରୋଧୀ ଦଳର ନେତା । ତେଣୁ ରାଜ୍ୟ ସରକାରଙ୍କ ସହ ହାତ ମିଳାଇ ଏହି ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକାର କରିପାରନ୍ତେ । ଉଭୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଏବର ମୁଖ୍ୟମନ୍ତ୍ରୀଙ୍କର ପ୍ରାକୃତିକ ବିପର୍ଯ୍ୟୟ, ତାହାର ମୁକାବିଲା ଓ ପ୍ରତିକାର କ୍ଷେତ୍ରରେ ଯଥେଷ୍ଟ ଅଭିଜ୍ଞତା ରହିଛି । ଅବଶ୍ୟ କଂଗ୍ରେସ ଦଳ ମଧ୍ୟ ଏଥିରେ ସାମିଲ ହୋଇପାରନ୍ତା । ରାଜ୍ୟର ସ୍ୱାର୍ଥ, ରାଜନୀତିକ ସ୍ୱାର୍ଥ ବା ବ୍ୟକ୍ତିଗତ ସ୍ୱାର୍ଥଠାରୁ ଖୁବ୍ ଊର୍ଦ୍ଧ୍ୱରେ । ତେଣୁ ରାଜ୍ୟର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ ।

ଅର୍ଣ୍ଣବ ବାତ୍ୟା ରାଜ୍ୟର ୨ଟି ଜିଲ୍ଲା ଯଥା ଗଞ୍ଜାମ ଓ ଗଜପତିରେ ପ୍ରଭୂତ କ୍ଷୟକ୍ଷତି କରିସାରିଛି। ପ୍ରବଳ ବର୍ଷା ଓ ଋଷିକୂଲ୍ୟା ଓ ବଡ଼ନଦୀର ବନ୍ୟା ଯୋଗୁଁ ସେହି ଅଞ୍ଚଳର ପ୍ରାୟ ୬୦,୦୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ବନ୍ୟାପ୍ରଭାବିତ ଅଞ୍ଚଳକୁ ଗସ୍ତ କରିଛନ୍ତି । ବିରୋଧୀ ଦଳର ନେତା ଶ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗଞ୍ଜାମ ଅଞ୍ଚଳ ଗସ୍ତ କରିପାରନ୍ତେ। ପାତ୍ରପୁରରେ ୫୬୪ ମିଲିମିଟର ଓ ସୋରଡ଼ା ୫୦୩ ମିଲିମିଟର ବର୍ଷା ଗତ ଗୁରୁବାର ରେକର୍ଡ ହୋଇଥିବା ଯୋଗୁଁ ଏପରି ଦୟନୀୟ ପରିସ୍ଥିତି ସୃଷ୍ଟି ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ଏ ପରିସ୍ଥିତି ବିଷୟରେ କଥା ହୋଇଛନ୍ତି ଓ ପ୍ରଧାନମନ୍ତ୍ରୀଙ୍କୁ ସେ ଏ ବିଷୟରେ ଅବଗତ କରିବେ । ରାଜ୍ୟର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି ଯେ ଏଥର ବାତ୍ୟା ଯୋଗୁଁ ଅତ୍ୟଧିକ ବର୍ଷା ହେବାରୁ ଗଞ୍ଜାମ ଜିଲ୍ଲାର ୪୦ହଜାର ଓ ଗଜପତି ଜିଲ୍ଲାର ୨୦ ହଜାର ଏହିପରି ୬୦ ହଜାର ଲୋକେ ପ୍ରଭାବିତ ହୋଇଛନ୍ତି । ଏହି ବନ୍ୟା ପ୍ରଭାବିତ ରୋଗୀ ଓ ଗର୍ଭବତୀ ମହିଳାମାନଙ୍କୁ ହେଲିକପ୍ଟର ଯୋଗେ ସ୍ଥାନାନ୍ତର କରି ଚିକିତ୍ସା ସୁବିଧା କରାଯାଇ ପାରିଛି। ଏହା ହିଁ ବଡ଼ କଥା । ରାସ୍ତାଘାଟ ବନ୍ଦ, ଟ୍ରେନ୍, ବସ୍, ବ୍ୟୋମଯାନସବୁକୁ ଅନେକ ସ୍ଥାନରେ ବାତିଲ କରାଯାଇଛି । ଜାତୀୟ ରାଜପଥମାନଙ୍କରେ ଟ୍ରକ୍, ବସ୍ ପ୍ରଭୃତି ଅଟକି ରହିଛନ୍ତି । ଧାଡ଼ି ଖୁବ୍ ଲମ୍ବା । ଧୈର୍ଯ୍ୟର ସହିତ ଆମେମାନେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ସହଯୋଗ କରିବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ଦୁର୍ନୀତିମୁକ୍ତ ସମାଜ ପାଇଁ ପଦକ୍ଷେପ



ଦଶରଥ ହେମ୍ବ୍ରମ୍

ସତର୍କତା ଏବଂ ସାଧୁତା ହେଉଛି ଏକ ସୁସ୍ଥ, ସମୃଦ୍ଧ ଓ ଆଦର୍ଶ ସମାଜର ଦୁଇଟି ମୂଳମନ୍ତ୍ର । ସତର୍କତା ଲୋକମାନଙ୍କୁ ଅନିୟମିତତା ଏବଂ ଦୁର୍ନୀତି ପ୍ରତିସଚେତନ କରୁଥିବା ବେଳେ ସାଧୁତା ଲୋକମାନଙ୍କୁ ସତ୍ୟ, ନ୍ୟାୟ ତଥା ନୈତିକତାର ପଥରେ ଚାଲିବାକୁ ପ୍ରେରଣା ଦେଇଥାଏ । ତେଣୁ ଯେଉଁ ସମାଜରେ ସ୍ୱଚ୍ଛତା, ନିରପେକ୍ଷତା ଓ ଦାୟିତ୍ୱବୋଧକୁ ଗୁରୁତ୍ୱ ଦିଆଯାଏ, ସେହି ସମାଜରେ ରହୁଥିବା ଜନସାଧାରଣଙ୍କ ମଧ୍ୟରେ ପରସ୍ପର ବିଶ୍ୱାସ ବୃଦ୍ଧି ପାଇବା ସହିତ ଦେଶର ସାମଗ୍ରିକ ବିକାଶ ସମ୍ଭବହୁଏ । ଏହି ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ଆଗରେ ରଖି ଭାରତରେ ପ୍ରତିବର୍ଷ ସତର୍କତା ସଚେତନତା ସପ୍ତାହ (Vigilance Awareness Week) ପାଳନ କରାଯାଏ । ଚଳିତବର୍ଷ ପାଇଁ 'Probity for Prosperity' ଅର୍ଥାତ୍ 'ସାଧୁତାରୁ ସମୃଦ୍ଧି'ର ବାର୍ତ୍ତା ଜନସାଧାରଣଙ୍କୁ ମନେ ପକାଇଦିଏ ଯେ, ପ୍ରକୃତ ସମୃଦ୍ଧି କେବଳ ଧନସମ୍ପତ୍ତିରେ ନୁହେଁ, ବରଂ ନୈତିକ ଆଚରଣ, ସ୍ୱଚ୍ଛ ପ୍ରଶାସନ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାରେ ନିହିତ ।

ସତର୍କତା ଓ ସଚେତନତା ସପ୍ତାହର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁର୍ନୀତି ବିରୋଧରେ ଜନସଚେତନତା ତଥା ଜନଜାଗରଣ ସୃଷ୍ଟି କରିବା ଏବଂ ସମସ୍ତ କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା, ସଚ୍ଚୋଟତା ଓ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିବା । ଏହି ଅବସରରେ ସରକାରୀ ଅଧିକାରୀ, କର୍ମଚାରୀ ଓ ସାଧାରଣ ନାଗରିକଙ୍କୁ ନିଜ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବା ସହ ଦୁର୍ନୀତି ବିରୋଧରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଏ । କେବଳ ଆଇନ ଓ ନିୟମ ଦ୍ୱାରା ଦୁର୍ନୀତିକୁ ସମ୍ପୂର୍ଣ୍ଣରୂପେ ରୋକିବା ସମ୍ଭବ ନୁହେଁ । ଏଥିପାଇଁ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ମନରେ ନୈତିକ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱ ଓ ସାଧୁତାର ଭାବନା ରହିବା ଆବଶ୍ୟକ ।

ଦୁର୍ନୀତି ହେଉଛି ସମାଜ ଓ ଦେଶର ପ୍ରଗତି ତଥା ଉନ୍ନତି ପଥରେ ଏକ ପ୍ରମୁଖ ପ୍ରତିବନ୍ଧକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯେତେବେଳେ କୌଣସି ବ୍ୟକ୍ତି ନିଜ ପଦବୀ କିମ୍ବା କ୍ଷମତାର ଅପବ୍ୟବହାର କରି ବ୍ୟକ୍ତିଗତ ଲାଭ ହାସଲ କରେ, ନୀତି ବିରୋଧ ହୁଏ, ସେଠାରେ ଦୁର୍ନୀତି ଚାଲିଆସେ । ଲାଞ୍ଚ, ପକ୍ଷପାତ, ଅନିୟମିତତା, ସରକାରୀ ସମ୍ପତ୍ତିର ଅପବ୍ୟବହାର ଓ କାର୍ଯ୍ୟରେ ଅଯଥା ବିଳମ୍ବ ଏହାର ପ୍ରମୁଖ ଉଦାହରଣ, ଯାହା ସରକାରୀ କିମ୍ବା ବେସରକାରୀ କାର୍ଯ୍ୟାଳୟରେ ଘଟିଥାଏ । ଏହା ଦ୍ୱାରା ସାଧାରଣ ଲୋକେ ନିଜର ନ୍ୟାୟପୂର୍ଣ୍ଣ ଅଧିକାରରୁ ବଞ୍ଚିତ ହୁଅନ୍ତି, ଯୋଗ୍ୟ ବ୍ୟକ୍ତି ଉପଯୁକ୍ତ ସୁଯୋଗ ପାଆନ୍ତି ନାହିଁ ଏବଂ ଦେଶର ଅର୍ଥନୈତିକ ପ୍ରଗତି ମଧ୍ୟ ବାଧାପ୍ରାପ୍ତ ହୁଏ । ତେଣୁ ଦୁର୍ନୀତିକୁ ରୋକିବା ପାଇଁ ସତର୍କତା ସହିତ ସାଧୁତାର ମୂଲ୍ୟବୋଧକୁ ଜୀବନରେ ଆପଣାଇବା ଅତ୍ୟନ୍ତ ଜରୁରୀ ମନେ ହୁଏ ।

ଚଳିତବର୍ଷ ପାଇଁ 'Probity for Prosperity' ଅର୍ଥାତ୍ 'ସାଧୁତାରୁ ସମୃଦ୍ଧି'ର ବାର୍ତ୍ତା ଜନସାଧାରଣଙ୍କୁ ମନେ ପକାଇଦିଏ ଯେ, ପ୍ରକୃତ ସମୃଦ୍ଧି କେବଳ ଧନସମ୍ପତ୍ତିରେ ନୁହେଁ, ବରଂ ନୈତିକ ଆଚରଣ, ସ୍ୱଚ୍ଛ ପ୍ରଶାସନ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାରେ ନିହିତ ।

ନିଜ ନିଜର କର୍ତ୍ତବ୍ୟ କିମ୍ବା କାର୍ଯ୍ୟ, ନିଷ୍ପତ୍ତି ଓ ଆଚରଣ ପ୍ରତିସଚେତନ ରହିବା ସହ ଯେକୌଣସି ଅନିୟମିତତାକୁ ଚିହ୍ନଟ କରି ତାହାର ପ୍ରତିରୋଧ ପାଇଁ ଆବଶ୍ୟକ ପଦକ୍ଷେପ ନେବା ହେଉଛି ସତର୍କତା । ଅନ୍ୟପକ୍ଷରେ, ନିଜର କର୍ତ୍ତବ୍ୟ ପାଳନ କରିବା ସମୟରେ ସତ୍ୟ, ନ୍ୟାୟ, ନିରପେକ୍ଷତା ଓ ନୈତିକତାକୁ ଅକ୍ଷୁଣ୍ଣ ରଖିବା ହେଉଛି ସାଧୁତା । ଏହି ଦୁଇଟି ଗୁଣ ପରସ୍ପର ପରିପୂରକ ହୋଇଥାଏ । ସତର୍କତା ଦୁର୍ନୀତିର ସୁଯୋଗକୁ ଚିହ୍ନଟ କରେ, ଯେତେବେଳେ ସାଧୁତା ମଣିଷକୁ ଦୁର୍ନୀତିରୁ ଦୂରେଇ ରହିବାକୁ ଆନ୍ତରିକ ପ୍ରେରଣା ଦିଏ । ଅତଏବ, ଏହି ଦୁଇଟିର ସମନ୍ୱୟ ଦ୍ୱାରା ଏକ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଓ ଦାୟିତ୍ୱବାନ ପ୍ରଶାସନ ଗଠନ କରାଯାଇ ପାରିବ ।

ବର୍ତ୍ତମାନ ଯୁଗରେ ପ୍ରଯୁକ୍ତିବିଦ୍ୟା ଦୁର୍ନୀତି ନିବାରଣର ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଛି । ଅନଲାଇନ୍ ସେବା, ଡିଜିଟାଲ୍‌ପେମେଣ୍ଟ, ଇ-ଟେଣ୍ଡରିଂ ଓ ଇ-ଗଭର୍ଣ୍ଣାନ୍ସ ମାଧ୍ୟମରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ବୃଦ୍ଧି ପାଇପାରୁଛି । ଡିଜିଟାଲ୍ ବ୍ୟବସ୍ଥା ମଧ୍ୟସ୍ଥିଙ୍କ ହସ୍ତକ୍ଷେପ କମାଇବା ସହ କାର୍ଯ୍ୟର ରେକର୍ଡ଼ ରଖିବା ଓ ଅନିୟମିତତା ଚିହ୍ନଟ କରିବାରେ ସହାୟକ ହେଉଛି। ତଥାପି, କେବଳ ପ୍ରଯୁକ୍ତିବିଦ୍ୟା ଏଥିପାଇଁ ଯଥେଷ୍ଟ ନୁହେଁ । ଏହାର ସଫଳ ବ୍ୟବହାର ପାଇଁ ଦାୟିତ୍ୱବୋଧ, ସାଇବର ସୁରକ୍ଷା, ଡିଜିଟାଲ୍ ସାକ୍ଷରତା ଓ ନୈତିକ ଆଚରଣ ମଧ୍ୟ ଆବଶ୍ୟକ, ଯାହା ଫଳରେ ସରକାରୀ କିମ୍ବା ବେସରକାରୀ ବିଭାଗରେ ସ୍ୱଚ୍ଛତା ଆସିବା ସୁନିଶ୍ଚିତ କରିଥାଏ ।

ସମସ୍ତେ ଜାଣନ୍ତି, ଦୁର୍ନୀତି ନିବାରଣ କେବଳ ସରକାର କିମ୍ବା କୌଣସି ଏକ ସଂସ୍ଥାର ଦାୟିତ୍ୱ ନୁହେଁ ଏହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ସାମୂହିକ କର୍ତ୍ତବ୍ୟ । ଯେକୌଣସି କାମ ପାଇଁ ଲାଞ୍ଚ ନ ଦେବା, ଅନୈତିକ ଉପାୟରେ କାମ ହାସଲ ନ କରିବା ଏବଂ ଅନିୟମିତତା ଦେଖିଲେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ, ଯୁବପିଢ଼ି, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଓ ଗଣମାଧ୍ୟମର ଦୁର୍ନୀତିବିରୋଧୀ ସଚେତନତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଠି ସ୍ପଷ୍ଟ ଜାଣିହୁଏ ଯେ, ଯେତେବେଳେ ପ୍ରତ୍ୟେକ ନାଗରିକ ନିଜ ଆଚରଣରେ ସାଧୁତା ଓ ସତର୍କତାକୁ ଗୁରୁତ୍ୱ ଦିଅନ୍ତି, ସେତେବେଳେ ସମାଜରେ ଏକ ସକାରାତ୍ମକ ପରିବର୍ତ୍ତନ ଆସେ ଏବଂ ଦେଶ ପ୍ରଗତି ପଥରେ ଆଗେଇ ଯାଏ ।

ଦୁର୍ନୀତି କରିବା ପରେ ତାହାର ତଦନ୍ତ ଓ ଦଣ୍ଡବିଧାନ ଯେତିକି ଆବଶ୍ୟକ, ଦୁର୍ନୀତିକରିବା ପୂର୍ବରୁ ତାହାକୁ ରୋକିବା ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ନିୟମିତ ଯାଞ୍ଚ, କାର୍ଯ୍ୟ ପ୍ରଣାଳୀର ସୁଧାର, ଅଭିଯୋଗର ସମୟୋଚିତ ସମାଧାନ ଓ କର୍ମଚାରୀଙ୍କ ନୈତିକ ଦକ୍ଷତାବୃଦ୍ଧି ଦ୍ୱାରା ଅନିୟମିତତାର ସମ୍ଭାବନା କମାଯାଇ ପାରେ । ଏହି ପ୍ରତିରୋଧମୂଳକ ପଦକ୍ଷେପଗୁଡ଼ିକୁ ସାଧୁତା ଓ ଉତ୍ତରଦାୟିତ୍ୱ ସହ କାର୍ଯ୍ୟକାରୀ କରାଗଲେ ସରକାରୀ କିମ୍ବାବେସରକାରୀ ସଂସ୍ଥାଗୁଡ଼ିକ ଅଧିକ ସ୍ୱଚ୍ଛ, ଦକ୍ଷ ଓ ଜନହିତକାରୀ ହୋଇପାରିବ ବୋଲି ଆଶା କରାଯାଏ ।

କୌଣସି ଦେଶର ପ୍ରକୃତ ସମୃଦ୍ଧି କେବଳ ତାହାର ଆର୍ଥିକ ସମ୍ପଦ କିମ୍ବା ଭୌତିକ ଉନ୍ନତିରେ ସୀମିତ ନୁହେଁ । ନ୍ୟାୟପୂର୍ଣ୍ଣ ବ୍ୟବସ୍ଥା, ସମାନ ସୁଯୋଗ, ଜନସାଧାରଣଙ୍କ ବିଶ୍ୱାସ ଓ ନୈତିକ ମୂଲ୍ୟବୋଧକୁ ମଧ୍ୟ ସମୃଦ୍ଧିର ମାପକାଠି କୁହାଯାଇ ପାରେ । ବ୍ୟବସ୍ଥା ଅନୁସାରେ, ସତର୍କତା କୌଣସି କାମର ଅନିୟମିତତାକୁ ରୋକିବାରେ ସାହାଯ୍ୟ କରେ ଏବଂ ସେହି କାମକୁ ସାଧୁତା ଓ ନ୍ୟାୟପୂର୍ଣ୍ଣ ଉପାୟରେ ସୁନିଶ୍ଚିତ କରିଥାଏ । ଏହି ଦୁଇଟି ମୂଲ୍ୟବୋଧ ଏକାଠି କାର୍ଯ୍ୟ କଲେ ସରକାରୀ କିମ୍ବା ବେସରକାରୀ ସମ୍ପଦର ଠିକ୍ ବ୍ୟବହାର ହୁଏ, ଜନସାଧାରଣଙ୍କ ଆସ୍ଥା, ବିଶ୍ୱାସ ବୃଦ୍ଧି ପାଏ ଏବଂ ରାଜ୍ୟ ତଥା ଦେଶର ସ୍ଥାୟୀ ବିକାଶ ପାଇଁ ଦୃଢ଼ଭିତ୍ତି ପ୍ରସ୍ତୁତ ହୁଏ ।

ପରିଶେଷରେ କୁହାଯାଇପାରେ ଯେ, ସତର୍କତା ଏବଂ ସାଧୁତା କେବଳ ଦୁଇଟି ଶବ୍ଦ ନୁହେଁ, ବରଂ ଏକ ଉନ୍ନତ ତଥା ବିକଶିତ ରାଷ୍ଟ୍ର ଗଠନ କରିବାର ମୂଳ ଆଧାର । ଦୁର୍ନୀତିମୁକ୍ତ ସମାଜ ତଥା ଦେଶ ଗଠନ ପାଇଁ ଆଇନର ପାଳନ ସହ ବ୍ୟକ୍ତିଗତ ସଚ୍ଚୋଟତା, ନୈତିକ ସାହସ ଓ ସାମୂହିକ ଦାୟିତ୍ୱବୋଧ ଅତ୍ୟନ୍ତ ଜରୁରୀ । ଏଥିପାଇଁ ସମସ୍ତ ଜନସାଧାରଣ, ସରକାରୀ ତଥା ବେସରକାରୀ କର୍ମଚାରୀମାନେ ସତର୍କ ରହି, ସାଧୁତା ପଥରେ ଚାଲିବା ସହିତ ନିଜ କର୍ତ୍ତବ୍ୟକୁ ନିଷ୍ଠାର ସହ ପାଳନ କରି ଏକ ସ୍ୱଚ୍ଛ, ନ୍ୟାୟପୂର୍ଣ୍ଣ, ଦୁର୍ନୀତିମୁକ୍ତ ଓ ସମୃଦ୍ଧ ଭାରତ ଗଠନ କରିବାରେ ସହାୟକ ହେବା।

ବାଲେଶ୍ୱର
ମୋ: ୯୩୩୭୪୦୪୨୫୪

ସମ୍ଭାବନା ସୃଷ୍ଟି କରିଥିବା ଜଣେ ମହିଳା ବୈଜ୍ଞାନିକ



କିଶୋର ଚନ୍ଦ୍ର ରଥ

ସବୁବେଳେ ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ପ୍ରାମାଣିକ ତଥ୍ୟ ପାଠ୍ୟପୁସ୍ତକ କିମ୍ବା ଶ୍ରେଣୀଗୃହରୁ ମିଳି ନଥାଏ । ବେଳେବେଳେ ଏମିତି କିଛି ବ୍ୟକ୍ତିବିଶେଷଙ୍କ ଜୀବନୀରୁ ଶିକ୍ଷାର ମୂଲ୍ୟବୋଧ ଜଣାପଡ଼ିଥାଏ, ଯେଉଁମାନେ ଅତି କଠିନ ପରିସ୍ଥିତିରେ ମଧ୍ୟ ନିଜକୁ ସମୟର ଦାସ ନ ଭାବି ନିଜ ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ସଂଘର୍ଷ କରିଥାନ୍ତି । ଖୁସବୁ ମିରଜା ହେଉଛନ୍ତି ଜଣେ ସେହିଭଳି ବ୍ୟକ୍ତିତ୍ୱ ଯାହାଙ୍କ ଜୀବନ ଯାତ୍ରା ଉତ୍ତର ପ୍ରଦେଶର ଆସୋହା ସହରରୁ ଆରମ୍ଭ ହୋଇ ଭାରତର ମହାକାଶ କାର୍ଯ୍ୟକ୍ରମରେ ଭାଗନେବା ପର୍ଯ୍ୟନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ। ଯେଉଁ ପରିବାର ଝିଅମାନଙ୍କୁ ଆତ୍ମବିଶ୍ୱାସ, ଜ୍ଞାନ ଏବଂ ଉଦ୍ଦେଶ୍ୟବୋଧ ସହିତ ବଢ଼ାଇବାକୁ ଚାହାଁନ୍ତି, ସେମାନଙ୍କ ପାଇଁ ଖୁସବୁ ମିରଜାଙ୍କ କାହାଣୀ ବିଶେଷ ଭାବରେ ପ୍ରାସଙ୍ଗିକ ।

ଖୁସବୁ ଆମ୍ରୋହାର ମହଲ୍ଲା ଚାଗୋରୀରେ ବଢ଼ିଛନ୍ତି ଏବଂ ୧୯୮୫ ମସିହାରେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା, ଯେତେବେଳେ ତାଙ୍କୁ ମାତ୍ର ସାତ ବର୍ଷ ହୋଇଥିଲା । ତାଙ୍କ ମା' ଫରହାତ ମିରଜା ଦୁର୍ବଳ ଆର୍ଥିକ ପରିସ୍ଥିତିରେ ତିନି ପିଲାଙ୍କୁ ପାଳନ କରିବାକୁ ବାଧ୍ୟ ହୋଇଥିଲେ । ଏଭଳି ପରିସ୍ଥିତିରେ ପାଠପଢ଼ା ଜାରି ରଖିବା ଅନେକଙ୍କ ପାଇଁ ଅସମ୍ଭବ ହୋଇଥାଏ । କିନ୍ତୁ କୌଣସି ସହଜ ରୋଜଗାରର ପନ୍ଥା ନଥିଲେ ମଧ୍ୟ ଫରହାତ ନିଜର ଆର୍ଥିକ ଓ ପାରିବାରିକ ସମସ୍ୟାକୁ ତାଙ୍କ ପିଲାମାନଙ୍କ ପାଠପଢ଼ାରେ କଣ୍ଟା ସାଜିବାକୁ ଦେଇନଥିଲେ । ଏଥିରୁ ପ୍ରମାଣିତ ହୁଏ ଯେ ଅନେକ ସମୟରେ ମହିଳା ସଶକ୍ତିକରଣ କୌଣସି କାର୍ଯ୍ୟସ୍ଥଳରେ ଯୋଗଦେବାର ବହୁ ଆଗରୁ ଆରମ୍ଭ ହୋଇଥାଏ । ଏହା ଘରେ ଆରମ୍ଭ ହୋଇଥାଏ ଯେତେବେଳେ ପିତାମାତା ବିଶ୍ୱାସ ରଖନ୍ତି ଯେ କଷ୍ଟକର ପରିସ୍ଥିତି ଥିଲେ ମଧ୍ୟ ଝିଅଙ୍କ ଶିକ୍ଷାରେ ନିବେଶ କରିବା ଉଚିତ । ଯଦିଓ ପରିବାର ଲୋକ ଜାଣିନଥାନ୍ତି ଯେ ଶିକ୍ଷା ଶେଷରେ ଜଣେ ପିଲାକୁ ନେଇ କେଉଁଠି ପହଞ୍ଚାଇବ, କିନ୍ତୁ ଶିକ୍ଷାରୁ ସମ୍ପୂର୍ଣ୍ଣ ବଞ୍ଚିତ କରିବା ଅର୍ଥ ପିଲା ନିଜ ଦକ୍ଷତା ବିଷୟରେ ଜାଣିବା ପୂର୍ବରୁ ସୁଯୋଗର ସବୁ ଦ୍ୱାର ବନ୍ଦ କରିଦେବା ।

ଆମ୍ରୋହାରେ ବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣ କରିବା ପରେ ଖୁସବୁ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ପଢୁଥିଲେ ଏବଂ ୨୦୦୬ ମସିହାରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ । ପରେ ସେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ ଯୋଗ ଦେଇଥିଲେ ଏବଂ ୨୦୦୮ ମସିହାରେ ଚନ୍ଦ୍ରୟାନ-୧ ମିଶନର ଏକ ମୁଖ୍ୟ ଅଂଶରେ ଥିଲେ। ଏକ ଛୋଟ ସହରରେ ବଢ଼ିଥିବା ଜଣେ ଝିଅ ଭାରତର ମହାକାଶ କାର୍ଯ୍ୟକ୍ରମରେ ଯୋଗଦେବା ପାରିପାର୍ଶ୍ୱିକ ପରିସ୍ଥିତିର ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ସୂଚିତ କରୁଛି, ଯାହା ଅକ୍ଳାନ୍ତ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ସମ୍ଭବ ହୋଇଛି । କିନ୍ତୁ ତାଙ୍କ ଜୀବନ ଯାତ୍ରାର ଅଧିକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହା ପରବର୍ତ୍ତୀ ପିଢ଼ିକୁ କି ବାର୍ତ୍ତା ଦେଉଛି । ଯେତେବେଳେ ଜଣେ ସଫଳ ମହିଳା ନିଜ ସହରକୁ ଫେରି ଛାତ୍ରଛାତ୍ରୀମାନଙ୍କ ସହିତ କଥା ହୁଅନ୍ତି, ତାଙ୍କର ସଫଳତା କେବଳ ତାଙ୍କ ଚାକିରି ବା କ୍ୟାରିୟରରେ ସୀମିତ ନଥାଏ, ଏହାର ମହତ୍ତ୍ୱ, ତା'ଠାରୁ ଅଧିକ । ଶ୍ରେଣୀଗୃହରେ ବସିଥିବା ଝିଅ ପାଇଁ, ଜଣେ ମହିଳା ବୈଜ୍ଞାନିକଙ୍କ ଉପସ୍ଥିତି ଅସମ୍ଭବ ମନେ ହେଉଥିବା କାର୍ଯ୍ୟକୁ ବାସ୍ତବିକ ରୂପ ଦେବାର ସମ୍ଭାବନା ସୃଷ୍ଟି କରିଥାଏ ।



ଶିକ୍ଷାର ଗୁରୁତ୍ୱ ନିଯୁକ୍ତିଠାରୁ ମଧ୍ୟ ବହୁ ଊର୍ଦ୍ଧ୍ୱରେ । ଜଣେ ଶିକ୍ଷିତ ବ୍ୟକ୍ତି ନିଜ ଚତୁଃପାର୍ଶ୍ୱର ପରିସ୍ଥିତିକୁ ବୁଝିବା, ଅବିଶ୍ୱସନୀୟ ତଥ୍ୟ ସମ୍ବନ୍ଧରେ ପ୍ରଶ୍ନ ପଚାରିବା ଏବଂ ପ୍ରକୃତ ଜ୍ଞାନ ଏବଂ ଭାବନାତ୍ମକ ଦାବି ମଧ୍ୟରେ ପାର୍ଥକ୍ୟ ଚିହ୍ନଟ କରିବାରେ ଅଧିକ ସକ୍ଷମ ହୋଇଥାନ୍ତି । ଆଜିର ସୋସିଆଲ୍ ମିଡିଆ ଯୁଗରେ ଏହି ପାର୍ଥକ୍ୟକୁ ବୁଝିବା ଅତ୍ୟନ୍ତ ଆବଶ୍ୟକ । ଆଜିର ଯୁବକମାନେ ଶିକ୍ଷା ଓ ଗଠନମୂଳକ ତଥ୍ୟ ବ୍ୟତୀତ ସୋସିଆଲ୍ ମିଡିଆରେ ଭୁଲ୍ ତଥ୍ୟ, ଷଡ଼ଯନ୍ତ୍ର ସମ୍ବନ୍ଧୀୟ ଧାରଣା, ସାମ୍ପ୍ରଦାୟିକ ଉତ୍ତେଜନା ଏବଂ ଉଗ୍ରତା କିମ୍ବା ହିଂସାକୁ ପ୍ରୋତ୍ସାହନ ଦେଉଥିବା ବିଷୟବସ୍ତୁଗୁଡ଼ିକ ମଧ୍ୟ ପାଇଥାନ୍ତି । ଏଥିପାଇଁ ଅନେକ ସମୟରେ ଯୁବସମାଜ ନିରାଶା, ଅସୁରକ୍ଷିତତା କିମ୍ବା ଏକୁଟିଆପଣ ଅନୁଭବ କରିଥାନ୍ତି । ସେମାନଙ୍କୁ କେବଳ କ'ଣ ନ ଦେଖିବା ଉଚିତ, ତାହା ଜଣାଇବା ପର୍ଯ୍ୟାପ୍ତ ନୁହେଁ ଓ ସେମାନଙ୍କ ତଥ୍ୟକୁ ସ୍ୱାଧୀନ ଭାବରେ ଯାଞ୍ଚ କରିବା ପାଇଁ ଶିକ୍ଷା, ଆତ୍ମବିଶ୍ୱାସ ଏବଂ ସମାଲୋଚନାତ୍ମକ ଚିନ୍ତାଧାରାର ଦକ୍ଷତା ଆବଶ୍ୟକ । ଏଠାରେ ମହିଳାଙ୍କ ଶିକ୍ଷା ସାମାଜିକ ଦାୟିତ୍ୱର ଏକ ମୁଖ୍ୟ ଅଂଶ । ଜଣେ ଶିକ୍ଷିତ ମହିଳା ବୃତ୍ତିଗତ ଭାବରେ ଯୋଗଦାନ କଲେ ମଧ୍ୟ ତାଙ୍କ ପ୍ରଭାବ କେବଳ ତାଙ୍କ କାର୍ଯ୍ୟସ୍ଥଳରେ ସୀମିତ ରହେ ନାହିଁ । ସେ ପରିବାରର ପିଲାମାନଙ୍କୁ ଅଧ୍ୟୟନ ପାଇଁ ପ୍ରୋତ୍ସାହିତ କରନ୍ତି, ସେମାନଙ୍କୁ ଡିଜିଟାଲ୍ ଯୁଗରେ ଆଗକୁ ବଢ଼ିବାରେ, ସାମାଜିକ ଜୀବନରେ ଅଂଶଗ୍ରହଣ କରିବାରେ ସାହାଯ୍ୟ କରନ୍ତି ଏବଂ ଜଟିଳ ପ୍ରଶ୍ନଗୁଡ଼ିକ ଉପରେ ଯୁକ୍ତିଯୁକ୍ତ ପ୍ରତିକ୍ରିୟାକୁ ପ୍ରୋତ୍ସାହିତ କରନ୍ତି । ତେଣୁ ତାଙ୍କ ପ୍ରଭାବ ପିଢ଼ି ପରେ ପିଢ଼ି ପର୍ଯ୍ୟନ୍ତ ରହିଥାଏ ।

ଖୁସବୁ ମିରଜାଙ୍କ ଜୀବନ ଯାତ୍ରା କେବଳ ମହାକାଶ ଗବେଷଣା ସଂସ୍ଥା ସହ ଯୋଡ଼ି ହେବାର ଏକ କାହାଣୀ ନୁହେଁ ବରଂ ପ୍ରତିକୂଳ ପରିସ୍ଥିତିକୁ ନିଜ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ନଦେବାର ଏକ ଦୃଷ୍ଟାନ୍ତ ଯାହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ।

ଖୁସବୁଙ୍କ କାହାଣୀ ପ୍ରମାଣ କରେ ଯେ ସଶକ୍ତିକରଣର ଅର୍ଥ ନିଜ ପରିବାର କିମ୍ବା ସାଂସ୍କୃତିକ ପରିଚୟକୁ ପରିତ୍ୟାଗ କରିବା ନୁହେଁ। ଶିକ୍ଷା ଜଣେ ବ୍ୟକ୍ତିର କ୍ଷମତାକୁ ସୁଦୃଢ଼ କରିଥାଏ ଯେପରି ସେ ଉଭୟ ସାମାଜିକ ଏବଂ ଜାତୀୟ ଜୀବନରେ ଆତ୍ମବିଶ୍ୱାସ ସହିତ ଅଂଶଗ୍ରହଣ କରିପାରିବେ । ଜଣେ ଯୁବ ମୁସଲିମ୍ ମହିଳା ନିଜ ଧର୍ମ ଏବଂ ପରମ୍ପରା ସହିତ ଗଭୀର ଭାବରେ ସଂଯୁକ୍ତ ରହି ଇଞ୍ଜିନିୟର, ବୈଜ୍ଞାନିକ, ଶିକ୍ଷକ, ଉଦ୍ୟୋଗୀ, ଡାକ୍ତର କିମ୍ବା ସିଭିଲ୍ ସର୍ଭାଣ୍ଟ ଭାବରେ ଉତ୍କର୍ଷ ହୋଇପାରିବେ । ପିତାମାତା ମଧ୍ୟ ଏ କଥା ବୁଝିବା ଦରକାର ଯେ ପ୍ରତ୍ୟେକ ପିଲା ବୈଜ୍ଞାନିକ ହେବେ ନାହିଁ, କି ଶିକ୍ଷାଗତ ସଫଳତା ମାପିବା ପାଇଁ ଏହା ଏକମାତ୍ର ମାନଦଣ୍ଡ ନୁହେଁ। ପ୍ରକୃତ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ସେମାନଙ୍କର ଦକ୍ଷତା ବିଷୟରେ ଜାଣିବା ଏବଂ ତାକୁ ଦାୟିତ୍ୱ ସହକାରେ ବ୍ୟବହାର କରିବା ପାଇଁ ଆବଶ୍ୟକୀୟ ଜ୍ଞାନ, ଶୃଙ୍ଖଳା ଏବଂ ଆତ୍ମବିଶ୍ୱାସ ବିକାଶ କରିବାରେ ସାହାଯ୍ୟ କରିବା ।

ଖୁସବୁ ମିରଜାଙ୍କ ଜୀବନ ଯାତ୍ରା କେବଳ ମହାକାଶ ଗବେଷଣା ସଂସ୍ଥା ସହ ଯୋଡ଼ି ହେବାର ଏକ କାହାଣୀ ନୁହେଁ ବରଂ ପ୍ରତିକୂଳ ପରିସ୍ଥିତିକୁ ନିଜ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ନଦେବାର ଏକ ଦୃଷ୍ଟାନ୍ତ ଯାହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ । ଖୁସବୁ ମିରଜାଙ୍କ ଏହି ଯାତ୍ରା ଆରମ୍ଭ ହୋଇଥିଲା ତାଙ୍କ ମା'ଙ୍କଠାରୁ ଯିଏ କଷ୍ଟକର ପରିସ୍ଥିତି ସତ୍ତ୍ୱେ ନିଜ ପିଲାମାନଙ୍କ ଶିକ୍ଷା ଜାରି ରଖିଥିଲେ । ଏହି ଯାତ୍ରା ଶିକ୍ଷାଗତ ସୁଯୋଗ ଏବଂ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ଆଗକୁ ବଢ଼ିଥିଲା ଏବଂ ଶେଷରେ ଅନ୍ୟ ଯୁବକମାନଙ୍କ ପାଇଁ ଏକ ଉଦାହରଣରେ ପରିଣତ ହୋଇଥିଲା ।

ମୁସଲିମ୍ ପରିବାର ଝିଅମାନଙ୍କୁ ପଢ଼ିବାର ସୁଯୋଗ ଦିଅନ୍ତୁ, ସେମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ପ୍ରୋତ୍ସାହିତ କରନ୍ତୁ, ସେମାନଙ୍କୁ ବୃତ୍ତିଗତ କୌଶଳ ଏବଂ ସମାଲୋଚନାମୂଳକ ଚିନ୍ତାଧାରାର ବିକାଶ କରିବାରେ ସାହାଯ୍ୟ କରନ୍ତୁ, ସେମାନଙ୍କୁ ସମାଜ ଏବଂ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବା ମହିଳାମାନଙ୍କର ଉଦାହରଣ ଦିଅନ୍ତୁ । ପ୍ରତ୍ୟେକ ପିଲା ଚନ୍ଦ୍ର ପୃଷ୍ଠରେ ପହଞ୍ଚିବ ନାହିଁ ଓ କିନ୍ତୁ ଶିକ୍ଷା ପ୍ରତ୍ୟେକ ପିଲାକୁ ତା'ର ସ୍ଥାନୀୟ ପରିସ୍ଥିତିକୁ ସାମ୍ନାକରି ଊର୍ଦ୍ଧ୍ୱକୁ ଉଠିବାରେ ସାହାଯ୍ୟ କରିବ । ଯୁବପିଢ଼ି ନିଜ ଭବିଷ୍ୟତକୁ କିପରି ଦେଖୁଛନ୍ତି, ସେହି ଦୃଷ୍ଟିକୋଣର ପରିବର୍ତ୍ତନରୁ ହିଁ ପ୍ରକୃତ ସଶକ୍ତିକରଣର ଆରମ୍ଭ ହୁଏ ।

ସାମ୍ବାଦିକ
ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର
ମୋ : ୯୮୬୧୦୨୮୩୫୫

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଦୁର୍ଦ୍ଦଶାରେ...

ସହରରେ ମଧ୍ୟ ବେକେ ପର୍ଯ୍ୟନ୍ତ ବନ୍ୟା ଜଳ ପ୍ରଭାବିତ ହେଉଛି ।

ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ ଓ ରାୟଗଡ଼ ଆଦି ଜିଲ୍ଲାରେ ବାତ୍ୟା ଅର୍ଣ୍ଣବ ଯୋଗୁଁ ଅଧିକ ପ୍ରଭାବିତ ହୋଇଛି । ଗଞ୍ଜାମ ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ବେଳେ ଗଜପତି ଓ କନ୍ଧମାଳରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟିଛି । ବାତ୍ୟା ପରବର୍ତ୍ତୀ ବୃଷ୍ଟିପାତ ଯୋଗୁଁ ଅନେକ ଗାଁ ଜଳବନ୍ଦୀ ହୋଇପଡ଼ିଛି ଏବଂ ରାସ୍ତାଘାଟର ବ୍ୟାପକ କ୍ଷତି ଘଟିଛି । ସବୁଠାରୁ ଅଧିକ ଗଞ୍ଜାମ ଜିଲ୍ଲାରେ ୪୨,୫୬୪ ଜଣ ପ୍ରଭାବିତ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୩୦,୦୦୦ ଏବଂ କନ୍ଧମାଳ ଜିଲ୍ଲାରେ ୧୨,୦୦୦ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ବିପଦପୂର୍ଣ୍ଣ ଅଞ୍ଚଳରୁ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଛି । ପ୍ରଭାବିତ ଲୋକଙ୍କ ପାଇଁ ରିଲିଫ୍ କ୍ୟାମ୍ପ (ଆଶ୍ରୟସ୍ଥଳୀ) ଖୋଲାଯାଇଛି । ଆସନ୍ତା ୨ ତାରିଖରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସି ଅର୍ଣ୍ଣବ କ୍ଷୟକ୍ଷତିର ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି । ଏହାଛଡା ଗଞ୍ଜାମକୁ ବନ୍ୟା ମୁକାବିଲା ପାଇଁ ଅତିରିକ୍ତ ୨୦ କୋଟି ଟଙ୍କା ସହାୟତା ଦିଆଯାଇଥିବା ଏସ୍ଆର୍‌ସିଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ରାଜୀବ ଭବନ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ଏସଆରସି ଏ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କ୍ଷୟକ୍ଷତି ସ୍ଥିତି ସମୀକ୍ଷା କରିଛନ୍ତି । ଏହି ପରିସ୍ଥିତିରେ ପ୍ରଭାବିତ ଅଞ୍ଚଳରେ ଓଡ୍ରାଫ୍, ଏନଡିଆରଏଫ୍ ଏବଂ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ହେଲିକପଟର ମାଧ୍ୟମରେ ମଧ୍ୟ ଉଦ୍ଧାର କାର୍ଯ୍ୟ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି । ଏହି ସ୍ଥାନାନ୍ତର ପ୍ରକ୍ରିୟାରେ ଗର୍ଭବତୀ ମହିଳାମାନଙ୍କୁ ସର୍ବାଗ୍ରେ ସୁରକ୍ଷିତ ସ୍ଥାନକୁ ଅଣାଯାଇ ସେମାନଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇ ଦିଆଯାଉଛି । ଏହା ସହିତ ରିଲିଫ୍ କ୍ୟାମ୍ପଗୁଡ଼ିକରେ ଶୁଖିଲା ଖାଦ୍ୟ, ଚାଉଳ, ଗୁଡ଼, ପଲିଥିନ୍ ସିଟ୍ ଏବଂ ବିଶୁଦ୍ଧ ପାନୀୟ ଜଳ ବଣ୍ଟନ କରାଯାଉଛି । କ୍ଷତିଗ୍ରସ୍ତ ରାସ୍ତାଘାଟ ଓ ବିଦ୍ୟୁତ ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ରିଲିଫ୍ ଏବଂ ପୁନର୍ବାସ କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଛି । ବାତ୍ୟା ପରବର୍ତ୍ତୀ ସ୍ଥିତିର ନିରନ୍ତର ଅନୁଧ୍ୟାନ ଓ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଜନସାଧାରଣଙ୍କ ସୁରକ୍ଷା ଏବଂ ବିପର୍ଯ୍ୟୟର ପ୍ରଭାବ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଇଛି ।

ବନ୍ୟାଞ୍ଚଳ...

ଆକାଶମାର୍ଗରୁ ସ୍ଥିତି ଅନୁଧ୍ୟାନ କରିଥିଲେ ।

ଗଞ୍ଜାମ ଜିଲ୍ଲାର ସୋରଡ଼ା, ଆସିକା, ଭଞ୍ଜନଗର, ଧରାକୋଟ ଓ ସାନଖେମୁଣ୍ଡି ସମେତ ବିଭିନ୍ନ ପ୍ରଭାବିତ ଅଞ୍ଚଳର ବନ୍ୟା ସ୍ଥିତି ଓ କ୍ଷୟକ୍ଷତିକୁ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଥିଲେ । ଆକାଶମାର୍ଗରୁ ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁରସ୍ଥିତ ବିଶ୍ୱବିଦ୍ୟାଳୟର ଅତିଥି ଭବନରେ ଗଞ୍ଜାମ ଜିଲ୍ଲାର ବନ୍ୟା ପରିସ୍ଥିତି, ଉଦ୍ଧାର ଓ ରିଲିଫ୍ ବଣ୍ଟନ, ଜଳବନ୍ଦୀ ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତରଣ ଏବଂ ଯୋଗାଯୋଗ ବ୍ୟବସ୍ଥାର ପୁନରୁଦ୍ଧାର ସମ୍ପର୍କରେ ସମୀକ୍ଷା କରିଥିଲେଛ ବିପନ୍ନ ଲୋକଙ୍କ ନିକଟରେ ତୁରନ୍ତ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବା ସହ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଘାଟର ମରାମତି ଓ ବିଚ୍ଛିନ୍ନ ବିଦ୍ୟୁତ ସେବାର ଶୀଘ୍ର ପୁନଃସ୍ଥାପନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା । ସମୀକ୍ଷା ପରେ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ, ଗତ ପାଞ୍ଚ ଦିନ ଧରି ଗଞ୍ଜାମର ପରିସ୍ଥିତି ଉପରେ ରାଜ୍ୟ ସରକାର ନିରନ୍ତର ନଜର ରଖିଛନ୍ତି । ଜିଲ୍ଲାରେ ବନ୍ୟା ସ୍ଥିତି ଧୀରେ ଧୀରେ ସୁଧୁରୁଛିଛ ଜଳବନ୍ଦୀ ଅଞ୍ଚଳରେ ରହିଥିବା ଲୋକଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଭାରତୀୟ ନୌସେନା ଓ ତଟରକ୍ଷୀ ବାହିନୀର ଚାରିଟି ହେଲିକପଟର ନିୟୋଜିତ ହୋଇଛି । ଏହି ବିପର୍ଯ୍ୟୟର ମୁକାବିଲାରେ କେନ୍ଦ୍ର ସରକାରଙ୍କ ସହଯୋଗ ମିଳୁଛି । ସ୍ଥିତି ସ୍ୱାଭାବିକ ହେବା ପରେ କ୍ଷୟକ୍ଷତିର ଆକଳନ ପାଇଁ କେନ୍ଦ୍ରୀୟ ଟିମ୍ ଗଞ୍ଜାମ ଗସ୍ତ କରିବେ । କ୍ଷତିଗ୍ରସ୍ତ ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସଂକଳ୍ପବଦ୍ଧ ବୋଲି ସେ କହିଥିଲେ ।

ଜିଲ୍ଲାର ସମସ୍ତ ବନ୍ୟା ପ୍ରଭାବିତ ଗାଁରେ ଆଜି ରାତି ସୁଦ୍ଧା ରିଲିଫ୍ ସାମଗ୍ରୀ, ରନ୍ଧା ଖାଦ୍ୟ, ପାନୀୟ ଜଳ, କମ୍ବଳ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଏନ୍‌ଡିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗର ଟିମଗୁଡ଼ିକ ନିୟୋଜିତ ରହିଛନ୍ତି । ଏହି ଟିମ୍ ଗୁଡ଼ିକ ଜଳବନ୍ଦୀ ଲୋକଙ୍କୁ ଉଦ୍ଧାର କରିବା ସହ ଦୁର୍ଗମ ଓ ବିଚ୍ଛିନ୍ନ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ପହଞ୍ଚାଉଛନ୍ତି । ଆଗାମୀ ଗୋଟିଏ ଦିନ ମଧ୍ୟରେ ଗଞ୍ଜାମ ଜିଲ୍ଲାର ସମସ୍ତ ପ୍ରଭାବିତ ଗାଁରେ ସ୍ଥିତି ସ୍ୱାଭାବିକ ହେବା ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ବିଜୟ ଅମୃତ କୁଲାଙ୍ଗେ ଓ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଶା ପ୍ରକାଶ କରିଛନ୍ତି । ବିପର୍ଯ୍ୟୟ ସମୟରେ ପ୍ରତ୍ୟେକ ପ୍ରଭାବିତ ପରିବାର ନିକଟରେ ସହାୟତା ପହଞ୍ଚାଇବା ଏବଂ ଜନଜୀବନକୁ ଶୀଘ୍ର ସ୍ୱାଭାବିକ କରିବା ଉପରେ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି ।

ଗଞ୍ଜାମ...

ହୋଇଥିବା ରାସ୍ତାଘାଟ, କୋଠା ଓ ପୋଲର କ୍ଷୟକ୍ଷତିର ପୁନରୁଦ୍ଧାର କରିବା ପାଇଁ ୩ ଇଞ୍ଜିନିୟର ଟିମ୍‌କୁ ତୁରନ୍ତ ସେଠାକୁ ପଠାଯାଇଛି ।

୩୫ ଲକ୍ଷ...

ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଏବଂ ରାଜ୍ୟର ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକମାନେ ସିଧାପ୍ରସାରଣ ଦେଖିଥିଲେ । ଏହି ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତର କୃଷକମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ସିଧାସଳଖ କଥା ମଧ୍ୟ ହୋଇଥିଲେ, ଯାହାକି କୃଷକ ମହଲରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା । ଏହି ଜାତୀୟ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ଡିବିଟି ଜରିଆରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଭାବରେ ସମୁଦାୟ ୭୦୭.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ, ପଞ୍ଚାୟତ, ପ୍ୟାକ୍ସ ଏବଂ ମଣ୍ଡି ସ୍ତରରେ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି ।

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆମ ପାଇଁ କୃଷକ ସମାଜ କେବଳ ଚାଷୀ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନ୍ନଦାତାଙ୍କୁ ସେମାନଙ୍କ ନ୍ୟାଯ୍ୟ ଅଧିକାର ପ୍ରଦାନ କରିବା ପାଇଁ ପ୍ରଥମ ଦିନରୁ ହିଁ ବିଭିନ୍ନ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟର କୌଣସି ଜଣେ ବି ଯୋଗ୍ୟ କୃଷକ ଯେପରି ଏହି ଯୋଜନାର ସହାୟତାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି । ଚାଷୀଭାଇମାନେ ସେମାନଙ୍କର ନିକଟସ୍ଥ ରାଜସ୍ୱ କାର୍ଯ୍ୟାଳୟ କିମ୍ବା କୃଷି କାର୍ଯ୍ୟାଳୟକୁ ଯାଇ ଆଗ୍ରିଷ୍ଟାକ୍ ପୋର୍ଟାଲରେ ତୁରନ୍ତ ପଞ୍ଜୀକରଣ କରାଇନେବାକୁ ସେ ଅନୁରୋଧ କରିଥିଲେ । କେନ୍ଦ୍ର ସରକାରଙ୍କ ପିଏମ୍ କିଷାନ ଯୋଜନା ସହିତ ତାଳ ଦେଇ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମ କରୁଛନ୍ତି । ଏହି ଯୋଜନା ମାଧ୍ୟମରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ଏବଂ ଭୂମିହୀନ କୃଷି ପରିବାରକୁ ଜୀବନଜୀବିକା ସହାୟତା ବାବଦରେ ୧୨,୫୦୦ ଟଙ୍କା ପ୍ରଦାନ କରାଯାଉଛି । ଏଥିରେ ସହରାଞ୍ଚଳର ଚାଷୀ ଏବଂ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀର ଚାଷୀମାନଙ୍କୁ ମଧ୍ୟ ସାମିଲ କରାଯାଇଛି ।

ସେହିପରି ସିଏମ୍ କିଷାନ ହିତାଧିକାରୀଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଉଦ୍ଦିଷ୍ଟ କୃଷି ବିଦ୍ୟାନିଧି ଯୋଜନା ଅଧୀନରେ ଡାକ୍ତରୀ, ଇଞ୍ଜିନିୟରିଂ, କୃଷି ଏବଂ ଆନୁସଙ୍ଗିକ ବୈଷୟିକ ପାଠ୍ୟକ୍ରମ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି । ୨୦୨୪-୨୫ରେ ୧୩,୯୨୩ ପିଲାଙ୍କୁ ୫୩.୬୯ କୋଟି ଟଙ୍କା କୃଷି ବିଦ୍ୟାନିଧି ବୃତ୍ତି ଦିଆଯାଇଥିବା ବେଳେ ୨୦୨୫-୨୬ରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ୬୮,୯୧୦ ପିଲାଙ୍କୁ ୨୯୧.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ପୂର୍ବ ବର୍ଷ ଅପେକ୍ଷା ଏହି ପରିମାଣ ପ୍ରାୟ ୫ ଗୁଣ ବୃଦ୍ଧି ହୋଇଛି । ଚଳିତ ଶିକ୍ଷାବର୍ଷରେ ରେକର୍ଡ ସଂଖ୍ୟକ ମେଧାବୀ ଛାତ୍ରଛାତ୍ରୀଙ୍କୁ କୋଟିକୋଟି ଟଙ୍କାର ଅର୍ଥରାଶି ଛାତ୍ରବୃତ୍ତି ବାବଦରେ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ରାଜ୍ୟର କୃଷି ଇତିହାସରେ ଏକ ଅଭୂତପୂର୍ବ ସଫଳତା ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜର ବକ୍ତବ୍ୟ ରଖି କହିଥିଲେ ଯେ, ରାଜ୍ୟରେ କୃଷକଙ୍କ ସର୍ବାଙ୍ଗୀନ କଲ୍ୟାଣ ପାଇଁ ପିଏମ୍ କିଷାନ ଏବଂ ସିଏମ୍ କିଷାନ ଭଳି ଅନେକ ଯୁଗାନ୍ତକାରୀ ଯୋଜନାମାନ ସଫଳତାର ସହ ପ୍ରଣୟନ କରାଯାଇଛି । ସାମ୍ପ୍ରତିକ 'ଅର୍ଣ୍ଣବ' ବାତ୍ୟା ଯୋଗୁଁ ସୃଷ୍ଟ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ କ୍ଷୟକ୍ଷତିର ଆକଳନ ଅନୁଯାୟୀ ଅତିଶୀଘ୍ର ସହାୟତା ରାଶି ଯୋଗାଇ ଦିଆଯିବ । ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକର ମୁକାବିଲା ସମୟରେ ରାଜ୍ୟ ସରକାର ସବୁବେଳେ ଚାଷୀଙ୍କ ସାଥିରେ ଅଛନ୍ତି ଏବଂ ରହିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ବିଭାଗୀୟ ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ସୁବ୍ରତ କୁମାର ପଣ୍ଡାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ହେଲିକେପ୍ଟର...

ଭି.ବି. । ଅରୁଣ ବେଙ୍ଗାଲୁରୁ ପୁଲିସର କ୍ରାଇମ୍ ବ୍ରାଞ୍ଚରେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ । ଅନ୍ୟ ଯାତ୍ରୀମାନଙ୍କ ସମ୍ପର୍କରେ ଅଧିକ ତଥ୍ୟ ପ୍ରକାଶ କରାଯାଇନାହିଁ । ହେଲିକପ୍ଟରର ପାଇଲଟ୍ ହିମାଂଶୁ ସାଭରୱାଲ୍ ଦିଲ୍ଲୀର ବାସିନ୍ଦା ଥିଲେ । ଏହି ହେଲିକପ୍ଟରଟି ଘରୋଇ ସଂସ୍ଥା ଟ୍ରାନ୍ସ ଭାରତ ଏଭିଏସନ୍‌ର ଥିଲା ।

ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ସୂଚନା ଅନୁସାରେ, ସେନାର ୯ ଇଣ୍ଡିପେଣ୍ଡେଣ୍ଟ ମାଉଣ୍ଟେନ୍ ବ୍ରିଗେଡ୍‌ର ଏକ ଟିମ୍ ଅପରାହ୍ନ ପ୍ରାୟ ୩ଟା ୩୦ରେ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲା । ସେଠାରେ ହେଲିକପ୍ଟରରେ ଥିବା ସମସ୍ତ ୬ ଜଣଙ୍କ ମୃତ୍ୟୁ ହୋଇଥିବା ଟିମ୍ ନିଶ୍ଚିତ କରିଥିଲା । ଦୁର୍ଘଟଣାର ପ୍ରକୃତ କାରଣ ଏଯାଏ ଜଣାପଡ଼ିନାହିଁ । ଅଞ୍ଚଳରେ ପ୍ରବଳ ବର୍ଷା ସହ ଘନ ମେଘ ଆଚ୍ଛାଦନ ରହିଥିବା ବେଳେ କେତେକ ସ୍ଥାନରେ ତୁଷାରପାତ ମଧ୍ୟ ହୋଇଥିବା ଖବର ମିଳିଛି । ଅପରାହ୍ନ ପ୍ରାୟ ୧ଟା ୩୦ ପରେ ଜୋଶୀମଠ ଉପତ୍ୟକା ଉପରେ ଉଡ଼ାଣ ସମୟରେ ହେଲିକପ୍ଟର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଏହାର ଟ୍ରାକିଂ ସିଷ୍ଟମ୍ ମଧ୍ୟ ସୂଚନା ପଠାଇବା ବନ୍ଦ କରିଦେଇଥିଲା । ଦୁର୍ଘଟଣା ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଟ୍ରାନ୍ସ ଭାରତ ଏଭିଏସନ୍‌ର ସମସ୍ତ ହେଲିକପ୍ଟର ଉଡ଼ାଣକୁ ବନ୍ଦ ରଖାଯାଇଛି । ଦୁର୍ଘଟଣାସ୍ଥଳ ଠାବ କରିବା ପାଇଁ ଅତିରିକ୍ତ ଦୁଇଟି ହେଲିକପ୍ଟର ଓ ଡ୍ରୋନ୍ ନିୟୋଜିତ କରାଯାଇଥିଲା । ଭାରତୀୟ ସେନା, ଚମୋଲି ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍)ର ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ । ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଦୁର୍ଘଟଣା ସମ୍ପର୍କରେ ଦୁଃଖ ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନ, ବିପର୍ଯ୍ୟୟ ପରିଚାଳନା ବିଭାଗ ଓ ଏସ୍‌ଡିଆର୍‌ଏଫ୍‌କୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଗୁରୁତର ଆହତଙ୍କୁ ଉନ୍ନତ ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନାକୁ ନେବାକୁ ମଧ୍ୟ ସେ ଅଧିକାରୀମାନଙ୍କୁ କହିଥିଲେ । ତେବେ ପରବର୍ତ୍ତୀ ସମୟରେ ହେଲିକପ୍ଟରରେ ଥିବା ସମସ୍ତ ୬ ଜଣଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଥିଲା । ଉତ୍ତରାଖଣ୍ଡରେ ଚଳିତ ମାସରେ ଚାରିଧାମ ଯାତ୍ରାରେ ନିୟୋଜିତ ହେଲିକପ୍ଟରର ଦୁଇଟି ଜରୁରୀ ଅବତରଣ ଘଟଣା ସାମ୍ନାକୁ ଆସିଥିଲା ।

ଦେଶରେ...

ସୀମାରୁ ଉପରକୁ ଉଠିଥିବା ବିଶ୍ୱ ବ୍ୟାଙ୍କ କହିଛି । କେବଳ ଆୟ ନୁହେଁ, ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କରେ ମଧ୍ୟ ହ୍ରାସ ଘଟିଛି । ଅକ୍ସଫୋର୍ଡ ପଭର୍ଟି ଆଣ୍ଡ ହ୍ୟୁମାନ୍ ଡେଭଲପମେଣ୍ଟ ଇନିସିଏଟିଭ୍‌ର ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଅନୁସାରେ, ୨୦୦୫-୦୬ରେ ଏହି ହାର ୫୩.୮ ପ୍ରତିଶତ ଥିବାବେଳେ ୨୦୧୯-୨୧ରେ ଏହା ୧୬.୪ ପ୍ରତିଶତକୁ ହ୍ରାସ ପାଇଛି । ବିଶ୍ୱ ବ୍ୟାଙ୍କର ନିଜସ୍ୱ ବହୁମୁଖୀ ଦାରିଦ୍ର୍ୟ ମାପ ୨୦୨୨-୨୩ରେ ୧୫.୫ ପ୍ରତିଶତ ରହିଥିଲା ।

ବିଶ୍ୱ ବ୍ୟାଙ୍କ ୨୦୨୩ରେ ଭାରତର ଜିନି ସୂଚକାଙ୍କ ୨୩.୦ ଥିବା ଦର୍ଶାଇଛି । ଆୟ କିମ୍ବା ଉପଭୋଗର ବଣ୍ଟନ କେତେ ସମାନ ବା ଅସମାନ, ତାହା ମାପିବା ପାଇଁ ଏହି ସୂଚକାଙ୍କ ବ୍ୟବହାର କରାଯାଏ । ଏହାର ମୂଲ୍ୟ ଶୂନରୁ ୧୦୦ ମଧ୍ୟରେ ରହିଥାଏ । ଶୂନ ସମ୍ପୂର୍ଣ୍ଣ ସମାନତା ଏବଂ ୧୦୦ ସର୍ବାଧିକ ଅସମାନତାକୁ ସୂଚାଏ । ଏହା ସମଗ୍ର ଜନସଂଖ୍ୟାର ଆୟ ବଣ୍ଟନକୁ ମାପୁଥିବାବେଳେ ଶୀର୍ଷ ଓ ତଳ ୧୦ ପ୍ରତିଶତ ଲୋକଙ୍କ ଆୟ ମଧ୍ୟରେ ସିଧାସଳଖ ତୁଳନା କରେ ନାହିଁ । ବିଶ୍ୱ ବ୍ୟାଙ୍କ ଏହା ମଧ୍ୟ ସତର୍କ କରାଇଛି ଯେ, ଘରୋଇ ସର୍ବେକ୍ଷଣରେ ଅଧିକ ଆୟକାରୀ ପରିବାରଙ୍କ ଉପଭୋଗ ସମ୍ପୂର୍ଣ୍ଣ ଭାବେ ପ୍ରତିଫଳିତ ହୋଇ ନ ପାରେ । ଦାରିଦ୍ର୍ୟ ହ୍ରାସର ପ୍ରମୁଖ କାରଣ ଭାବେ ଉପଭୋଗ ବୃଦ୍ଧି, ନିଯୁକ୍ତି ସୁଯୋଗର ସମ୍ପ୍ରସାରଣ, ବିଶେଷକରି ମହିଳାଙ୍କ ନିଯୁକ୍ତି ବୃଦ୍ଧି ଏବଂ ଖାଦ୍ୟ ସବ୍‌ସିଡି ସମେତ ସାମାଜିକ ସହାୟତା କାର୍ଯ୍ୟକ୍ରମକୁ ବିଶ୍ୱ ବ୍ୟାଙ୍କ ଉଲ୍ଲେଖ କରିଛି । ୨୦୧୭ରୁ ୨୦୨୩ ମଧ୍ୟରେ ଦେଶରେ ପ୍ରାୟ ୧୩.୪ କୋଟି ଲୋକ ନିଯୁକ୍ତି ପାଇଥିଲେ । ଯୁବବର୍ଗଙ୍କ ବେକାରି ହାର ମଧ୍ୟ ବଢ଼ିଛି । ୨୦୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହା ୧୪.୬ ପ୍ରତିଶତ ଥିବାବେଳେ ୨୦୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧୫.୯ ପ୍ରତିଶତକୁ ବୃଦ୍ଧି ପାଇଛି । ବିଶେଷକରି ଗ୍ରାମାଞ୍ଚଳର ଯୁବତୀଙ୍କ ମଧ୍ୟରେ ଏହି ସମସ୍ୟା ଅଧିକ ରହିଛି । ଦେଶରେ ଦାରିଦ୍ର୍ୟ ହ୍ରାସ ସବୁ ଅଞ୍ଚଳରେ ସମାନ ଭାବେ ହୋଇନାହିଁ । ୨୦୨୩ରେ ଦୈନିକ ୪.୨୦ ଡଲାର ଦାରିଦ୍ର୍ୟ ସୀମା ଅନୁସାରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୧୯.୩ ପ୍ରତିଶତ ଥିବାବେଳେ ସହରାଞ୍ଚଳରେ ଏହା ୮.୬ ପ୍ରତିଶତ ରହିଥିଲା । ଏଥିସହ ଉତ୍ତରପ୍ରଦେଶରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ବିସ୍ତୃତ ଏକ ଅଞ୍ଚଳରେ ଦେଶର ମୋଟ ଗରିବ ଜନସଂଖ୍ୟାର ପ୍ରାୟ ୫୭ ପ୍ରତିଶତ ଲୋକ ବସବାସ କରୁଥିବା ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ଦର୍ଶାଯାଇଛି । ତେଣୁ ଦାରିଦ୍ର୍ୟ ହ୍ରାସରେ ଉଲ୍ଲେଖନୀୟ ସଫଳତା ସତ୍ତ୍ୱେ ଆୟର ଅସମାନତା, ନିଯୁକ୍ତିର ଗୁଣବତ୍ତା ଓ ଆଞ୍ଚଳିକ ବୈଷମ୍ୟ ଏବେ ମଧ୍ୟ ଦେଶ ପାଇଁ ବଡ଼ ଆହ୍ୱାନ ହୋଇ ରହିଛି ।

ଭୂସ୍ଖଳନରେ...

ବନ୍ୟା ଜଳ ନିଷ୍କାସନ କରିବା ହେତୁ ଜଳପ୍ରଳୟ ଆସିଛି ବୋଲି ପୂର୍ବତନ ଯନ୍ତ୍ରୀ କହିଛନ୍ତି ।

ସେହିପରି କନ୍ଧମାଳ ବାଲିଗୁଡ଼ାରେ ବଡ଼ ଭୂସ୍ଖଳନ ଯୋଗୁ ଗୋଟିଏ ପରିବାରର ତିନି ଜଣ ମାଟିରେ ପୋତି ହୋଇ ମୃତ୍ୟୁ ଘଟିଛି । ବିଭିନ୍ନ ସ୍ଥାନରେ ପାହାଡ଼ ଉପରୁ ଭୂସ୍ଖଳନ ହୋଇଛି । ରାଇକିଆ ବ୍ଲକ ମାଣିକେଶ୍ୱରୀ ପଞ୍ଚାୟତର ଡାଙ୍ଗେସି ଗାଁରେ ରହୁଥିବା ୧୫ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଗୋଟିଏ ପରିବାରର ୭ମାସର ଛୋଟ ଛୁଆ ସହ ରହିଥିବା ୩ ଜଣଙ୍କ ମୃତ୍ୟୁ ହୋଇଛି । ସେମାନେ ହେଲେ ୩୫ବର୍ଷୀୟ ଅଚ୍ୟୁତା ନନ୍ଦ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୨୮ବର୍ଷୀୟ ମାନସୀ ନନ୍ଦ ପ୍ରଧାନଙ୍କ ଶବ ମାଟିରେ ପୋତି ହୋଇ ରହିଥିବା ବେଳେ ବର୍ତ୍ତମାନ ତାଙ୍କର ମୃତ ଦେହକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି ।

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2026-30, ତାରିଖ: 26.10.2026

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ବରିଷ୍ଠ ସେକ୍ସନ ଯନ୍ତ୍ରୀ/ସିଗ୍ନାଲ/କଣ୍ଟାବାଞ୍ଜିଙ୍କ ଅଧୀନରେ ମୁରିବାହାଲ (MRBL) - ଆରଙ୍ଗ ମହାନଦୀ (ANMD) ସେକ୍ସନ ନିମନ୍ତେ ଏକ ବର୍ଷ ପାଇଁ ସିଗ୍ନାଲ୍ ଜୋନାଲ୍ କାର୍ଯ୍ୟ।

ଟେଣ୍ଡର ମୂଲ୍ୟ: ₹64,58,311.95, ବିଡ୍ ସିକ୍ୟୁରିଟି: ₹1,29,200.00.

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 17.11.2026, 11.00 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (firm)ର ଲେଟର ହେଡରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ www.ireps.gov.inରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନା ଅବଲୋକନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ବରିଷ୍ଠ ମଣ୍ଡଳ ସଂକେତ ଓ ଦୂରସଂଚାର ଯନ୍ତ୍ରୀ/ ସମ୍ବଲପୁର
PR-520/R/26-27

AFFIDAVIT

By virtue of an affidavit sworn before Executive Magistrare.SALIPUR Dated 30.10.2026, SUKANYA DAS, Address AT/PO:ODASINGH, PS-SALIPUR DIST- CUTTACK, ODISHA PIN: 754201 declare that I have changed my name from RADHIKA DAS to SUKANYA DAS. Henceforth, I shall be known as SUKANYA DAS for all purposes.

SUKANYA DAS
(New Name)

ଆଜି...

ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହା ଶ୍ରୀବିଜୟପୁରମ୍ (ପୋର୍ଟ ବ୍ଲେୟାର)ଠାରୁ ପ୍ରାୟ ୧୫୦ କିମି ପୂର୍ବ-ଦକ୍ଷିଣପୂର୍ବରେ ଏବଂ ଲିଟିଲ୍ ଆଣ୍ଡାମାନଠାରୁ ପ୍ରାୟ ୧୨୦ କିମି ପୂର୍ବରେ ରହିଛି । କେନ୍ଦ୍ରୀୟ ବାୟୁଚାପ ପ୍ରାୟ ୧୦୦୮-୧୦୧୦ ହେକ୍ଟୋପାସ୍କାଲ୍ ଏବଂ ସର୍ବାଧିକ ସ୍ଥାୟୀ ପବନ ବେଗ ଘଣ୍ଟାକୁ ୩୫-୪୫ କିମି ରହିଛି । ମେଘମାଳା ଓ ବଜ୍ରମେଘର ସଂଗଠନ ଏପର୍ଯ୍ୟନ୍ତ ଦୁର୍ବଳ ରହିଛି । ମୁଖ୍ୟତଃ ଦକ୍ଷିଣ ଓ ପଶ୍ଚିମ ଭାଗରେ ଘନ ମେଘ ସୃଷ୍ଟି ହେଉଛି । ୩୧ ତାରିଖ ସୁଦ୍ଧା ଏହା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ପରେ ୧-୩ ନଭେମ୍ବର ମଧ୍ୟରେ ଏହା ବଙ୍ଗୋପସାଗର ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଯାଇପାରେ । ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଥିବାବେଳେ ଉତ୍ତର ତାମିଲନାଡୁ ଉପକୂଳକୁ ଯିବାର ସମ୍ଭାବନାକୁ ମଧ୍ୟ ବାଦ୍ ଦିଆଯାଇପାରିବ ନାହିଁ । ସ୍ଥଳଭାଗ ଅତିକ୍ରମ କରିବାର ନିର୍ଦ୍ଦିଷ୍ଟ ସ୍ଥାନ, ସମୟ ଓ ତୀବ୍ରତା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପବନର ଉଚ୍ଚତାଭିତ୍ତିକ ପାର୍ଥକ୍ୟ ବୃଦ୍ଧି ଏବଂ ଶୁଷ୍କ ବାୟୁର ପ୍ରବେଶ ଯୋଗୁଁ ପ୍ରଣାଳୀର ଉର୍ଦ୍ଧ୍ୱର୍ ସଂଗଠନ ବାଧାପ୍ରାପ୍ତ ହୋଇପାରେ । ଫଳରେ ଏହାର ତୀବ୍ରତା ବୃଦ୍ଧି ସୀମିତ ରହିପାରେ । ଏହା ଗଭୀର ଅବପାତ କିମ୍ବା ସାମାନ୍ୟ ତୀବ୍ରତାର ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି ।

କେନ୍ଦୁଝରଗଡ ପୌରପରିଷଦ କାର୍ଯ୍ୟାଳୟ, କେନ୍ଦୁଝର

ପତ୍ର ସଂଖ୍ୟା : ୧୨୧୯୧ ତା. ୨୮.୧୦.୨୬

13001/2310/2627

ନୋଟିସ୍

ଏତଦ୍ୱାରା କେନ୍ଦୁଝରଗଡ ପୌରାଞ୍ଚଳର ସମସ୍ତ ଅଧିବାସୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଟର୍ଚ୍ଚ ଛକ ମାର୍କେଟ କମ୍ପ୍ଲେକ୍ସ / କାଶୀପୁର ମାର୍କେଟ କମ୍ପ୍ଲେକ୍ସ / ମଣ୍ଡୁଆ ମାର୍କେଟ କମ୍ପ୍ଲେକ୍ସ / ବ୍ରାହ୍ମଣୀ ଗାଁ ମାର୍କେଟ କମ୍ପ୍ଲେକ୍ସ / ହାଟପଡିଆ (ପୁରୁଣା ବଜାର) ମାର୍କେଟ କମ୍ପ୍ଲେକ୍ସ ରେ ଥିବା ଦୋକାନ ଗୃହ ଆବଣ୍ଟନ କରି ଭଡା ସୂତ୍ରରେ ଦିଆଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଅଛି । ଏଣୁ ଇଚ୍ଛୁକ ବ୍ୟକ୍ତିମାନେ ତା.୩୧.୧୦.୨୦୨୬ ରିଖ ଠାରୁ ତା. ୧୧.୧୧.୨୦୨୬ ରିଖ (୫.୦୦ଟିକା) ମଧ୍ୟରେ ପୌର କାର୍ଯ୍ୟାଳୟରେ ଟ.୫୦୦.୦୦ (ପାଞ୍ଚ ଶହ) ଟଙ୍କା (ଅଣ ଫେରସ୍ତ) ଦାଖଲ କରି ନିର୍ଦ୍ଧାରିତ ଫର୍ମ ସଂଗ୍ରହ କରି ତା. ୧୨.୧୧.୨୦୨୬ ରିଖ (୫.୦୦ ଟିକା) ସୁଦ୍ଧା ପୌର କାର୍ଯ୍ୟାଳୟରେ ଦାଖଲ କରିବେ ଏବଂ ଏହା ୧୩.୧୧.୨୦୨୬ ରିଖ ୧୧.୦୦ ଘଟିକା ସମୟରେ ପୌର କାର୍ଯ୍ୟାଳୟରେ ଖୋଲାଯିବ ।

ସ୍ୱା/- ନିର୍ବାହୀ ଅଧିକାରୀ
କେନ୍ଦୁଝରଗଡ ପୌରପରିଷଦ

OIPR : 13001/13115/1/26-27/0018

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KATAKA

Zilla Swasthya Samiti, Kataka
Dept. of Health & Family Welfare, Govt, of Odisha
District Head Quarter Hospital, Kataka-763001
10001/672/2627 Phone : (0671) 2305377
Advt No. 03 /MCR Footwear (Grade -1 & Grade - II) /KTK /2026-27 Date: 31/10/2026

TENDER CALL NOTICE FOR SUPPLY OF MCR FOOT WEAR FOR LEPROSY AFFECTED PERSONS (LAP) OF KATAKA DISTRICT

Sealed bids are invited from individuals/Agency / Society / Firm for supply of MCR Footwear (Grade-I & Grade -II) for Leprosy affected persons (LAP) of Kataka District. Details regarding eligibility criteria, terms & conditions and the formats for submission of bid (Technical & Price bid) are mentioned in the tender document which may be downloaded from the website: https://Kataka.odisha.gov.in. Interested agencies has to submit their bids in a sealed envelope super-subscribing on the top of the sealed envelope as **"Tender for supply of MCR Footwear (Grade -I & Grade-II for Leprosy affected Persons (LAP) of Kataka District. Bid Reference No: 03 /MCR Footwear /KTK/2026-27 Date: 31 / 10 / 2026".** The bids should reach to the office of the undersigned on or before Dt.20/11/2026 at 04:00 P.M. through Speed Post/Regd. Post/Courier only. Sealed bids will be opened on Dt.21/11/2026 at 4.00 P.M. The undersigned reserves the right to reject any or all the bids without assigning any reason thereof.

Sd/- CDM & PHO
Kataka

OIPR : 10001/10022/1/26-27/0013

GOVERNMENT OF ODISHA.
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER
MECHANICAL CIRCLE, HIRAKUD,
DIST.: SAMBALPUR, ODISHA, PIN-768016
32001/1188/2627 Email : semech-eicwr.od@od.gov.in

E-Procurement Notice - B.I. No. ACEMC / MDHKD : 08/2026-27

1.	Name of the Work	:	Mechanical Gate Works.
2.	No. of Work	:	01 (One) No.
3.	Category of executors	:	SSI Units registered under DIC/ NSIC/ MSME for Irrigation Shutters/ Hydro Mechanical Gates
4.	Bid Identification No.	:	ACEMC/MDHKD:08/2026-27
5.	Estimated Cost	:	10.06Lakh (Excluding GST)
6.	Period of Completion	:	Two Calendar Months.
7.	Date & time of availability of bid documents in the Portal	:	From dt.04.11.2026 (10.00AM) to dt.16.11.2026 (5.30PM)
8.	Last date/ time for receipt of bid in the Portal	:	dt. 16.11.2026(up to 5.30 PM)
9.	Date and place of opening of bid	:	dt.17.11.2026,11.30 AM onwards in O/o the undersigned
10.	Name of the Officer inviting Bids	:	Additional Chief Engineer, Mechanical Circle, Hirakud.

Further details can be seen only from e-procurement portal https://tendersodisha.gov.in

OIPR : 32001/32344/1/26-27/0005
Sd/- Additional Chief Engineer

VIKRAMDEV UNIVERSITY, JAYAPUR-764001, KORAPUT, ODISHA
ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର - ୭୬୪୦୦୧, କୋରାପୁଟ, ଓଡ଼ିଶା

(Accredited with Grade 'A' by NACC)
No. 693 / VDU/2026 Date : 09.10.2026

11001/389/2627 **REQUEST FOR PROPOSAL**

A sealed proposals are invited from eligible, experienced, and reputed Agencies Firms/ Companies/ Organizations hereinafter referred to as "Facility Management Service Provider (FMSP)" for providing Comprehensive Facility Management Services (CFMS) at Vikram Dev University, Jayapur, as per the detailed scope of work, eligibility criteria, and terms & conditions specified in the Request for Proposal (RIP) document The interested Service Providers are required to submit their bids in the prescribed format so as to reach the undersigned on or before date 13.11.2026 up to 05:00 PM through Speed Post/ Registered Post only. The proposals will be opened on date 16.11.2026 at 11:00 AM in the presence of the bidders or their authorized representatives, if any.

The sealed envelope containing the tender should be clearly superscribed as : "RFP for Providing Comprehensive Facility Management Services (CFMS) to Vikram Dev University. Jayapur".

The detailed RFP document, including scope of services, eligibility criteria evaluation methodology, and other relevant information, is available on the university website: www.vikramdevuniversity.ac.in.

The Vikram Dev University, Jayapur reserves the right to reject any or all proposals or terminate the entire selection process at any stage without assigning any reason thereof.

By the order of Vice Chancellor
Sd/- REGISTRAR
Vikram Dev University
Jayapur

OIPR : 11001/11133/1/26-27/0012

ଓଡ଼ିଶା ସରକାର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ
(ଆଇନ ବିଭାଗ ସମ୍ପର୍କିତ ପ୍ରକଳ୍ପ)

24001/522/2627

ଅଧିସୂଚନା

ନମ୍ବର : ୨୧୬୮ ତାରିଖ : ୨୭.୧୦.୨୦୨୬

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କଟକ ଜିଲ୍ଲାର ମାନ୍ୟବର ଓଡ଼ିଶା ହାଇକୋର୍ଟ, କଟକ ସମ୍ମୁଖରେ ନିର୍ମିତ ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍‌ଙ୍କ ନୂତନ କାର୍ଯ୍ୟାଳୟ କୋଠା ପାଇଁ ପାର୍କିଂ ସ୍ଥାନ ଯୋଗାଇବା ନିର୍ମାଣ ନିମନ୍ତେ ମୌଜା-କଟକସହର ୟୁନିଟ ନମ୍ବର-୧୪ ନୟାସଡକ, ଥାନା-ଲାଲବାଗ ନଂ-୪, ତହସିଲ-କଟକ, ଜିଲ୍ଲା କଟକରେ ନିମ୍ନ ତଫସିଲ ମତେ ପ୍ରାୟ ଏକର ୦.୧୧୯୦ ଭୂମି ଅଧିଗ୍ରହଣ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ : ମାନ୍ୟବର ଓଡ଼ିଶା ହାଇକୋର୍ଟ, କଟକ ସମ୍ମୁଖରେ ନିର୍ମିତ ଓଡ଼ିଶାର ଆଡଭୋକେଟ୍ ଜେନେରାଲଙ୍କ ନୂତନ କାର୍ଯ୍ୟାଳୟ କୋଠା ପାଇଁ ପାର୍କିଂ ସ୍ଥାନ ଯୋଗାଇବା ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ : ପ୍ରଶାସନିକ ଅଧିକାରୀ, ମହାଧିବକ୍ତାଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ (Administrative Officer, Office of the Advocate General, Odisha, Kataka)

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : Providing parking space for the new office building of the Advocate General, Odisha, Kataka, ମାନ୍ୟବର ଓଡ଼ିଶା ହାଇକୋର୍ଟ, କଟକ ସମ୍ମୁଖରେ ନିର୍ମିତ ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍‌ଙ୍କ ନୂତନ କାର୍ଯ୍ୟାଳୟ କୋଠା ପାଇଁ ପାର୍କିଂ ସ୍ଥାନ ଯୋଗାଇବା ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ : ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମା ପତ୍ର ସଂଖ୍ୟା RDM-LAA-CTC-0001-2026-30035 ତା. ୧୩.୦୭.୨୦୨୬ ରିଖ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR R&R Act, 2013) ର ୮(୨) ଧାରାରେ ଅନୁମୋଦିତ ଓ ପ୍ରକାଶିତ ଘୋଷଣା ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ଅଟେ । ଏଥି ସହିତ ସଂଲଗ୍ନ କରାଯାଇଛି ।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ : ଉପ ଜିଲ୍ଲାପାଳ, କଟକ ସଦର

୬. ଜମିର ବିବରଣୀ : ଏଥି ସହିତ ସଂଲଗ୍ନ କରାଯାଇଛି ।

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ	ପ୍ଲଟ ନଂ	କିସମ	ପ୍ଲଟର ମୋଟ ରକବା (ଏକର)	ଅଧିସୂଚିତ ଜମିର ରକବା (ଏକର)	ରୟତଙ୍କ ନାମ
କଟକ	ସଦର କଟକ	ୟୁନିଟ୍ ନଂ-୧୪, ନୟାସଡକ	ସହରାଞ୍ଚଳ	୪୩୫/ ୨୦୩	୧୯୩୩	ଘରବାରି ଏକ	୦.୦୧୭୦	୦.୦୧୭୦	ଦାମୋଦର ମିଶ୍ର, ଦୁର୍ଗାମାଧବ ମିଶ୍ର, ଗଜଲକ୍ଷ୍ମୀ ମିଶ୍ର, ପିଃ ହାଡିବନ୍ଧୁ ମିଶ୍ର, ନେତ୍ରମଣୀ ମିଶ୍ର, ସ୍ୱାଃ ହାଡିବନ୍ଧୁ ମିଶ୍ର, ଜାଃ ବ୍ରାହ୍ମଣ, ବାଃ ଚାନ୍ଦିନଚୌକ, ଥାଃ ଲାଲବାଗ, ଜିଃ-କଟକ
					୧୯୩୨	ଘରବାରି ଏକ	୦.୦୦୪୦	୦.୦୦୪୦	
				୪୩୫/	୧୯୩୪	ଘରବାରି ଏକ	୦.୦୯୮୦	୦.୦୯୮୦	
ମୋଟ							୦.୧୧୯	୦.୧୧୯	

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ (ପୌର), କଟକ ଏବଂ ମହାଧିବକ୍ତାଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କଟକ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅର୍ଜନ ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ର ଧାରା ୧୫ ର ବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳ, କଟକଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
COLLECTOR,
KATAKA

COLCTT-LACCALA-LA-0010-2026/2/2026
OIPR : 24001/24178/3/26-27/0003

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।



ପିଏମ୍ କିଷାନ୍ ଉତ୍ସବ ଅବସରରେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ପଶ୍ଚିମବଙ୍ଗରେ ନୂଆ ପୁଞ୍ଜିନିବେଶ ଯୋଜନା: ଶିଳ୍ପ ବିକାଶରେ ଓଡ଼ିଶା ପାଇଁ ସତର୍କ ଘଣ୍ଟି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଖଣିଜ ସମ୍ପଦ ଦୀର୍ଘଦିନ ଧରି ରାଜ୍ୟର ଖଣି ଓ ଧାତୁ ଶିଳ୍ପକୁ ସମୃଦ୍ଧ କରିଆସିଛି । କିନ୍ତୁ ଏବେ ରାଜ୍ୟ ସମ୍ମୁଖରେ ଆଉ ଏକ ଜରୁରୀ ଆହ୍ୱାନ ରହିଛି । ନୂଆ ପୁଞ୍ଜିନିବେଶ ହାସଲ ପାଇଁ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ତୀବ୍ର ହେଉଥିବାରୁ ଓଡ଼ିଶାକୁ ଏ ଦିଗରେ ଅଧିକ ତତ୍ପର ହେବାକୁ ପଡ଼ିବ । ନିକଟରେ ବେଦାନ୍ତ ଗ୍ରୁପ୍ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୁମିନିୟମ୍ ଓ ଶକ୍ତି କ୍ଷେତ୍ରରେ ୭୦,୦୦୦ରୁ ୮୦,୦୦୦ କୋଟି ଟଙ୍କାର ସମ୍ଭାବ୍ୟ ପୁଞ୍ଜିନିବେଶ ନେଇ ଆଲୋଚନା କରିଛନ୍ତି । ଯଦିଓ ଏହି ପ୍ରସ୍ତାବ ଏବେ ବି ସମ୍ଭାବ୍ୟତା ଅନୁଧ୍ୟାନ ପର୍ଯ୍ୟାୟରେ ରହିଛି, ତଥାପି ଏହା ଏକ ସ୍ପଷ୍ଟ ସଙ୍କେତ ଦେଉଛି ଯେ ନୂଆ ଶିଳ୍ପ ପ୍ରତିଷ୍ଠା ପାଇଁ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ଚାଲିଛି । କେବଳ ପ୍ରାକୃତିକ ସମ୍ପଦ ଥିବାରୁ ଭବିଷ୍ୟତରେ ପୁଞ୍ଜିନିବେଶ ନିଶ୍ଚିତ ଭାବେ ଓଡ଼ିଶାକୁ ଆସିବ ବୋଲି ଧରିନେବା ଠିକ୍ ହେବ ନାହିଁ ।

ବେଦାନ୍ତ ଦୀର୍ଘବର୍ଷ ଧରି ଓଡ଼ିଶାରେ କାର୍ଯ୍ୟ କରୁଛି । ଏଭଳି ସ୍ଥିତିରେ ପଶ୍ଚିମବଙ୍ଗ ପ୍ରତି କମ୍ପାନୀର ଆଗ୍ରହ ଏହାର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ପାଇଁ ଅନ୍ୟ ସ୍ଥାନଗୁଡ଼ିକୁ ବିଚାର କରୁଥିବାର ସଙ୍କେତ ଦେଉଛି କି? ଏହି ପ୍ରଶ୍ନ ଓଡ଼ିଶା ସରକାରଙ୍କ ପାଇଁ ଆତ୍ମସମୀକ୍ଷାର ବିଷୟ ହେବା ଉଚିତ । ଏଭଳି ପରିସ୍ଥିତିରେ ରାଜ୍ୟ ସରକାରଙ୍କୁ ତ୍ୱରିତ ପଦକ୍ଷେପ ନେବାକୁ ହେବ । ନିଷ୍ପତ୍ତି ଗ୍ରହଣରେ ବିଳମ୍ବ ଦୂର କରିବା, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନୁମୋଦନ ପ୍ରଦାନ କରିବା ଏବଂ ଭିତିଭୂମି ଓ ଶିଳ୍ପ ବିକାଶ ପାଇଁ ସମନ୍ୱିତ ସହଯୋଗ ଯୋଗାଇଦେବା ଜରୁରୀ । ଶିଳ୍ପ ପ୍ରକଳ୍ପଗୁଡ଼ିକରେ ରହିଥିବା ପ୍ରତିବନ୍ଧକ ଦୂର କରିବା ସହ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ, ଯାହାଦ୍ୱାରା ନିବେଶକମାନେ ରାଜ୍ୟରେ ପୁଞ୍ଜି ଖଟାଇବାକୁ ଆତ୍ମବିଶ୍ୱାସ ପାଇପାରିବେ ।

ପଶ୍ଚିମବଙ୍ଗ ଭଳି ରାଜ୍ୟ ତୁଳନାରେ ବକ୍ସାଇଟ୍ର ଉପଲବ୍ଧତା ଓଡ଼ିଶାର ଏକ ପ୍ରମୁଖ ସୁବିଧା ରହିଛି । ଏହି ଖଣିଜ ସମ୍ପଦକୁ ଶିଳ୍ପ କାର୍ଯ୍ୟରେ ବ୍ୟବହାର ପାଇଁ ସୁଗମ କରାଗଲେ ବେଦାନ୍ତ ଭଳି କମ୍ପାନୀ ମାନଙ୍କ ପାଇଁ ଓଡ଼ିଶାରେ ପୁଞ୍ଜିନିବେଶ ଓ ସମ୍ପ୍ରସାରଣର ସମ୍ଭାବନା ଅଧିକ ମଜବୁତ ହେବ । କିନ୍ତୁ ବକ୍ସାଇଟ୍ ଉପଲବ୍ଧ ନହେଲେ ରାଜ୍ୟ ନିଜ ଖଣିଜ ସମ୍ପଦରୁ ମିଳୁଥିବା ପ୍ରତିଯୋଗିତାମୂଳକ ସୁବିଧା ହରାଇବାର ଆଶଙ୍କା ରହିଛି । ଭାରତର ଉତ୍ପାଦନ ଆବଶ୍ୟକତା ବୃଦ୍ଧି ପାଉଥିବାରୁ ସ୍ୱତନ୍ତ୍ର ଗୁଣବତ୍ତାଯୁକ୍ତ ଆଲୁମିନିୟମ୍ ଉତ୍ପାଦ ଓ ଉପାଦାନର ଚାହିଦା ବଢ଼ିବା ସହ ବ୍ୟାପକ ଶିଳ୍ପ ନେଟୱର୍କ ଗଠନର ସୁଯୋଗ ସୃଷ୍ଟି ହୋଇପାରିବ ।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିଳ୍ପ ବିକାଶର ସୁଯୋଗ ବଣ୍ଟନ କରିବାର ମଧ୍ୟ ଆବଶ୍ୟକତା ରହିଛି । ଢେଙ୍କାନାଳ, ରାୟଗଡ଼ା, କଳାହାଣ୍ଡି ଓ ଝାରସୁଗୁଡ଼ାରେ ଶିଳ୍ପର ସମ୍ପ୍ରସାରଣ ହେଲେ ସ୍ଥାନୀୟ ବ୍ୟବସାୟିକ ନେଟୱର୍କ ମଜବୁତ ହେବା ସହ ଅଧିକ ଜିଲ୍ଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ତେବେ ଏହି ଲକ୍ଷ୍ୟ ଆପେଆପେ ହାସଲ ହେବ ନାହିଁ । ଏଥିପାଇଁ ପ୍ରକଳ୍ପଗୁଡ଼ିକର ସମନ୍ୱିତ କାର୍ଯ୍ୟାନ୍ୱୟନ, ଆବଶ୍ୟକ ଭିତିଭୂମି, ଦକ୍ଷତା ବିକାଶ ଏବଂ ଆନୁଷଙ୍ଗିକ ଶିଳ୍ପ ପାର୍କର ବିକାଶ ଜରୁରୀ । ବଡ଼ ପୁଞ୍ଜିନିବେଶ ପ୍ରସ୍ତାବଗୁଡ଼ିକର ସରକାରୀ ସମୀକ୍ଷା ଏକ ସକାରାତ୍ମକ ପଦକ୍ଷେପ । କିନ୍ତୁ ଏହା ସହ ପ୍ରକଳ୍ପର ସମୟସୀମା ଉପରେ ନିୟମିତ ନଜର ରଖିବା ଏବଂ ନିବେଶକଙ୍କ ସହ ତାଙ୍କ ଯୋଗାଣ ଶୃଙ୍ଖଳାରେ ଥିବା କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ମଧ୍ୟ ବ୍ୟବହାରିକ ସହଯୋଗ ଯୋଗାଇଦେବା ଆବଶ୍ୟକ । ଦୀର୍ଘମିଆଦୀ ଦୃଷ୍ଟିକୋଣରୁ ଓଡ଼ିଶାର ଲକ୍ଷ୍ୟ କେବଳ ଖଣିଜ ଓ ପ୍ରାଥମିକ ଧାତୁ ଯୋଗାଣକାରୀ ରାଜ୍ୟ ଭାବେ ପରିଚିତ ହେବା ନୁହେଁ । ରାଜ୍ୟ ଏପରି ଏକ ଶିଳ୍ପ କେନ୍ଦ୍ର ଭାବେ ଗଢ଼ିଉଠିବା ଉଚିତ, ଯେଉଁଠାରେ ପ୍ରାକୃତିକ ସମ୍ପଦକୁ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦ, ନୂତନ ପ୍ରଯୁକ୍ତି, ବ୍ୟବସାୟ ଓ ନିଯୁକ୍ତିରେ ପରିଣତ କରାଯାଇପାରିବ । କଞ୍ଚାମାଲ ଯୋଗାଉଥିବା ରାଜ୍ୟ ଶିଳ୍ପ ଅର୍ଥନୀତିରେ ଆଗରେ ଥାଏ । କିନ୍ତୁ ସମ୍ପୂର୍ଣ୍ଣ ଉତ୍ପାଦନ ଶିଳ୍ପ ବ୍ୟବସ୍ଥା ଗଢ଼ିପାରୁଥିବା ରାଜ୍ୟ ଏହାର ଅଧିକ ଲାଭ ହାସଲ କରିଥାଏ । ଓଡ଼ିଶା ପାଖରେ ଏଥିପାଇଁ ଆବଶ୍ୟକ ଖଣିଜ ସମ୍ପଦ ଓ ଶିଳ୍ପଭିତି ରହିଛି । ଏବେ ଜରୁରୀ ହେଉଛି, ଏହି ସୁବିଧାକୁ ପୁଞ୍ଜିନିବେଶ ଓ ଦୀର୍ଘସ୍ଥାୟୀ ଉତ୍ପାଦନ ଶିଳ୍ପର ଅଭିବୃଦ୍ଧିରେ ପରିଣତ କରିବା ପାଇଁ ଯଥାଶୀଘ୍ର ଦୃଢ଼ ପଦକ୍ଷେପ ନେବା ଜରୁରି ହୋଇ ପଡିଛି ।

ପୁରୀରେ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ପିଏମ୍ କିଷାନ ୨୪ତମ କିସ୍ତି ପ୍ରଦାନ ଉତ୍ସବ

ଜିଲ୍ଲାର ୧,୬୨,୪୦୬ ଚାଷୀଙ୍କୁ ମିଳିଲା ୩୨ କୋଟିରୁ ଅଧିକ ଟଙ୍କା ସହାୟତା

ପୁରୀ, (ସବ୍ୟୁ): 'ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି' (ପିଏମ୍ କିଷାନ) ଯୋଜନାର ୨୪ତମ କିସ୍ତି ସହାୟତା ରାଶି ସିଧାସଳଖ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜୁରାଟର ବନାସକାଣ୍ଠା ଠାରୁ ଆଭାସୀ ମାଧ୍ୟମରେ ଏହି ସହାୟତା ବଣ୍ଟନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଓଡ଼ିଶାର ୩୫ ଲକ୍ଷ ୩୮ ହଜାରରୁ ଉର୍ଦ୍ଧ୍ୱ ଯୋଗ୍ୟ କୃଷକଙ୍କ ବ୍ୟାଙ୍କ ଜମାଖାତାକୁ ଡିବିଟି ଜରିଆରେ ସମୁଦାୟ ୭୦୭.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ, କୃଷକ ସମାଜ କେବଳ ଚାଷୀ ନୁହନ୍ତି, ସେମାନେ ଆମ ପାଇଁ ଅନ୍ନଦାତା । କୃଷକମାନଙ୍କ ଉନ୍ନତି ଓ ଆର୍ଥିକ ବିକାଶ ହିଁ ଓଡ଼ିଶାର ସାମଗ୍ରୀକ ବିକାଶକୁ ଆଗକୁ ନେବ । ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଆନୁକୂଲ୍ୟରେ ପୁରୀ ଜିଲ୍ଲା ପରିଷଦ ସଭାଗୃହଠାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଯୋଗଦେଇ କହିଥିଲେ ଯେ କୃଷି ଆମ ଦେଶର ଅର୍ଥନୀତିର ମୁଖ୍ୟ ମାଧ୍ୟମ ଏବଂ କୃଷକଙ୍କ କଠୋର ପରିଶ୍ରମ ଯୋଗୁଁ ଆମେ ଖାଦ୍ୟ ପାଇପାରୁଛୁ । ଏହି ୨୪ତମ କିସ୍ତିରେ ପୁରୀ ଜିଲ୍ଲାର ୧,୬୨,୪୦୬ ଜଣ ଚାଷୀଙ୍କୁ ଡିବିଟି ମାଧ୍ୟମରେ ମୋଟ ୩୨ କୋଟି ୪୮ ଲକ୍ଷ ୧୨ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଶିବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ କୃଷି ଜିଲ୍ଲା ଅଧିକାରୀ ସବ୍ୟସାଚୀ ଦାସ, ନିମାପଡ଼ା କୃଷି ଜିଲ୍ଲା ଅଧିକାରୀ ପିୟୁଷ ପଲ୍ଲଭ ପରିଡ଼ା, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶିକା ଶ୍ରୀମତୀ ସୂଚନା ସ୍ୱସ୍ତିକା, ପ୍ରାଣୀ ଚିକିତ୍ସା ବିଭାଗରୁ ଡ. ଆଶୁତୋଷ ମହାନ୍ତି ଏବଂ ମୃତ୍ତିକା ସଂରକ୍ଷଣ ବିଭାଗ ଉପନିର୍ଦ୍ଦେଶିକା ଶ୍ରୀମତୀ ସୌଭାଗିନୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

କିମ୍ସରେ ୨୦୨୬ ଏମ୍ବିବିଏସ୍ ଓ ବିଡିଏସ୍ ବ୍ୟାଚ୍ର ହ୍ୱାଇଟ୍ କୋଟ୍ ସମାରୋହ

ଭୁବନେଶ୍ୱର, (ସବ୍ୟୁ): କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମ୍ସ)ରେ ୨୦୨୬ ଏମ୍ବିବିଏସ୍ ଓ ବିଡିଏସ୍ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଶୁକ୍ରବାର ହ୍ୱାଇଟ୍ କୋଟ୍ ସମାରୋହ ଅନୁଷ୍ଠିତ ହୋଇଛି । ନବାଗତ ଏମ୍ବିବିଏସ୍ ଓ ବିଡିଏସ୍ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଉପଲବ୍ଧ ସୁଯୋଗର ସର୍ବୋତ୍ତମ ଉପଯୋଗ କରିବା ସହ ନିଜର ସମଗ୍ର ବୃତ୍ତିଗତ ଜୀବନରେ ନିରନ୍ତର ଜ୍ଞାନ ଆହରଣ ପ୍ରତି ସମର୍ପିତ ରହିବାକୁ ପରାମର୍ଶ ଦେଇଥିଲେ । ସେ କହିଲେ, ଏହା ଜ୍ଞାନର ଯୁଗ । ତେଣୁ ପିଲାମାନେ ଜ୍ଞାନର ସର୍ବାଧିକ ଉପଯୋଗ କରନ୍ତୁ । ବର୍ତ୍ତମାନ ସିଭିଲ୍ ସର୍ଭିସ୍ ପରୀକ୍ଷା (ୟୁପିଏସ୍ସି)ରେ ଅନେକ ସଫଳ ପ୍ରାର୍ଥୀ ଡାକ୍ତରୀ ପୃଷ୍ଠଭୂମିରୁ ଆସୁଥିବା ଉଦାହରଣ ଦେଇ ସେ ଛାତ୍ରଛାତ୍ରୀମାନଙ୍କୁ ପାରମ୍ପରିକ ଡାକ୍ତରୀ ବୃତ୍ତିର ସୀମା ବାହାରେ ମଧ୍ୟ ବିଭିନ୍ନ ସୁଯୋଗ ଅନ୍ୱେଷଣ କରିବାକୁ ଉତ୍ସାହିତ କରିଥିଲେ । କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟ ଡାକ୍ତରୀ ବୃତ୍ତିକୁ ଏକ ଉତ୍କୃଷ୍ଟ ପେସା ଭାବେ ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ନିଜର ଶିକ୍ଷା ଜୀବନକୁ ଆନନ୍ଦର ସହ ଉପଭୋଗ କରିବାକୁ କହିଥିଲେ । କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଆର. ସି. ଦାସ ଡାକ୍ତରୀ ଶିକ୍ଷାରେ ପ୍ରବେଶକୁ ଛାତ୍ରଛାତ୍ରୀଙ୍କ ଜୀବନର ଏକ ପରିବର୍ତ୍ତନକାରୀ ପର୍ଯ୍ୟାୟ ଭାବେ ଅଭିହିତ କରିଥିଲେ । ପ୍ରଯୁକ୍ତିବିଦ୍ୟା ଯେପରି ସେମାନଙ୍କ ନିଷ୍ପତ୍ତିକୁ ନିୟନ୍ତ୍ରଣ ନ କରିବ, ବରଂ ସହାୟକ ଭାବେ କାର୍ଯ୍ୟ କରିବ, ସେଥିପ୍ରତି ସଚେତନ ରହିବାକୁ ସେ କହିଥିଲେ । କିଟ୍ ସ୍କୁଲ୍ ଅଫ୍ ମେଡିସିନ୍ର ଉପକୁଳପତି ଡା. ସି.ବି.କେ. ମହାନ୍ତି ଯୁବ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ରୋଗୀଙ୍କ ପ୍ରତି ଦୟା, ସମ୍ବେଦନଶୀଳତା ଓ ସହାନୁଭୂତି ପ୍ରଦର୍ଶନ କରିବାକୁ କହିଥିଲେ । ଏହି ଅବସରରେ ହ୍ୱାଇଟ୍ କୋଟ୍ ସମାରୋହ ମାଧ୍ୟମରେ କିମ୍ସର ୨୦୨୬ ଏମ୍ବିବିଏସ୍ ଓ ବିଡିଏସ୍ ବ୍ୟାଚ୍ର ଡାକ୍ତରୀ ଶିକ୍ଷା ଯାତ୍ରାର ଔପଚାରିକ ଶୁଭାରମ୍ଭ ହୋଇଥିଲା ।



ପାଠ୍ୟ ପୁସ୍ତକରେ ତ୍ରୁଟି ମାମଲା

ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

କଟକ,(ସବ୍ୟୁ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ତ୍ରୁଟି ସଂକ୍ରାନ୍ତ ମାମଲା ଆଜି ହାଇକୋର୍ଟରେ ବିଚାର ପାଇଁ ଆସିଥିଲା । ଏହି ମାମଲାରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ରିପୋର୍ଟ ତଲବ କରିଛନ୍ତି । ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ନଭେମ୍ବର ୯କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି ।

ଆବେଦନକାରୀ ଶ୍ରୀ ଦାସ ପିଟିସନ୍ରେ ଦର୍ଶାଇଛନ୍ତି ଯେ, ୨୦୨୬-୨୭ ଶିକ୍ଷା(ଏକାଡେମୀକ) ବର୍ଷ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ପାଠ୍ୟପୁସ୍ତକ ଛପା ଯାଇଥିଲା ସେଥିରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଥିଲା । ମୋଟ୍ ୫୫ଟି ପୁସ୍ତକରେ ୧୬୭୮ଟି ତ୍ରୁଟି ଦେଖିବାକୁ ମିଳିଥିଲା । ସର୍ବାଧିକ ତ୍ରୁଟି ଅଷ୍ଟମ ଶ୍ରେଣୀ ପୁସ୍ତକରେ ରହିଥିଲା । ଏହି ପୁସ୍ତକରେ ୭୦୫ଟି ଭୁଲ୍ ଥିଲାବେଳେ ସପ୍ତମରେ ୩୮୭ଟି, ଷଷ୍ଠରେ ୨୮୯ଟି ତ୍ରୁଟି ରହିଥିଲା । ଏହି ତ୍ରୁଟିରୁ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପୁସ୍ତକ ମଧ୍ୟ ବାଦ୍ ପଡ଼ିନଥିଲା । ପଞ୍ଚମ ଏବଂ ତୃତୀୟ ଶ୍ରେଣୀରେ ୭୫ଟି ଲେଖାଏଁ ତ୍ରୁଟି ଥିଲାବଳେ ଚତୁର୍ଥ ଶ୍ରେଣୀ ପାଠ୍ୟପୁସ୍ତକରେ ୧୩୧ଟି, ଦ୍ୱିତୀୟ ଶ୍ରେଣୀ ପାଠ୍ୟପୁସ୍ତକରେ ୧୨ଟି ତ୍ରୁଟିଥିବା ଜଣାପଡ଼ିଥିଲା ।

ଏହି ଘଟଣା ପରେ ରାଜ୍ୟ ସରକାର ତ୍ରୁଟିପୂର୍ଣ୍ଣ ପୁସ୍ତକ ଘଟଣାର କ୍ରାଇମ୍ବ୍ରାଞ୍ଚ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାସହ ଅନେକ ଅଧିକାରୀ ଏବଂ କର୍ମଚାରୀଙ୍କୁ ଗିରଫ ମଧ୍ୟ କରିଛନ୍ତି । ହେଲେ ଏ ପର୍ଯ୍ୟନ୍ତ ଏହି ପିଲାଙ୍କୁ ତ୍ରୁଟିମୁକ୍ତ ପୁସ୍ତକ ଯୋଗାଇ ଦିଆଯାଇ ପାରିନାହିଁ । ଏବେ ବି ପିଲାଙ୍କ ହାତରେ ସେହି ତ୍ରୁଟିପୂର୍ଣ୍ଣ ପୁସ୍ତକ ରହିଛି । ଇତିମଧ୍ୟରେ ଗୋଟେ ଶିକ୍ଷା ବର୍ଷର ଅଧା ସମୟ ଚାଲିଯାଇଥିଲାବେଳେ ପିଲାମାନଙ୍କୁ ରାଜ୍ୟ ସରକାର ତ୍ରୁଟିମୁକ୍ତ ପୁସ୍ତକ ଯୋଗାଇ ଦେଇନଥିବାରୁ ହାଇକୋର୍ଟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ । ଏପରିକି ତ୍ରୁଟିପୂର୍ଣ୍ଣ ପୁସ୍ତକ ଆସିବା ପରେ ଭବିଷ୍ୟତରେ ଏଭଳି ଘଟଣାର ଆଉ ଯେପରି ପୁନରାବୃତ୍ତି ନଘଟେ ସେଥିପାଇଁ ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟିର ପରାମର୍ଶକୁ କାର୍ଯ୍ୟକାରୀ କରିବା ଲାଗି ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଆଜି ଏହି ମାମଲାର ପ୍ରାଥମିକ ଶୁଣାଣି କରି ରାଜ୍ୟ ସରକାରଙ୍କୁ ସପ୍ତାହକ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଶ୍ରୀ ଦାସ ନିଜେ ଏହି ମାମଲା ପରିଚାଳନା କରୁଛନ୍ତି ।

ଖୋର୍ଦ୍ଧା ଜିଲ୍ଲାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାକ୍ଷରତା ଶିବିର

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଆର୍ଥିକ ସାକ୍ଷରତା ଶିବିର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଚୟ ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ । ନିୟମିତ ସଂଚୟ ଓ ମିତବ୍ୟୟିତା ଅବଲମ୍ବନ ଦ୍ୱାରା ଜନସାଧାରଣ ନିଜର ଆର୍ଥିକ ସ୍ଥିତିକୁ କିପରି ସୁଦୃଢ଼ କରିପାରିବେ, ସେ ସମ୍ପର୍କରେ ସେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତି, ପରିବାର ଓ ରାଷ୍ଟ୍ରର ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସ୍ୱଳ୍ପ ସଂଚୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେହିପରି ସାଇବର କ୍ରାଇମ ଡିଏସ୍ପି ରବିନାରାୟଣ ଭଞ୍ଜ ସମ୍ମାନିତ ଅତିଥିଭାବେ ଯୋଗଦେଇ ଡିଜିଟାଲ ଆର୍ଥିକ କାରବାର ସମୟରେ ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ଡିଜିଟାଲ୍ ଆର୍ଥିକ କାରବାର ସମୟରେ ସତର୍କତା, ସାଇବର ଠକେଇର ବିଭିନ୍ନ କୌଶଳ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ଆବଶ୍ୟକ ପ୍ରତିରୋଧମୂଳକ ପଦକ୍ଷେପ ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଭୁବନେଶ୍ୱର ଡାକ ବିଭାଗର ବରିଷ୍ଠ ଅଧୀକ୍ଷକ ରତନ ଜାନା, ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ଜିଲ୍ଲା ପ୍ରବନ୍ଧକ, ବିଭିନ୍ନ ବିଭାଗର ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବରିଷ୍ଠ ନାଗରିକ ଏବଂ ଡାକ ସଂଚୟ ଯୋଜନା ସହ ଜଡ଼ିତ ଏଜେଂଟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଖୋର୍ଦ୍ଧାର ସଂଚୟ ଓ ଆର୍ଥିକ ସେବା ବିଭାଗର ସହକାରୀ ନିର୍ଦ୍ଦେଶିକା ମମତା ନାୟକ ପରିଚାଳନା କରିଥିଲେ ।

ବାଳାଶ୍ରମ ଅନ୍ତେବାସୀଙ୍କ ସହ ଜନ୍ମଦିନ ପାଳିଲେ ଯୁବ ସମାଜସେବୀ

କଟକ, (ସ୍ୱପ୍ର) : ନିଆରା ଢଙ୍ଗରେ ନିଜର ୪୮ ତମ ଜନ୍ମଦିବସ ପାଳନ କରିଛନ୍ତି ଯୁବ ସମାଜସେବୀ ରବି ଶରଣ ସିଂହ (ମିଲା) । କଟକ ସଦରର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ସୁପୁତ୍ର ମିଲା ଶୁକ୍ରବାର ନିଜ ଜନ୍ମଦିନକୁ ନୁଆପଡ଼ା ସ୍ଥିତ ବାଳାଶ୍ରମର ଅନ୍ତେବାସୀଙ୍କ ସହ ପାଳନ କରିଥିଲେ । ଏହି ଅବସରରେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି ନିଆରା ପଦକ୍ଷେପକୁ ପ୍ରଶଂସା କରିଥିଲେ । ସେ କୁନିକୁନି ପିଲାଙ୍କ ଗହଣରେ କେକ୍ କାଟିବା ସହ ସେମାନଙ୍କୁ ଅତି ଆଦରରେ କେକ୍ ଖୁଆଇଥିଲେ । ଏଥିସହ ଅନ୍ତେବାସୀଙ୍କୁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ମଧ୍ୟ ବଣ୍ଟନ କରାଯାଇଥିଲା । ପରେ ଅନ୍ତେବାସୀଙ୍କୁ ରନ୍ଧାଖାଦ୍ୟ ଦେବା ସହିତ କମ୍ବଳ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କର୍ପୋରେଟର ରାକେଶ ସ୍ୱାଇଁ, କୈଳାଶ ବସ୍ତିଆ, ରଞ୍ଜିତ ଜେନାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ସେହିପରି ସନ୍ଧ୍ୟାରେ ଓଏମ୍ପି ଡାକବଙ୍ଗଳାଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ମିଳା ଜନ୍ମଦିବସ ପାଳନ କରିଥିଲେ । ଏହି ଅବସରରେ ତାଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଗଣମାଧ୍ୟମ ସର୍ବଦା ନ୍ୟାୟର ସ୍ୱର ହୋଇ ରହୁ ବୋଲି ମିଲା ନିଜ ପ୍ରତିକ୍ରିୟାରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ନିରଞ୍ଜନ ପଟ୍ଟନାୟକ, ବିଶ୍ୱଜିତ ଧଳ, ମଣ୍ଟୁ ସାହୁ, ମନୋଜ ମହାନ୍ତି, ରଞ୍ଜନ ବେହେରା, ସନ୍ତୋଷ ବେହେରା, ରାଧାକାନ୍ତ ଦାସ ଓ ସିଦ୍ଧାର୍ଥ ଶଙ୍କର ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।



ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ମାମଲା

ବ୍ୟାଙ୍କ ମ୍ୟାନେଜରଙ୍କୁ ହାଜର କରିବେ ସୁନ୍ଦରଗଡ଼ ଏସ୍ପି

କଟକ,(ସବ୍ୟୁ): ଝାରସୁଗୁଡ଼ା ବିଧାନସଭା ନିର୍ବାଚନୀ ମାମଲାରେ ଏକ ଜାତୀୟକରଣ ବ୍ୟାଙ୍କ ଅଦାଲତଙ୍କ ବାରମ୍ବାର ନୋଟିସ୍ ସତ୍ତ୍ୱେ ଜବାବ ଦାଖଲ ନକରିବାରୁ ହାଇକୋର୍ଟ ଆଜି କ୍ଷୁବ୍ଧ ହୋଇଛନ୍ତି । ଏହି ଘଟଣାରେ ହାଇକୋର୍ଟ ଉକ୍ତ ଜାତୀୟକରଣ ବ୍ୟାଙ୍କ ମ୍ୟାନେଜରଙ୍କୁ ସୁନ୍ଦରଗଡ଼ ଏସ୍ପି ହାଜର ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ନଭେମ୍ବର ୨ ତାରିଖ ସକାଳ ସାଢେ ୧୦ଟା ସମୟରେ ଏସ୍ପି ସମ୍ପୃକ୍ତ ମ୍ୟାନେଜରଙ୍କୁ ସମସ୍ତ ନଥିପତ୍ର ସହ ଅଦାଲତରେ ହାଜର କରିବେ । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି ।

ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନିର୍ବାଚନକୁ ଚାଲେଞ୍ଜ କରି ପୂର୍ବତନ ବିଧାୟିକା ତଥା ବିଜେଡି ନେତ୍ରୀ ଦୀପାଳି ଦାସ ହାଇକୋର୍ଟରେ ଏହି ନିର୍ବାଚନ ପିଟିସନ ରୁଜୁ କରିଥିଲେ । ଏହି ମାମଲାର ଶୁଣାଣି ସମୟରେ ଏକ ନିର୍ଦ୍ଦିଷ୍ଟ ଗାଡ଼ିର ହାଇପୋଥେକ୍ସନ ଏବଂ ୨୦୨୪ ଏପ୍ରିଲ ୨୯ ସୁଦ୍ଧା ଋଣ ଖାତାର ସ୍ଥିତି ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ ଉକ୍ତ ବ୍ୟାଙ୍କ ସୁନ୍ଦରଗଡ଼ ଶାଖା ପ୍ରବନ୍ଧକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କୋର୍ଟଙ୍କ ରେଜିଷ୍ଟ୍ରି ଦ୍ୱାରା ଦାଖଲ ରିପୋର୍ଟ ଅନୁଯାୟୀ, ଗତ ଅଗଷ୍ଟ ୧୪, ସେପ୍ଟେମ୍ବର ୨୮ ଏବଂ ଗତ ୫ ତାରିଖରେ ସ୍ପିଡ଼ ପୋଷ୍ଟ ଓ ଇ-ମେଲ୍ ଯୋଗେ ବ୍ୟାଙ୍କ ମ୍ୟାନେଜରଙ୍କୁ ନୋଟିସ୍ ତଥା ରିମାଣ୍ଡର ପଠାଯାଇଥିଲା । ପରବର୍ତ୍ତୀ ସମୟରେ ଗତ ୨୯ ତାରିଖ ସୁଦ୍ଧା ନଥି ପତ୍ର ସହ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ଗତ ୨୩ ତାରିଖରେ ପୁଣି ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ସେ ଅଦାଲତରେ ଉପସ୍ଥିତ ହୋଇନଥିଲେ କିମ୍ବା କୌଣସି ଉତ୍ତର ରଖି ନଥିଲେ । ବାରମ୍ବାର ନିର୍ଦ୍ଦେଶକୁ ଅଣଦେଖା କରାଯାଇଥିବା ଦେଖି ଅଦାଲତ କ୍ଷୋଭ ପ୍ରକାଶ କରିବା ସହ ସୁନ୍ଦରଗଡ଼ ଏସ୍ପିଙ୍କ ଜରିଆରେ ବ୍ୟାଙ୍କ ମ୍ୟାନେଜରଙ୍କୁ ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ ଝାରସୁଗୁଡ଼ା ଜିଲା ନିର୍ବାଚନ ଅଧିକାରୀଙ୍କୁ ବାକି ଥିବା ଆବଶ୍ୟକ ନଥି ପତ୍ର ଦାଖଲ କରିବା ପାଇଁ ହାଇକୋର୍ଟ ଆଉ ଏକ ସପ୍ତାହ ମହଲତ ପ୍ରଦାନ କରିଛନ୍ତି । ସେ ପର୍ଯ୍ୟନ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ପୂର୍ବରୁ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ନିକଟରେ ଦାଖଲ କରିଥିବା କାଗଜପତ୍ରଗୁଡ଼ିକୁ ଯାଞ୍ଚ କରିବା ପାଇଁ ଉଭୟ ପକ୍ଷଙ୍କୁ ଅନୁମତି ଦିଆଯାଇଛି । ଏଥିସହିତ ଅତିରିକ୍ତ ପ୍ରସଙ୍ଗ ଧାର୍ଯ୍ୟ କରିବା ପାଇଁ ପ୍ରତିପକ୍ଷଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନ ଉପରେ ପରବର୍ତ୍ତୀ ତାରିଖରେ ବିଚାର କରାଯିବ ବୋଲି କୋର୍ଟ ଉଲ୍ଲେଖ କରିଛନ୍ତି ।

ଅର୍ଣ୍ଣବ ବାତ୍ୟା ଓ ପରବର୍ତ୍ତୀ ଅତିବୃଷ୍ଟି ସମସ୍ୟାର ସମାଧାନରେ ରାଜ୍ୟ ସରକାର ବିଫଳ

ଭୁବନେଶ୍ୱର (ସବ୍ୟୁ): ବାତ୍ୟା ପରବର୍ତ୍ତୀ ଅତିବୃଷ୍ଟି ସମସ୍ୟାର ସମାଧାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍ଗୋ କହିଲେ ରାଜ୍ୟରେ ଅକ୍ଟୋବର ୨୭ ତାରିଖରେ ଏକ ବାତ୍ୟା ବିପତି ଆସଙ୍କା ଥିବା କଥା ପୂର୍ବରୁ ପାଣିପାଗ ବିଭାଗ ସୂଚନା ଦେଇଥିଲେ ଏବଂ ଏଥିରେ କୁହାଯାଇଥିଲା ଯେ ବାତ୍ୟାର ଅବପାତ ଆନ୍ଧ୍ରରେ ଘଟିଲେ ମଧ୍ୟ ଓଡ଼ିଶାର ଦକ୍ଷିଣାଞ୍ଚଳ ଅତି ପ୍ରବଳ ବର୍ଷା ହେବାର ବହୁ ସମ୍ଭାବନା ଅଛି । ରାଜ୍ୟ ସରକାର ବହୁ ପୂର୍ବରୁ ଏହା ଜାଣିଥିଲେ ଏବଂ ରାଜ୍ୟରେ ବାତ୍ୟାଜନିତ ସୁନ ମୃତ୍ୟୁ ହେବାର ଘୋଷଣା ବାରମ୍ବାର କହି ଚାଲିଥିଲେ । କିନ୍ତୁ ପରିତାପର ବିଷୟ ଅତିବୃଷ୍ଟି ଜନିତ କ୍ଷୟକ୍ଷତି ଉପରେ ଆନ୍ତରିକତା ସହିତ କୌଣସି ଚିନ୍ତା କରିନଥିଲେ । ଏହି ଅଦୁରଦର୍ଶିତା ପାଇଁ ଓଡ଼ିଶାର ଏକ ବିରାଟ ଅଞ୍ଚଳ ଅନେକ କ୍ଷୟକ୍ଷତିର ସାମ୍ନା କରିବାକୁ ପଡିଲା । ବିଶେଷତ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଅତି ବୃଷ୍ଟିଜନିତ କ୍ଷୟକ୍ଷତି ଅତିମାତ୍ରାରେ ଘଟିବାର ଦେଖାଦେଲା । ଚାଷ ଉପରେ ଗୁରୁତ୍ୱ ଦେଇଥିବା ଏହି ଅଂଚଳର କେବଳ ଧାନଫସଲ ନଷ୍ଟ ହୋଇନାହିଁ । ଅଧିକନ୍ତୁ ଚାଷିମାନେ କରିଥିବା ପନିପରିବା ଚାଷ ନଷ୍ଟ ହୋଇଯାଇଛି । ଏଥିସହି ପାନ ଚାଷ ମଧ୍ୟ କ୍ଷୟକ୍ଷତି ହୋଇଛି । ପାନବରଜିଆମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସମସ୍ତ ଚାଷୀଙ୍କୁ ସେମାନଙ୍କ ଚାଷ ପାଇଁ ବିଶେଷତ ଧାନଫସଲ ସହ, ପରିବା ଚାଷ ନଷ୍ଟ ଓ ପାନଚାଷ କ୍ଷୟକ୍ଷତିର ତୁରନ୍ତ ଭରଣ କରାଯିବାକୁ ଦଳ ଦାବି କରିଛି ।

କଂଗ୍ରେସର ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ କହିଥିଲେ ଯେ ଗଞ୍ଜାମ ଜିଲ୍ଲାର ଅନ୍ୟତ୍ର ୫୦୦ମିଲିମିଟରରୁ ଅଧିକ ବର୍ଷା ହୋଇଥିଲେ ମଧ୍ୟ ଭଞ୍ଜନଗରରେ ୧୬୦ ମିଲିମିଟର ବର୍ଷା ହୋଇଥିଲା । ସରକାର ଓ ସରକାରୀକଳର ଅଦୂରଦର୍ଶିତା ପାଇଁ ଲୋହରାଖଣ୍ଡି ନଦୀର ଡହ ଜଳପ୍ରପାତର ଗେଟ୍ ଖୋଲିବା ପାଇଁ ବାତ୍ୟାର ୭ଦନ ପୂର୍ବରୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ କିନ୍ତୁ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଏହାକୁ ଅଣଦେଖା କରି ୨୮ ତାରିଖ ଦିନ ଡହ ଜଳପ୍ରପାତର ୪ଟି ଗେଟ ଖୋଲିଦେଲେ । ଜଳ ସମ୍ପଦ ବିଭାଗର ଅଦୂରଦର୍ଶିତା ପାଇଁ ଭଞ୍ଜନଗର ସଂପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି । ରାଜ୍ୟ ସରକାର ତୁରନ୍ତ ଏହାକୁ ତଦନ୍ତ କରି ସଂପୃକ୍ତ କର୍ମଚାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ନାୟକ ଦାବି କରିଥିଲେ ।

କଂଗ୍ରେସ ଦଳର ଅନ୍ୟତମ ମୁଖପାତ୍ର ଅଭିଶେକ ମହାନନ୍ଦ କହିଥିଲେ ଯେ ଏ ସଢ଼ଂଚମସ୍ତ ଅବବ୍ୟବସ୍ଥା ପାଇଁ ସରକାର ମୁଖ୍ୟତ ଦାୟି ଏବଂ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବୃଷ୍ଟିଜନିତ କ୍ଷୟକ୍ଷତି ସଂପୂର୍ଣ୍ଣ ଭାବରେ ମନୁଷ୍ୟକୃତ । ଏଥିପାଇଁ ଦାୟି ସମସ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଥିଲେ । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ଅନୁସନ୍ଧାନ ଦଳ ଗଞ୍ଜାମ ଓ ଗଜପତି ପ୍ରଭୃତି କ୍ଷୟକ୍ଷତି ଜିଲ୍ଲାକୁ ଖୁବ୍ ଶୀଘ୍ର ଗସ୍ତକରି କ୍ଷୟକ୍ଷତିର ଆକଳନ କରି ପ୍ରଦେଶ କଂଗ୍ରେସ କମିଟିକୁ ରିର୍ପୋଟ ପ୍ରଦାନ କରିବେ ।



ୟୁକୋ ବ୍ୟାଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାର ବାମକୁରା ଗ୍ରାମପଞ୍ଚାୟତ ଠାରେ

ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ରି-କେୱାଇସି ଶିବିର

ଭୁବନେଶ୍ୱର (ସବ୍ୟୁ) : ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ପକ୍ଷରୁ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ୍ ଅନ୍ତର୍ଗତ ଧୁଷୁରୀସ୍ଥିତ ବାମକୁରା ଗ୍ରାମ ପଞ୍ଚାୟତଠାରେ ଭଦ୍ରକର ଏଲ୍ଡିଏମ୍ ରାଜୀବ କୁମାର ରଞ୍ଜନଙ୍କ ସହଯୋଗରେ ଏକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ରି-କେୱାସି ଶିବିର ଆୟୋଜିତ ହୋଇଯାଇଛି । ଗ୍ରାମାଞ୍ଚଳର ପ୍ରତ୍ୟେକ ନାଗରିକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡିବା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ସାମାଜିକ ସୁରକ୍ଷା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଯୋଜନା ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଏହି ଅବସରରେ ଆର୍ବିଆଇ ମହାପ୍ରବନ୍ଧକ ଶୁଭ୍ରାଂଶୁ କୁମାର ରାଉତ, ବାମକୁରା ଗ୍ରାମ ପଞ୍ଚାୟତର ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ୟୁକୋ ବ୍ୟାଙ୍କ ବାଲେଶ୍ୱର ଆଞ୍ଚଳିକ ପ୍ରବନ୍ଧକ ନିତେଶ କୁମାର ମହାନ୍ତି, ଏସ୍ବିଆଇ ବାଲେଶ୍ୱର ରିଜିଓନାଲ ମ୍ୟାନେଜର ମଧୁସୂଦନ ରଥ, ଓଡିଶା ଗ୍ରାମୀଣ ବ୍ୟାଙ୍କ ବାଲେଶ୍ୱର ରିଜିଓନାଲ ମ୍ୟାନେଜର ଆଶିଷ କୁମାର ନାୟକ, ଭଦ୍ରକ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ରାଜୀବ କୁମାର ରଞ୍ଜନ, ୟୁକୋ ବ୍ୟାଙ୍କ ଧୁଷୁରୀ ଶାଖାର ବରିଷ୍ଠ ପ୍ରବନ୍ଧକ ସତ୍ୟଜିତ ସ୍ୱାଇଁ, ଭଦ୍ରକ ଏଲ୍ଡିଏମ୍ କାର୍ଯ୍ୟାଳୟର ଅଧିକାରୀ ଦୟାନିଧି ନାୟକ, ୟୁକୋ ବ୍ୟାଙ୍କ ଧୁଷୁରୀ ଶାଖାର ସହାୟକ ପ୍ରବନ୍ଧକ ରାଜେଶ ପ୍ରଧାନଙ୍କ ସମେତ ଏସ୍ବିଆଇ ଓ ଓଜିବିର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ ।



ଏହି ଶିବିରରେ ୪୦୦ରୁ ଉଦ୍ଧ୍ୱର୍ ବ୍ୟକ୍ତି ଯୋଗ ଦେଇ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବା, ଆର୍ଥିକ ସୁରକ୍ଷା ଓ ସରକାରୀ ଯୋଜନା ସମ୍ପର୍କରେ ସଚେତନ ହୋଇଥିଲେ । ଏଭଳି ପଦକ୍ଷେପ ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସେବାର ପ୍ରସାର ଏବଂ ଆର୍ଥିକ ସାକ୍ଷରତା ବୃଦ୍ଧିରେ ସହାୟକ ହେବ ।

ଛଅ ରାଜ୍ୟରେ ଏସ୍‌ଆଇଆର୍ ଅବଧି ବୃଦ୍ଧି

ଦିଲ୍ଲୀରେ ଡିସେମ୍ବର ୨୨ରେ ଚୂଡ଼ାନ୍ତ ଭୋଟର ତାଲିକା



ନୂଆଦିଲ୍ଲୀ: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ପାଇଁ ଦିଲ୍ଲୀ ସମେତ ୬ଟି ରାଜ୍ୟରେ ସମୟସୀମା ବଢ଼ାଇଛନ୍ତି ନିର୍ବାଚନ ଆୟୋଗ। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଦିଲ୍ଲୀରେ ଚୂଡ଼ାନ୍ତ ଭୋଟର ତାଲିକା ଡିସେମ୍ବର ୨୨ରେ ପ୍ରକାଶ ପାଇବ। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ହରିୟାଣା, ତେଲଙ୍ଗାନା ଓ ନାଗାଲାଣ୍ଡରେ ଚୂଡ଼ାନ୍ତ ତାଲିକା ନଭେମ୍ବର ୩୦ରେ ପ୍ରକାଶ କରାଯିବ। ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁରୋଧ ପରେ ଏହି ପରିବର୍ତ୍ତନ କରାଯାଇଛି।ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଦିଲ୍ଲୀରେ ଦାବି ଓ ଆପତ୍ତି ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩୦ ଥିଲା। ଏବେ ଏହାକୁ ନଭେମ୍ବର ୨୫ ପର୍ଯ୍ୟନ୍ତ ବଢ଼ାଯାଇଛି। ଦାଖଲ ହୋଇଥିବା ଦାବି ଓ ଆପତ୍ତିର ଯାଞ୍ଚ ଏବଂ ଫଇସଲା ପାଇଁ ଡିସେମ୍ବର ୧୫ ଯାଏ ସମୟ ଦିଆଯାଇଛି। ପୂର୍ବରୁ ଚୂଡ଼ାନ୍ତ ତାଲିକା ଡିସେମ୍ବର ୪ରେ ପ୍ରକାଶ ପାଇବାର କାର୍ଯ୍ୟସୂଚୀ ରହିଥିଲା। ମହାରାଷ୍ଟ୍ରରେ ଦାବି ଓ ଆପତ୍ତି ଦାଖଲର ଶେଷ ତାରିଖ ଅକ୍ଟୋବର ୨୬ରୁ ବଢ଼ାଇ ନଭେମ୍ବର ୧୩ କରାଯାଇଛି। ସେଠାରେ ଦାବି ଓ ଆପତ୍ତିର ଫଇସଲା ନଭେମ୍ବର ୨୫ ଯାଏ ଚାଲିବ। ଆନ୍ଧ୍ରପ୍ରଦେଶ ଓ ହରିୟାଣାରେ ଏହି ପ୍ରକ୍ରିୟା ନଭେମ୍ବର ୨୦ ଯାଏ ଏବଂ ନାଗାଲାଣ୍ଡରେ ନଭେମ୍ବର ୨୫ ଯାଏ ଚାଲିବ। ତେଲଙ୍ଗାନାରେ ଏହାର ଶେଷ ତାରିଖ ନଭେମ୍ବର ୨୬ ରଖାଯାଇଛି।ଦିଲ୍ଲୀରେ ଏସ୍‌ଆଇଆର୍ ପ୍ରକ୍ରିୟାର ସମୟସୀମାକୁ ନେଇ ସୁପ୍ରିମ୍‌କୋର୍ଟ ପ୍ରଶ୍ନ ଉଠାଇବାର ଦିନକ ପରେ ନିର୍ବାଚନ ଆୟୋଗଙ୍କ ଏହି ନିଷ୍ପତ୍ତି ଆସିଛି। ଅଦାଲତ ପଚାରିଥିଲେ, ଦିଲ୍ଲୀରେ ନିକଟ ଭବିଷ୍ୟତରେ ନିର୍ବାଚନ ନ ଥିବାବେଳେ ଭୋଟରଙ୍କ ପାଇଁ ଏତେ କମ୍ ସମୟସୀମା ରଖିବାର ଆବଶ୍ୟକତା କ'ଣ? ଯେଉଁ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡ଼ିଛି, ସେମାନଙ୍କୁ ନାମ ସାମିଲ କରିବା ଓ ତଥ୍ୟ ସଂଶୋଧନ ପାଇଁ ସୁଯୋଗ ଦେବାକୁ ଅଦାଲତ ଗୁରୁତ୍ୱ ଦେଇଥିଲେ। ଦିଲ୍ଲୀରେ ଅଗଷ୍ଟ ୩୧ରେ ପ୍ରକାଶିତ ଚିଠା ଭୋଟର ତାଲିକାରୁ ପ୍ରାୟ ୪୭.୫୭ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡ଼ିଥିଲା।

ପାର୍କିଂ ବିବାଦରୁ ପରିବାରର ୩ ଜଣଙ୍କୁ ଗୁଳି କରି ହତ୍ୟା

ଲକ୍ଷ୍ନୌ: ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ପାର୍କିଂ ବିବାଦକୁ କେନ୍ଦ୍ର କରି ଗୋଟିଏ ପରିବାରର ତିନି ଜଣଙ୍କୁ ଗୁଳି କରି ହତ୍ୟା ଘଟଣାର ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଅଭିଯୁକ୍ତ ମାତ୍ର ୨୨ ସେକେଣ୍ଡ ମଧ୍ୟରେ ୫ ରାଉଣ୍ଡ ଗୁଳି ଚଳାଉଥିବା ଦେଖାଯାଇଛି। ପ୍ରଥମେ ଦୁଇ ରାଉଣ୍ଡ ଗୁଳି ଚଳାଇବା ପରେ ସେ ପିସ୍ତଲରେ ପୁଣି ଗୁଳି ଭରିଥିଲା ଏବଂ ଆଉ ତିନି ରାଉଣ୍ଡ ଗୁଳି ଚଳାଇଥିଲା। ଅକ୍ଟୋବର ୨୬ ତାରିଖ ସକାଳ ପ୍ରାୟ ସାଢ଼େ ୧୦ଟାରେ ଲକ୍ଷ୍ନୌର ସାଦତଗଞ୍ଜ ଥାନା ଅଞ୍ଚଳର ବ୍ରାହ୍ମଣୀ ଟୋଲାରେ ଏହି ଘଟଣା ଘଟିଥିଲା। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଋଷଭ ଶୁକ୍ଲା ଏବଂ ତିୱାରୀ ପରିବାର ମଧ୍ୟରେ ଏକ ଖାଲି ଜାଗାରେ ଗାଡ଼ି ରଖିବାକୁ ନେଇ ବିବାଦ ହୋଇଥିଲା। ଏହି ବିବାଦ ଉଗ୍ରରୂପ ନେବା ପରେ ଋଷଭ ନିଜ ପିସ୍ତଲରୁ ଗୁଳି ଚଳାଇଥିଲା। ଏଥିରେ ଶିବାଜୀ ତିୱାରୀ, ଶିବେନ୍ଦ୍ର ତିୱାରୀ ଓ ସୁୟଶ ତିୱାରୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ କିଙ୍ଗ୍ ଜର୍ଜ ମେଡିକାଲ ୟୁନିଭର୍ସିଟି (କେଜିଏମ୍ୟୁ)ର ଟ୍ରମା ସେଣ୍ଟରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାର ଭିଡିଓରେ ଋଷଭ ଗୁଳି ଚଳାଇବା ପରେ ନିଜକୁ ନିର୍ଦ୍ଦୋଷ ଦର୍ଶାଇବାକୁ ଉଦ୍ୟମ କରୁଥିବା ଶୁଣିବାକୁ ମିଳୁଛି। ତାକୁ କହୁଥିବାର ଶୁଣାଯାଉଛି ଯେ, ତାକୁ ଇଟାରେ ମାଡ଼ ମରାଯାଇଥିବାରୁ ସେ ଗୁଳି ଚଳାଇଛି। ତେବେ ଏହା ଅଭିଯୁକ୍ତର ନିଜସ୍ୱ ଦାବି। ଘଟଣାର ପ୍ରକୃତ କାରଣ ଏବଂ ଗୁଳି ଚଳାଇବା ପୂର୍ବରୁ କ'ଣ ଘଟିଥିଲା, ତାହା ପୁଲିସ ତଦନ୍ତରୁ ସ୍ପଷ୍ଟ ହେବ। ଘଟଣା ପରେ ପୁଲିସ ଅଭିଯୁକ୍ତକୁ ଘଟଣାସ୍ଥଳରୁ ଅଟକ ରଖି ପରେ ଗିରଫ କରିଥିଲା। ତା'ଠାରୁ ଗୁଳିକାଣ୍ଡରେ ବ୍ୟବହୃତ ପିସ୍ତଲ ଏବଂ ଚାରିଟି ଖାଲି କାର୍ଟ୍ରିଜ୍ ଜବତ ହୋଇଥିବା ପୁଲିସ କହିଛି। ଶିବେନ୍ଦ୍ର ତିୱାରୀଙ୍କ ପତ୍ନୀ ରୁଚି ତିୱାରୀଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ଏଥିରେ ହତ୍ୟା ଓ ଦଙ୍ଗା ସମେତ ବିଭିନ୍ନ ଅଭିଯୋଗରେ ଆଠ ଜଣଙ୍କ ନାମ ରହିଛି।ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଲକ୍ଷ୍ନୌ ପୁଲିସ କମିସନର ତରୁଣ ଗୌବା ସାଦତଗଞ୍ଜ ଥାନା ଅଧିକାରୀ ସନ୍ତୋଷ କୁମାର ଆର୍ଯ୍ୟ ଏବଂ କାଶ୍ମୀରୀ ମୋହଲ୍ଲା ପୁଲିସ ଫାଣ୍ଡି ଦାୟିତ୍ୱରେ ଥିବା ଉପନିରୀକ୍ଷକ ଅଜୟ କୁମାର ଚୌରାସିଆଙ୍କୁ ନିଲମ୍ବିତ କରିଛନ୍ତି। ଘଟଣାରେ ପୁଲିସର ପୂର୍ବ କାର୍ଯ୍ୟାନୁଷ୍ଠାନ ଓ ସମ୍ଭାବ୍ୟ ଅବହେଳାର ତଦନ୍ତ ମଧ୍ୟ ଚାଲିଛି। ଏହି ହତ୍ୟାକାଣ୍ଡ ପରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିବାବେଳେ ପୀଡ଼ିତ ପରିବାର ନ୍ୟାୟ ଦାବି କରିଛନ୍ତି।

ସଂଖ୍ୟାଗରିଷ୍ଠତାଠାରୁ ଦୂରରେ ନେତାନ୍ୟାହୁ

ତେଲ୍‌ଆଭିଭ୍: ଇସ୍ରାଏଲରେ ସାଧାରଣ ନିର୍ବାଚନ ପରେ ସରକାର ଗଠନକୁ ନେଇ ରାଜନୈତିକ ଅନିଶ୍ଚିତତା ଦେଖାଦେଇଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଦକ୍ଷିଣପନ୍ଥୀ ମେଣ୍ଟ ୫୩ଟି ଆସନ ଜିତିଥିବାବେଳେ ସରକାର ଗଠନ ପାଇଁ ଆବଶ୍ୟକ ୬୧ଟି ଆସନଠାରୁ ପଛରେ ରହିଛି। ଅନ୍ୟପକ୍ଷରେ ବିରୋଧୀ ମେଣ୍ଟକୁ ୪୮ଟି ଆସନ ମିଳିଛି। ଫଳରେ ସଂସଦରେ ମୋଟ ୧୯ଟି ଆସନ ଜିତିଥିବା ଆରବ ଦଳଗୁଡ଼ିକ ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ନେବାର ସମ୍ଭାବନା ସୃଷ୍ଟି ହୋଇଛି। ଇସ୍ରାଏଲର କେନ୍ଦ୍ରୀୟ ନିର୍ବାଚନ କମିଟି ଗୁରୁବାର ପ୍ରକାଶ କରିଥିବା ଚୂଡ଼ାନ୍ତ ଭୋଟ୍ ଗଣତି ତଥ୍ୟ ଆଧାରରେ ଏହି ଚିତ୍ର ସ୍ପଷ୍ଟ ହୋଇଛି। ନେତାନ୍ୟାହୁଙ୍କ ଲିକୁଦ୍ ଦଳ ୨୭ଟି ଆସନ ପାଇ ଇସ୍ରାଏଲ ସଂସଦ 'କ୍ନେସେଟ୍'ର ସର୍ବବୃହତ୍ ଦଳ ହୋଇଛି। ତେବେ ତାଙ୍କ ମେଣ୍ଟ ପାଇଁ ସରକାର ଗଠନର ରାସ୍ତା ସହଜ ନୁହେଁ। ବିରୋଧୀ ଶିବିରର ନେତୃତ୍ୱ ନେଉଥିବା ପୂର୍ବତନ ସେନାମୁଖ୍ୟ ଗାଦି ଆଇଜେନକୋଟ୍ଙ୍କ ସାମ୍ନାରେ ମଧ୍ୟ ସମାନ ସମସ୍ୟା ରହିଛି। ଆରବ ଦଳଗୁଡ଼ିକର ସମର୍ଥନ ବିନା ଉଭୟ ପକ୍ଷ ପାଇଁ ସଂଖ୍ୟାଗରିଷ୍ଠତା ହାସଲ କରିବା କଷ୍ଟକର। ଆରବ ଦଳଗୁଡ଼ିକ ମଧ୍ୟରେ ମନ୍ସୁର ଆବାସ୍ଙ୍କ ନେତୃତ୍ୱାଧୀନ ରାମ୍ ଏବଂ ୟୁସେଫ୍ ଜାବାରିନ୍ଙ୍କ ନେତୃତ୍ୱାଧୀନ ଜଏଣ୍ଟ ଲିଷ୍ଟ ରହିଛି। ଏହି ଦଳଗୁଡ଼ିକ ନେତାନ୍ୟାହୁଙ୍କୁ କ୍ଷମତାରୁ ହଟାଇବା ପାଇଁ ଅନ୍ୟ ବିରୋଧୀ ଦଳଗୁଡ଼ିକୁ ସମର୍ଥନ ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ ସେମାନଙ୍କୁ ମେଣ୍ଟରେ ସାମିଲ କରିବା କିମ୍ବା ସେମାନଙ୍କ ସମର୍ଥନ ନେବା ପ୍ରସଙ୍ଗରେ ବିରୋଧୀ ଶିବିର ମଧ୍ୟରେ ମତଭେଦ ରହିଛି। ଆଇଜେନକୋଟ୍ ସର୍ବଦଳୀୟ ସାପେକ୍ଷ ଭାବେ ଆରବ ଦଳଗୁଡ଼ିକ ସହ ମିଶି ସରକାର ଗଠନ କରିବାର ସମ୍ଭାବନାକୁ ଖୋଲା ରଖିଛନ୍ତି। ଜଏଣ୍ଟ ଲିଷ୍ଟର ନେତା ଅହମଦ ତିବିଙ୍କ କହିବା ଅନୁଯାୟୀ, ବିରୋଧୀ ମେଣ୍ଟ କ୍ନେସେଟ୍ର ବାଚସ୍ପତି ପରିବର୍ତ୍ତନ ପ୍ରସଙ୍ଗରେ ତାଙ୍କ ଦଳ ସହ ଆଲୋଚନା କରିଛି। ଆରବ ଦଳଗୁଡ଼ିକ ନିଜ ସମ୍ପ୍ରଦାୟରେ ବଢ଼ୁଥିବା ସଂଗଠିତ ଅପରାଧ, ଗୃହ ଅଭାବ, ଭେଦଭାବ ଓ ବିକାଶ ପାଇଁ ପାଣ୍ଠିର ଅଭାବ ଭଳି ସମସ୍ୟାର ସମାଧାନ ପାଇଁ ମଧ୍ୟ ପ୍ରତିଶ୍ରୁତି ଚାହୁଁଛନ୍ତି।

ଶେଷ ନିଃଶ୍ୱାସ ଥିବା ଯାଏ ଦେଶବାସୀଙ୍କ ସେବାରେ ନିୟୋଜିତ ରହିବି: ମୋଦୀ



ଭିଲ୍ଡି (ଗୁଜରାଟ): ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଦେଶବାସୀଙ୍କ ସେବାରେ ନିୟୋଜିତ ରହିବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବିହାରର ପାଟନାଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍ଗେ ତାଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେବାର କିଛି ଦିନ ପରେ ଶୁକ୍ରବାର ଗୁଜରାଟର ବନସକାଣ୍ଠା ଜିଲ୍ଲାର ଭିଲ୍ଡିଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ମୋଦୀ ଏହା କହିଛନ୍ତି। ଏହି ଅବସରରେ ସେ ବିରୋଧୀ ଦଳଗୁଡ଼ିକୁ ନିଶାଣ କରିବା ସହ ଦେଶରେ ସଙ୍କଟ ସୃଷ୍ଟି ହେବା ନେଇ ଗୁଜବ ପ୍ରଚାର କରାଯାଉଥିବା ଅଭିଯୋଗ କରିଛନ୍ତି। ଗୁଜରାଟର ବନସକାଣ୍ଠା ଜିଲ୍ଲାର ଭିଲ୍ଡିଠାରେ ଭାରତୀୟ ଗୋବଂଶ ପ୍ରଜନନ ଓ ଗବେଷଣା କେନ୍ଦ୍ରର ଉଦ୍‌ଘାଟନ କରିବା ସହ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରି ମୋଦୀ କହିଥିଲେ ଯେ, ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଜନସାଧାରଣଙ୍କ ସେବା କରିଚାଲିବେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୪ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ସହ ଜଡ଼ିତ ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଥିଲା।ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି ମୋଦୀ କହିଥିଲେ ଯେ, ଦେଶରେ ସମସ୍ୟା ସୃଷ୍ଟି ହେଲେ କିଛି ଲୋକ ଖୁସି ହୁଅନ୍ତି। ଇରାନ ଯୁଦ୍ଧ ପରେ ଦେଶରେ ସାରର ଅଭାବ ଦେଖାଦେବ ଏବଂ ଲୋକଙ୍କୁ ରନ୍ଧନ ଗ୍ୟାସ୍ ସିଲିଣ୍ଡର ମିଳିବ ନାହିଁ ବୋଲି ଗୁଜବ ପ୍ରଚାର କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏହାଦ୍ୱାରା ସରକାରଙ୍କୁ ବଦନାମ କରିବାକୁ ଉଦ୍ୟମ ହୋଇଥିବା ସେ କହିଥିଲେ। ମୋଦୀଙ୍କ କହିବା ଅନୁଯାୟୀ, ବିଶ୍ୱସ୍ତରରେ ଅସ୍ଥିରତା ଯୋଗୁଁ ସାରର ଦାମ୍ ବଢ଼ିଥିଲେ ମଧ୍ୟ ଏହାର ଅତିରିକ୍ତ ବୋଝ ଚାଷୀଙ୍କ ଉପରେ ପକାଯାଇନାହିଁ। ଚାଷୀଙ୍କ କଲ୍ୟାଣକୁ ସରକାର ପ୍ରାଥମିକତା ଦେଇଆସିଛନ୍ତି। ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ କ୍ଷୁଦ୍ର ଚାଷୀଙ୍କୁ ୪.୫ ଲକ୍ଷ କୋଟି ଟଙ୍କା ଦିଆଯାଇଥିବା ମଧ୍ୟ ସେ କହିଥିଲେ। ଅକ୍ଟୋବର ୨୫ରେ ବିହାରର ପାଟନାଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା ସମୟରେ ଖଡ୍ଗେ କହିଥିଲେ, 'ମୋଦୀ କା ବାପ୍ ଭି ଜାଏଗା'। ଜଣେ ବ୍ୟକ୍ତି ମୋଦୀ କ୍ଷମତାରୁ ହଟିବେ ନାହିଁ ବୋଲି କହିବା ପରେ ଖଡ୍ଗେ ଏହି ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ବିଜେପି ତୀବ୍ର ପ୍ରତିବାଦ କରିବା ସହ ଖଡ୍ଗେଙ୍କୁ କ୍ଷମା ମାଗିବାକୁ ଦାବି କରିଥିଲା। ଏହି ବିବାଦ ପରେ ମୋଦୀଙ୍କ ଜନସେବା ସମ୍ପର୍କିତ ମନ୍ତବ୍ୟ ଆସିଛି।

ନୌସେନା ପାଇଁ ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରି



ନୂଆଦିଲ୍ଲୀ: ଭାରତୀୟ ନୌସେନାର ସାମରିକ କ୍ଷମତା ବୃଦ୍ଧି ପାଇଁ ୮ଟି ଅତ୍ୟାଧୁନିକ ଯୁଦ୍ଧଜାହାଜ ନିର୍ମାଣ ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ଏଥିପାଇଁ ୪୦ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକରେ ଏହି ମଞ୍ଜୁରି ମିଳିଛି। ଆସନ୍ତା କିଛି ଦିନ ମଧ୍ୟରେ ଏଥିପାଇଁ ଦୁଇଟି ସରକାରୀ ଜାହାଜ ନିର୍ମାଣ ସଂସ୍ଥା ସହ ଚୁକ୍ତି ସ୍ୱାକ୍ଷର ହେବାର ଆଶା ରହିଛି। ଏହି ଜାହାଜଗୁଡ଼ିକୁ କୋଲକାତାର ଗାର୍ଡେନ୍ ରିଚ୍ ସିପ୍‌ବିଲ୍ଡର୍ସ ଆଣ୍ଡ ଇଞ୍ଜିନିୟର୍ସ (ଜିଆର୍‌ଏସ୍‌ଇ) ଏବଂ ଗୋଆ ସିପ୍‌ୟାର୍ଡ ଲିମିଟେଡ୍ ନିର୍ମାଣ କରିବେ। ଏହି ପ୍ରକଳ୍ପ ଦେଶରେ ଯୁଦ୍ଧଜାହାଜ ନିର୍ମାଣ କ୍ଷମତା ବଢ଼ାଇବା ସହ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ଆଗକୁ ନେବ। ଏହି ଯୁଦ୍ଧଜାହାଜଗୁଡ଼ିକୁ 'ନେକ୍ସଟ୍ ଜେନେରେସନ୍ କର୍ଭେଟ୍' କୁହାଯାଉଛି। ପ୍ରତ୍ୟେକ ଜାହାଜର ଓଜନ ପ୍ରାୟ ୨ ହଜାର ଟନ୍ ହେବ ଏବଂ ଏହା ପ୍ରାୟ ୩୦ ନଟ୍ (ସାମୁଦ୍ରିକ ମାଇଲ ଘଣ୍ଟା ପ୍ରତି) ବେଗରେ ଗତି କରିପାରିବ। ଭାରତୀୟ ନୌସେନା ନିଜସ୍ୱ ଭାବେ ଏଗୁଡ଼ିକର ଷ୍ଟିଲ୍ଥ ଡିଜାଇନ୍ ପ୍ରସ୍ତୁତ କରିବ। ଏହି ପ୍ରଯୁକ୍ତି ଜାହାଜକୁ ଶତ୍ରୁପକ୍ଷର ରାଡାର୍‌ରେ ସହଜରେ ଚିହ୍ନଟ ହେବାରୁ ରକ୍ଷା କରିବାରେ ସହାୟକ ହେବ। ଏଗୁଡ଼ିକ ବହୁମୁଖୀ ଯୁଦ୍ଧଜାହାଜ ହେବ। ସମୁଦ୍ରପୃଷ୍ଠରେ ଶତ୍ରୁ ଜାହାଜ ବିରୋଧରେ ଆକ୍ରମଣ, ବୁଡ଼ାଜାହାଜର ମୁକାବିଲା ଏବଂ ଆକାଶପଥରୁ ଆସୁଥିବା ଆକ୍ରମଣକୁ ପ୍ରତିହତ କରିବା ଏହାର ପ୍ରମୁଖ କାର୍ଯ୍ୟ ହେବ। ଏହା ସହ ଉପକୂଳ ସୁରକ୍ଷା, ସମୁଦ୍ରରେ ନିରୀକ୍ଷଣ, ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟରେ ମଧ୍ୟ ଏଗୁଡ଼ିକ ବ୍ୟବହାର ହୋଇପାରିବ। ପ୍ରକଳ୍ପରେ ୭୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଉପାଦାନ ବ୍ୟବହାର କରାଯିବ। ଏହାଦ୍ୱାରା ଦେଶୀୟ ପ୍ରତିରକ୍ଷା ଶିଳ୍ପ, ଛୋଟ ଓ ମଧ୍ୟମ ଉଦ୍ୟୋଗ ଏବଂ ନିଯୁକ୍ତି କ୍ଷେତ୍ର ଉପକୃତ ହେବା ଆଶା ରହିଛି। ଆସନ୍ତା ଏକ ବର୍ଷ ମଧ୍ୟରେ ପ୍ରଥମ ଯୁଦ୍ଧଜାହାଜର ନିର୍ମାଣ ଆରମ୍ଭ ହୋଇପାରେ। ୨୦୩୦ ସୁଦ୍ଧା ପ୍ରଥମ ଜାହାଜ ନୌସେନାକୁ ହସ୍ତାନ୍ତର କରିବା ଲକ୍ଷ୍ୟ ରଖାଯାଇଛି। ଭାରତ ମହାସାଗର ଅଞ୍ଚଳରେ ବଢ଼ୁଥିବା ସାମୁଦ୍ରିକ ସୁରକ୍ଷା ଆହ୍ୱାନ ଏବଂ ଚୀନ୍ର ବର୍ଦ୍ଧିତ ଉପସ୍ଥିତି ମଧ୍ୟରେ ଏହି ପ୍ରକଳ୍ପ ଭାରତୀୟ ନୌସେନାର କ୍ଷମତା ବଢ଼ାଇବ ବୋଲି ଆଶା କରାଯାଉଛି।

ଏଆଇ ପ୍ରଭାବକୁ ନେଇ ମେଟାର 'ଫେଷ୍ଟିଭ୍ ଆକ୍ସିଲରେଟର'

ନୂଆଦିଲ୍ଲୀ: ପାର୍ବଣ ଋତୁରେ ଗ୍ରାହକଙ୍କ କିଣାକିଣି ଧାରାରେ ପରିବର୍ତ୍ତନ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ) ଓ କଣ୍ଟେଣ୍ଟ କ୍ରିଏଟରଙ୍କ ବଢ଼ୁଥିବା ପ୍ରଭାବକୁ ଦୃଷ୍ଟିରେ ରଖି ମେଟା ପକ୍ଷରୁ 'ଫେଷ୍ଟିଭ୍ ଆକ୍ସିଲରେଟର ୨୦୨୬' ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ବ୍ରାଣ୍ଡଗୁଡ଼ିକୁ ଗ୍ରାହକଙ୍କ ଆଚରଣ ସମ୍ପର୍କିତ ତଥ୍ୟ ଓ ରଣନୀତି ଆଧାରରେ ପାର୍ବଣ ଋତୁରେ ବ୍ୟବସାୟିକ ସଫଳତା ହାସଲ ପାଇଁ ସହାୟତା କରାଯିବ। ମେଟାର ତଥ୍ୟ ଅନୁଯାୟୀ, ୮୫ ପ୍ରତିଶତ ପାର୍ବଣ ଗ୍ରାହକ ସପ୍ତାହକୁ ଅତିକମ ଥରେ ମେଟା ପ୍ଲାଟଫର୍ମ ବ୍ୟବହାର କରୁଥିବାବେଳେ ୮୬ ପ୍ରତିଶତ ଗ୍ରାହକ କିଣାକିଣି ପୂର୍ବରୁ ସାମାଜିକ ଗଣମାଧ୍ୟମରୁ ପ୍ରେରଣା ପାଉଛନ୍ତି। ସେହିପରି ୭୦ ପ୍ରତିଶତ ନୂଆ ଅନଲାଇନ୍ ଗ୍ରାହକ ଦ୍ୱିତୀୟ ଓ ତୃତୀୟ ସ୍ତରର ସହରରୁ ଆସୁଥିବାବେଳେ ୮୦ ପ୍ରତିଶତ ଉପଭୋକ୍ତା ପାର୍ବଣ ଯୋଜନା ଓ ସପିଂ ପାଇଁ ଏଆଇର ସହାୟତା ନେଉଛନ୍ତି। ଏ ସମ୍ପର୍କରେ ମେଟାର ଇ-କମର୍ସ ଓ ରିଟେଲ୍ (ଭାରତ) ନିର୍ଦ୍ଦେଶକ ମେଘନା ଅପ୍ପା ରାଓ କହିଛନ୍ତି ଯେ, ପାର୍ବଣ ସପିଂ ଏବେ ଦୀପାବଳିରେ ସୀମିତ ନରହି ବିଭିନ୍ନ ସାଂସ୍କୃତିକ ଉତ୍ସବ ଓ ବିକ୍ରୟ ଅଭିଯାନକୁ ନେଇ ଏକ ନିରନ୍ତର ପ୍ରକ୍ରିୟାରେ ପରିଣତ ହୋଇଛି। ଏହି ନୂଆ ପଦକ୍ଷେପ ବ୍ରାଣ୍ଡଗୁଡ଼ିକୁ ସମଗ୍ର ପାର୍ବଣ ଋତୁ ପାଇଁ ସମନ୍ୱିତ ଯୋଜନା ପ୍ରସ୍ତୁତିରେ ସହାୟକ ହେବ। ସେହିପରି ମେଟା ଇଣ୍ଡିଆର ଏଜେନ୍ସି ଓ ଭିସି ପାର୍ଟନରସିପ୍ସ ନିର୍ଦ୍ଦେଶକ ଗୌରବ ଜିତ ସିଂହ କହିଛନ୍ତି ଯେ, ସୃଜନଶୀଳ ବିଷୟବସ୍ତୁ, କ୍ରିଏଟରଙ୍କ କାହାଣୀ ଓ ଏଆଇ ଆଧାରିତ ବିଜ୍ଞାପନକୁ ଏକତ୍ର କରି ବ୍ରାଣ୍ଡଗୁଡ଼ିକ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବା ସହ ପାର୍ବଣ ପରେ ମଧ୍ୟ ଦୀର୍ଘସ୍ଥାୟୀ ବ୍ୟବସାୟିକ ପ୍ରଭାବ ସୃଷ୍ଟି କରିପାରିବେ।

ରିଲାଏନ୍ସର ତ୍ରୈମାସିକ ଲାଭ ୨୯,୫୫୦ କୋଟି



ମୁମ୍ବାଇ: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ସେପ୍ଟେମ୍ବର ତ୍ରୈମାସିକ ଆର୍ଥିକ ଫଳାଫଳରେ ରେକର୍ଡ ସଫଳତା ମିଳିଛି। କମ୍ପାନୀର ସମନ୍ୱିତ ନେଟ୍ ଲାଭ ବାର୍ଷିକ ଭିତ୍ତିରେ ୩୩.୮ ପ୍ରତିଶତ ବୃଦ୍ଧି ପାଇ ୨୯,୫୫୦ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ମୋଟ ରାଜସ୍ୱ ୨୭.୮ ପ୍ରତିଶତ ବୃଦ୍ଧି ପାଇ ପ୍ରଥମ ଥର ପାଇଁ ୩.୬୨ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି। ଜିଓ ପ୍ଲାଟଫର୍ମସ୍ ଓ ତୈଳ-ରସାୟନ ବ୍ୟବସାୟର ଉନ୍ନତ ପ୍ରଦର୍ଶନ ଏହି ସଫଳତାର ପ୍ରମୁଖ କାରଣ। ତୈଳ-ରସାୟନ ବ୍ୟବସାୟର ଇବିଆଇଟିଡିଏ ୬୭.୯ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ୨୫,୨୦୩ କୋଟି ଟଙ୍କା ହୋଇଥିବାବେଳେ ଏହାର ରାଜସ୍ୱ ୪୪.୨ ପ୍ରତିଶତ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ, ଜିଓର ଆୟ ଓ ଲାଭ ବୃଦ୍ଧି, ରିଲାଏନ୍ସ ରିଟେଲ୍ର ୩୦୩ଟି ନୂଆ ଷ୍ଟୋର୍ ଖୋଲିବା ଏବଂ ଜିଓଷ୍ଟାରର ରାଜସ୍ୱ ବୃଦ୍ଧି କମ୍ପାନୀର ପ୍ରଦର୍ଶନକୁ ମଜଭୁତ କରିଛି। କମ୍ପାନୀର ସମନ୍ୱିତ ଇବିଆଇଟିଡିଏ ୨୩.୯ ପ୍ରତିଶତ ବୃଦ୍ଧି ପାଇ ୬୨,୪୦୯ କୋଟି ଟଙ୍କାରେ ପହଞ୍ଚିଛି। ଏଥିସହ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ରିଲାଏନ୍ସର ନେଟ୍ ଲାଭ ପ୍ରଥମ ଥର ପାଇଁ ୫୦ ହଜାର କୋଟି ଟଙ୍କା ଅତିକ୍ରମ କରିଛି। ବିଶ୍ୱ ଶକ୍ତି ବଜାରର ଅସ୍ଥିରତା ଓ ଅଶୋଧିତ ତୈଳ ଯୋଗାଣ ସମସ୍ୟା ସତ୍ତ୍ୱେ ବିଭିନ୍ନ ଉତ୍ସରୁ ତୈଳ ଯୋଗାଣ ସୁନିଶ୍ଚିତ କରି କମ୍ପାନୀ ରେକର୍ଡ ପରିମାଣର ବିଶୋଧନ କରିଛି। ଏହା ସହ ନୂତନ ଶକ୍ତି କ୍ଷେତ୍ରରେ ନିବେଶ ଜାରି ରଖିଛି।

ମୁମ୍ବାଇ ଲୋକଭବନରେ ଜମ୍ମୁ-କାଶ୍ମୀର ଓ ଲଦାଖ ପ୍ରତିଷ୍ଠା ଦିବସ ପାଳିତ

ଡକ୍ଟର କୃପାନିଧି ବିଶ୍ୱାଳଙ୍କୁ ସମ୍ମାନିତ



ମୁମ୍ବାଇ: ମହାରାଷ୍ଟ୍ରର ଲୋକଭବନସ୍ଥିତ ଦରବାର ହଲ୍‌ରେ ଜମ୍ମୁ-କାଶ୍ମୀର ଓ ଲଦାଖର ପ୍ରତିଷ୍ଠା ଦିବସ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏଥିରେ ମହାରାଷ୍ଟ୍ରର ମାନ୍ୟବର ରାଜ୍ୟପାଳ ଶ୍ରୀ ଜିଷ୍ଣୁ ଦେବ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଆଦର୍ଶକୁ ଆଗେଇ ନେବା ସହ ଜାତୀୟ ଏକତା ଓ ସଂହତିକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ସ୍ୱପ୍ନକୁ ସାକାର କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉତ୍ସବରେ ଜମ୍ମୁ, କାଶ୍ମୀର ଓ ଲଦାଖର ହଜାର ହଜାର ଅଧିବାସୀଙ୍କ ସମେତ ବିଭିନ୍ନ ରାଜ୍ୟର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତର ଲୋକକଳା ଓ ସାଂସ୍କୃତିକ ପରିବେଷଣ ଉତ୍ସବକୁ ଆକର୍ଷଣୀୟ କରିଥିଲା। ଏହି ଅବସରରେ ଓଡ଼ିଶାର ବରିଷ୍ଠ ସମାଜସେବୀ ତଥା ଓଡ଼ିଶା ଭବନ, ମୁମ୍ବାଇର ପୂର୍ବତନ ସହକାରୀ ଆବାସିକ ଆୟୁକ୍ତ ଡକ୍ଟର କୃପାନିଧି ବିଶ୍ୱାଳଙ୍କୁ ତାଙ୍କର ଦୀର୍ଘଦିନର ସମାଜସେବା, ଓଡ଼ିଶା ଭବନର ସୁପରିଚାଳନା, କୋଭିଡ୍ ମହାମାରୀ ସମୟରେ ମାନବସେବା, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଏବଂ ଓଡ଼ିଶାର କଳା, ସ୍ଥାପତ୍ୟ ଓ ସଂସ୍କୃତିର ପ୍ରସାର ପାଇଁ ସମ୍ମାନ ଫଳକ ପ୍ରଦାନ କରାଯାଇଥିଲା। ବଲିଉଡ୍‌ରେ ପ୍ରତିଷ୍ଠା ଅର୍ଜନ କରିଥିବା ଓଡ଼ିଆ ଝିଅ ଲେସ୍ଲୀ ତ୍ରିପାଠୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିପରି ମୁମ୍ବାଇ ମହାନଗର ନିଗମ (ବିଏମ୍ସି) ଏବଂ ଜିଏଚ୍‌ଆର୍ଟି ଇଣ୍ଟରନ୍ୟାସନାଲ୍ର ଅଧ୍ୟକ୍ଷ ତଥା ଓଡ଼ିଶା ଶାଖାର ସଭାପତି ଡକ୍ଟର ମାନସ କୁମାର ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଜ୍ଞାନେଶଙ୍କ ବିରୋଧରେ ଜନ ମହାଅଭିଯୋଗ କାର୍ଯ୍ୟକ୍ରମ ଦିନଟିଏ ଘୁଞ୍ଚିଲା



ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା ଯୋଗୁଁ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ "ଇଣ୍ଡିଆ" ମେଣ୍ଟ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା "ଜନ ମହାଭିଯୋଗ" କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କ ବାସଭବନ ବାହାରେ ଅନୁଷ୍ଠିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ଏହି କାର୍ଯ୍ୟକ୍ରମକୁ ଆସନ୍ତାକାଲି ଅର୍ଥାତ୍ ଅକ୍ଟୋବର ୩୧ ତାରିଖକୁ ଘୁଞ୍ଚାଯାଇଥିବା ନେଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୂଚନା ଦେଇଛନ୍ତି। ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଏବଂ ଆୟୁକ୍ତଙ୍କ ପକ୍ଷପାତିତା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ଏହି ସାଙ୍କେତିକ ଶୁଣାଣିର ଆୟୋଜନ କରିଛନ୍ତି। କନଷ୍ଟିଚ୍ୟୁସନ୍ କ୍ଲବ୍ କିମ୍ବା ତାଲକଟୋରା ଷ୍ଟାଡିୟମରେ ଅନୁମତି ନମିଳିବାରୁ ଏହି କାର୍ଯ୍ୟକ୍ରମ ଖଡଗେଙ୍କ ସରକାରୀ ବାସଭବନରେ ଅନୁଷ୍ଠିତ ହେବ। ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାରଙ୍କ ଅଧ୍ୟକ୍ଷତାରେ ପ୍ରାୟ ୩ ଘଣ୍ଟା ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୧ଟି ରାଜନୈତିକ ଦଳର ୩୦ରୁ ଅଧିକ ବକ୍ତା ଏବଂ ସାଧାରଣ ନାଗରିକ ଅଂଶଗ୍ରହଣ କରିବେ। ଖଡଗେ ଏହି ମହାଭିଯୋଗ ପ୍ରସ୍ତାବ ଆଗତ କରିବାକୁ ଥିବା ବେଳେ ରାହୁଲ ଗାନ୍ଧୀ ଶେଷ ବକ୍ତବ୍ୟ ରଖିବେ। ପୂର୍ବରୁ ସଂସଦର ଉଭୟ ଗୃହରେ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ପାଇଁ ବିରୋଧୀ ନୋଟିସ୍ ଦେଇଥିଲେ ହେଁ, ଗତ ଏପ୍ରିଲ ୬ ତାରିଖରେ ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଅଧ୍ୟକ୍ଷ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଥିସହିତ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସନ୍ଧୁ ଏବଂ ବିବେକ ଯୋଶୀ ମଧ୍ୟ ଏସଆଇଆର୍ ନିଷ୍ପତ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ରିପୋର୍ଟ ସାମ୍ନାକୁ ଆସିବା ପରେ ବିରୋଧୀ ସରକାରଙ୍କ ଘେରିବା ଆରମ୍ଭ କରିଛନ୍ତି। ଅପରପକ୍ଷରେ, ଆସନ୍ତା ନଭେମ୍ବର ୧ ତାରିଖରେ ରାମଲୀଳା ମୈଦାନରେ "ଭୋଟ୍ ବଞ୍ଚାଓ, ଦେଶ ବଞ୍ଚାଓ" ନାରା ସହ ଏକ ମେଗା "ଚଲୋ ଦିଲ୍ଲୀ" ରାଲି ଆୟୋଜିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ସିଇସି ଜ୍ଞାନେଶ କୁମାର ମିଶି ଗଣତନ୍ତ୍ରକୁ ଧ୍ୱଂସ କରୁଛନ୍ତି ବୋଲି ଅଭିଯୋଗ କରି ରାହୁଲ ଗାନ୍ଧୀ ଦେଶବାସୀଙ୍କୁ ଏହି ସମାବେଶରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି।

ଫିଲିପ୍ସଙ୍କ ଶତକ, ଡୁଫିଙ୍କ ଘାତକ ବୋଲିଂ:ଭାରତର ଲଜ୍ଜାଜନକ ପରାଜୟ

ଅକଲାଣ୍ଡ,୩୦।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ଶୃଙ୍ଖଳାର ଚତୁର୍ଥ ମ୍ୟାଚରେ ଭାରତ ଲଜ୍ଜାଜନକ ଭାବେ ହାରିଛି। ୮୭ ରନ ବ୍ୟବଧାନରେ ଘରୋଇ ଦଳଠୁ ପରାଜିତ ହୋଇଛି ଭାରତ। ଅକଲାଣ୍ଡର ଇଡେନ ପାର୍କରେ ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଗିଲଙ୍କ ନିଷ୍ପତ୍ତି ଭୁଲ ସାବ୍ୟସ୍ତ ହୋଇଥିଲା। ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବାକୁ ପାଇଥିବା ନ୍ୟୁଜିଲାଣ୍ଡ ଧୂଆଁଧାର ବ୍ୟାଟିଂ କରି ଭାରତ ସମ୍ମୁଖରେ ୨୫୯ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଭାରତ ୧୭୨ ରନ କରିବାକୁ ସମର୍ଥ ହୋଇଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ରେ ଏହା ଭାରତର ସବୁଠୁ ବଡ଼ ପରାଜୟ। ପୂର୍ବରୁ ୨୦୧୯ ୱେଲିଂଟନରେ ଭାରତ ନ୍ୟୁଜିଲାଣ୍ଡ ଠାରୁ ୮୦ ରନରେ ହାରିଥିଲା। ଅକଲାଣ୍ଡରେ ୨୬୦ ରନର ଟାର୍ଗେଟକୁ ପିଛା କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୭୨ ରନ କରିପାରିଥିଲା। ଭାରତର ଜଣେ ହେଲେ ବି ବ୍ୟାଟର ଅର୍ଦ୍ଧଶତକ କରିପାରିନଥିଲେ। ଶେଷ ଭାଗରେ ତିଲକ ବର୍ମା ସଂଘର୍ଷ କରିଥିଲେ ମଧ୍ୟ ଟିମ ଉପରେ ଚାପ ଖୁବ ବଢ଼ି ଯାଇଥିଲା।



ଚତୁର୍ଥ ଟି-୨୦

ସେ ମାତ୍ର ୩୫ ରନ କରି ପାଭିଲିୟନ୍ ଫେରିଯାଇଥିଲେ। ଭାରତ ଆରମ୍ଭରୁ ଖରାପ ଖେଳି ଥିଲା। ପ୍ରଥମ ଓଭରରେ ୨ ୱିକେଟ ଝଡି ଥିଲା। ସଞ୍ଜୁ ସାମସନ ୪ ଓ ଇଶାନ କିଷାନ ବିନା ସ୍କୋରରେ ପାଭିଲିୟନ ଫେରିଥିଲେ। ଏହାପରେ ଅଭିଶେକ ଶର୍ମା ଓ ଶ୍ରେୟାସ ଆୟର ଦାୟିତ୍ୱର ସହ ଖେଳିଥିଲେ। ଅଭିଶେକ ୧୫ ବଲରେ ୨୭ ଏବଂ ଆୟର ୧୧ ବଲରେ ୨୨ ରନ କରି ଆଉଟ୍ ହୋଇଥିଲେ। ଦଳୀୟ ସ୍କୋର ୫୬ ରନ ବେଳେ ୪ ୱିକେଟ୍ ହରାଇ ଭାରତ ବ୍ୟାକଫୁଟକୁ ଚାଲିଯାଇଥିଲା। ନିମ୍ନକ୍ରମରେ ନୀତିଶ କୁମାର ରେଡ୍ଡୀ ୧୦ ବଲରୁ ୨୧ ରନ ଓ ମନଦୀପ ୧୩ ବଲରୁ ୨୮ ରନ କରି ଆଉଟ୍ ହୋଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଡୁଫି ୪ ଓଭରରେ ୨୩ ରନ ଦେଇ ୪ ୱିକେଟ ନେଇଥିଲେ। ମାଥ୍ୟୁ ଫିସର ଓ ମିଚେଲ ସାଣ୍ଟନର ପ୍ରତ୍ୟେକ ଦୁଇଟି କରି ତଥା ଆଡାମ ମିଲନେ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ନ୍ୟୁଜିଲାଣ୍ଡ ଯଦିଓ ଦ୍ୱିତୀୟ ଓଭରରେ ୱିକେଟ୍ ହରାଇଥିଲା କିନ୍ତୁ ମଧ୍ୟମକ୍ରମରେ ପ୍ରହାର ଭାରତୀୟ ବୋଲରଙ୍କ ଅଣ୍ଟା ଭାଙ୍ଗି ଦେଇଥିଲା। ଫିନ ଆଲିନ ୩୧, ଡାର୍ଲି ମିଚେଲ ୨୪, ଗ୍ଲେନ ଫିଲିପ୍ସ ୪୯ ବଲରୁ ୬ ଚୌକା ଓ ୧୦ ଛକା ସହାୟତାରେ ୧୦୭ ରନ, ମିଚେଲ ବ୍ରାସୱେଲ ୨୫ ବଲରୁ ୬୫ ରନ କରିଥିଲେ। ତେଣୁ ନ୍ୟୁଜିଲାଣ୍ଡର ଦଳୀୟ ସ୍କୋର ୨୦ ଓଭରରେ ୨୫୯/୭ରେ ପହଞ୍ଚିଥିଲା। ଫିଲିପ୍ସଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଉଭୟ ଦଳ ମଧ୍ୟରେ ଶୃଙ୍ଖଳା ୩-୧ ହୋଇଛି। ଅର୍ଥାତ ଭାରତ ଆଗୁଆ ଶୃଙ୍ଖଳା କବଜା କରିନେଇଛି। ଦଳ କ୍ରମାଗତ ୩ଟି ବିଜୟ ପରେ ଚତୁର୍ଥ ମ୍ୟାଚ ଖାଲିଥିବାରୁ ଭାରତର ଶୃଙ୍ଖଳା କ୍ଲିନସୁଇପ ଆଶା ମଉଳି ଯାଇଛି।

ପୂର୍ବାଞ୍ଚଳ ପ୍ରତିଯୋଗିତାରେ ଓଡ଼ିଶାର ଦୁଇ ବିଶ୍ୱବିଦ୍ୟାଳୟର ଚମତ୍କାର ପ୍ରଦର୍ଶନ



ଭୁବନେଶ୍ୱର,୩୦।୧୦(ସବ୍ୟୁ): ବିଶ୍ୱବିଦ୍ୟାଳୟସ୍ତରୀୟ ପୁରୁଷ ଭଲିବଲରେ ଓଡ଼ିଶାକୁ ମିଳିଛି ଦ୍ୱିଗୁଣିତ ସଫଳତା। କିଟ୍ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଆସନ୍ତା ଅଖିଳ ଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ୍ ଚାମ୍ପିଅନସିପରେ ୨୦୨୬ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପଶ୍ଚିମବଙ୍ଗର ଆଡାମାସ୍ ବିଶ୍ୱବିଦ୍ୟାଳୟରେ ଅକ୍ଟୋବର ୨୭ରୁ ୩୧ ପର୍ଯ୍ୟନ୍ତ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପୁରୁଷ ଭଲିବଲ୍ ପ୍ରତିଯୋଗିତାରେ ଉଭୟ ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରି ଏହି ସଫଳତା ପାଇଛନ୍ତି। ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତାରେ ଗତଥରର ବିଜେତା କିଟ୍ ବିଶ୍ୱବିଦ୍ୟାଳୟକୁ ସିଧାସଳଖ ନକ୍ଆଉଟ୍ ପର୍ଯ୍ୟାୟରେ ଖେଳିବାର ସୁଯୋଗ ମିଳିଥିଲା। ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ କିଟ୍ ଦଳ ପୁଲ୍-ଡି ବିଜେତା ମଣିପୁର ବିଶ୍ୱବିଦ୍ୟାଳୟକୁ ଭେଟିଥିଲା। ଏହି ମ୍ୟାଚରେ କିଟ୍ ଖେଳାଳିମାନେ ଆରମ୍ଭରୁ ଉନ୍ନତ ଖେଳ ପ୍ରଦର୍ଶନ କରି ୩-୦ ସେଟରେ ବିଜୟୀ ହୋଇଥିଲେ। ଏହି ବିଜୟ ସହ ଦଳ ଅଖିଳ ଭାରତୀୟ ପ୍ରତିଯୋଗିତାରେ ନିଜ ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟ ଦମଦାରର ପ୍ରଦର୍ଶନ କରି ଏମଜି କାଶୀ ବିଦ୍ୟାପୀଠକୁ ପରାସ୍ତ କରି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ଓଡ଼ିଶାର ଦୁଇଟି ବିଶ୍ୱବିଦ୍ୟାଳୟ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇଛନ୍ତି।

ଲିଗ୍ ପର୍ଯ୍ୟାୟରେ ମଧ୍ୟ କିଟ୍ ନିଜର ଭଲ ଫର୍ମ ଜାରି ରଖି ଆୟୋଜକ ଆଡାମାସ୍ ବିଶ୍ୱବିଦ୍ୟାଳୟକୁ ୩-୦ ସେଟରେ ପରାସ୍ତ କରିଥିଲା। ତେବେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏଲ୍ଏନ୍ ମିଥିଳା ବିଶ୍ୱବିଦ୍ୟାଳୟ ବିପକ୍ଷରେ ୦-୩ ସେଟରେ ପରାଜୟ ବରଣ କରିବାକୁ ପଡ଼ିଥିଲା।ପ୍ରତିଯୋଗିତାର ଆଗାମୀ ମ୍ୟାଚଗୁଡ଼ିକ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅକ୍ଟୋବର ୩୦ ତାରିଖ ସନ୍ଧ୍ୟା ୬ଟାରେ କିଟ୍ ବିଶ୍ୱବିଦ୍ୟାଳୟ ଏଲ୍ଏନ୍ ମିଥିଳା ବିଶ୍ୱବିଦ୍ୟାଳୟକୁ ଭେଟିବାକୁ ଥିବାବେଳେ ଆୟୋଜକ ଆଡାମାସ୍ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ସହ ଖେଳିବ। ଅକ୍ଟୋବର ୩୧ ତାରିଖ ସକାଳେ କିଟ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମଧ୍ୟରେ ମ୍ୟାଚ୍ ହେବ। ସେହିପରି ଆଡାମାସ୍ ବିଶ୍ୱବିଦ୍ୟାଳୟ ଏଲ୍ଏନ୍ ମିଥିଳା ବିଶ୍ୱବିଦ୍ୟାଳୟକୁ ଭେଟିବ। କିଟର ଏହି ସଫଳତାରେ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ମ୍ୟାଚଗୁଡ଼ିକ ପାଇଁ ସେ ଦଳକୁ ଶୁଭେଚ୍ଛା ଜଣାଇବା ସହ ଅଖିଳ ଭାରତୀୟ ପ୍ରତିଯୋଗିତାକୁ ଯୋଗ୍ୟତା ହାସଲ କରିଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

କିଟ୍ ଦଳର ଖେଳାଳି ଓ ଅଧିକାରୀମାନେ ପ୍ରଫେସର ସାମନ୍ତଙ୍କ ନିରନ୍ତର ସହଯୋଗ ଓ ପ୍ରୋତ୍ସାହନ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି। କିଟର ଉନ୍ନତ କ୍ରୀଡ଼ା ଭିତ୍ତିଭୂମି, ପ୍ରଶିକ୍ଷଣ ସୁବିଧା ଓ ଅନୁଷ୍ଠାନର ସହଯୋଗ ସେମାନଙ୍କ କ୍ରୀଡ଼ା ଯାତ୍ରାରେ ସହାୟକ ହୋଇଥିବା ସେମାନେ କହିଛନ୍ତି।

କିଟ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଏହି ଯୋଗ୍ୟତା ହାସଲ ଓଡ଼ିଶାର ବିଶ୍ୱବିଦ୍ୟାଳୟସ୍ତରୀୟ ଭଲିବଲ୍ ପାଇଁ ଏକ ଉଲ୍ଲେଖନୀୟ ସଫଳତା। ଜାତୀୟସ୍ତରରେ ଉଭୟ ଦଳ ଭଲ ପ୍ରଦର୍ଶନ କରି ରାଜ୍ୟର ଗୌରବ ବଢ଼ାଇବେ ବୋଲି କ୍ରୀଡ଼ାପ୍ରେମୀ ଆଶା ରଖିଛନ୍ତି।

ଇଷ୍ଟ ଜୋନ୍ କ୍ଲାଇମ୍ବିଂ ଚାମ୍ପିଅନସିପ ଉଦ୍‌ଯାପିତ: ଓଡ଼ିଶାର ୪ ଆଥଲେଟଙ୍କୁ ଜାତୀୟ ଯୋଗ୍ୟତା

ଭୁବନେଶ୍ୱର,୩୦।୧୦(ସବ୍ୟୁ): ଓଡ଼ିଶାରେ ଆୟୋଜିତ ଇଷ୍ଟ ଜୋନ୍ କ୍ଲାଇମ୍ବିଂ ଚାମ୍ପିଅନସିପରେ ୨୦୨୬ ଉଦଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ମୋଟ ୫୪ଟି ପଦକ ମଧ୍ୟରୁ ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍ (ଟିଏସ୍ଏଏଫ୍) ଏକାଡେମୀର ଖେଳାଳିମାନେ ୪୮ଟି ଏବଂ ଓଡ଼ିଶା ଟିଏସ୍ଏଏଫ୍ କ୍ଲାଇମ୍ବିଂ ହାଇ ପରଫର୍ମାନ୍ସ ସେଣ୍ଟରର ଖେଳାଳିମାନେ ୫ଟି ପଦକ ଜିତିଛନ୍ତି। ଏହିପରି ମୋଟ ୫୩ଟି ପଦକ ଓଡ଼ିଶା ଖାତାକୁ ଯାଇଛି। ଭାରତୀୟ ପର୍ବତାରୋହଣ ଫାଉଣ୍ଡେସନ୍ (ଆଇଏମ୍ଏଫ୍), ଓଡ଼ିଶା ଟିଏସ୍ଏଏଫ୍, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଟିଏସ୍ଏଏଫରେ ମିଳିତ ଆୟୋଜନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଚାରିଜଣ ଖେଳାଳି ଜାତୀୟ ଚାମ୍ପିଅନସିପ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବ୍ୟକ୍ତିଗତ ଇଭେଣ୍ଟରେ ଶୁଭ୍ରାଂଶୁ ଶେଖର ମାହୁନ୍ତ ଲିଡରେ ବ୍ରୋଞ୍ଜ ଏବଂ ବୋଲ୍ଡରିଂରେ ରୌପ୍ୟ ପଦକ ଜିତିଛନ୍ତି। ରାଜେନ୍ଦ୍ର ନାୟକ ବୋଲ୍ଡରିଂରେ ବ୍ରୋଞ୍ଜ, ସ୍ୱାତୀ ବେହେରା ସ୍ପିଡ୍‌ରେ ବ୍ରୋଞ୍ଜ ଏବଂ ଦୁଷ୍ମନ୍ତ କୁମାର ହେମ୍ବ୍ରମ୍ ଲିଡ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଟାଟା ଷ୍ଟିଲ୍ର ମୁଖ୍ୟ କ୍ରୀଡ଼ା ମୁକୁଲ ବିନାୟକ ଚୌଧୁରୀ କହିଛନ୍ତି, ଯୁବ କ୍ଲାଇମ୍ବରମାନଙ୍କୁ ଉପଯୁକ୍ତ ମଞ୍ଚ ଯୋଗାଇଦେବା ସହ ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଏହି ଆୟୋଜନର ଉଦ୍ଦେଶ୍ୟ। ୨୦୨୪ରେ ପ୍ରତିଷ୍ଠିତ ଓଡ଼ିଶା ଟିଏସ୍ଏଏଫ୍ କ୍ଲାଇମ୍ବିଂ ହାଇ ପରଫର୍ମାନ୍ସ ସେଣ୍ଟରରୁ ଏଥର ଚାରିଜଣ ଖେଳାଳି ଜାତୀୟ ସ୍ତରକୁ ଯୋଗ୍ୟ ହେବା ରାଜ୍ୟର କ୍ଲାଇମ୍ବିଂ କ୍ରୀଡ଼ା ପାଇଁ ଏକ ଉଲ୍ଲେଖନୀୟ ସଫଳତା। ଟାଟା ଷ୍ଟିଲ୍ ଆଡଭେଞ୍ଚର ଫାଉଣ୍ଡେସନ୍ ୨୦୧୫ରୁ ଭାରତରେ ସ୍ପୋର୍ଟ କ୍ଲାଇମ୍ବିଂର ବିକାଶ ପାଇଁ କାମ କରିଆସୁଛି। ଜାମସେଦପୁର ଓ ଭୁବନେଶ୍ୱରସ୍ଥିତ ଏକାଡେମୀ ମାଧ୍ୟମରେ ଖେଳାଳିଙ୍କୁ ସୁସଂଗଠିତ ପ୍ରଶିକ୍ଷଣ, ଆଧୁନିକ ତାଲିମ ଓ ପ୍ରତିଯୋଗିତାର ସୁଯୋଗ ଦିଆଯାଉଛି। ୨୦୨୨ ଓ ୨୦୨୩ରେ ଆଇଏଫ୍ଏସ୍ସି ଏସୀୟ କିଡ୍ସ କ୍ଲାଇମ୍ବିଂ ଚାମ୍ପିୟନସିପ୍, ୨୦୨୪ରେ ଏସୀୟ ଯୁଥ୍ କ୍ଲାଇମ୍ବିଂ ଚାମ୍ପିଅନସିପ୍ ସହ ଟାଟା ଷ୍ଟିଲ୍ ସ୍ପୋର୍ଟ କ୍ଲାଇମ୍ବିଂ ଚାମ୍ପିଅନସିପର ଛଅଟି ସଂସ୍କରଣ ଆୟୋଜନ କରାଯାଇଛି। ଉଦଯାପନୀ ସମାରୋହରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ନିର୍ଦ୍ଦେଶକ ଡ. ୟେଦୁଲା ବିଜୟ, ସ୍ୱତନ୍ତ୍ର ସଚିବ ଅଶୋକ କୁମାର ପଣ୍ଡା, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ସୁଧାକର ନାୟକ ଏବଂ ପଶ୍ଚିମବଙ୍ଗ କ୍ରୀଡ଼ା ଓ ଯୁବସେବା ବିଭାଗର ପର୍ବତାରୋହଣ ପରାମର୍ଶଦାତା ଦେବଦାସ ନନ୍ଦୀ ଅତିଥି ଭାବେ ଯୋଗଦେଇଥିଲେ। ଏହା ସହ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ପଦ୍ମପାଣି, ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ରବି ମାରିକ୍ ଏବଂ ଭୁବନେଶ୍ୱର ଟାଟା ଷ୍ଟିଲର ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ ମୋହିତ ଦାସଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ମା'ମହାବଳିଆ ୟୁଥ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ :ତାମିଲ ଏଫ.ସି ଭଣ୍ଡଗାଁ ଚାମ୍ପିଅନ



ନୀଳଗିରି,୩୦।୧୦(ସବ୍ୟୁ): ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତ ମହାବଳିଆ ଖେଳପଡିଆରେ ମା ମହାବଳିଆ କ୍ଲବ ଆନୁକୂଲ୍ୟରେ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସଫଳତାର ସହ ସମ୍ପୂର୍ଣ୍ଣ ହୋଇଯାଇଛ । ଏହିକ୍ଲବ ଆନୁକୂଲ୍ୟରେ୧୬ଟି ଟିମ ଅଂଶଗ୍ରହଣ କରିଥିଲେ । କ୍ରିଷ୍ଣା ଫାଇଟର ଯଦୁଖୁଣ୍ଟା, ମା'ଥାନେଶ୍ୱରୀ ଧୋବଶୀଳା,କେନ୍ଦୁଆ ଏଫ.ସି, ଶ୍ରୀରାମ ଏଫ.ସି, ଜୟବଡାମ ଏଫ.ସି, କୁଆଳିଆ, । ଏଫ.ସି, ସୋରେନ ସିପାହୀ ଏଫ. ସି, ମାର୍କୋଣା, ଚାଲୋସାହି ଏଫ. ସି, ତାମିଲ ଏଫ.ସି ଭଣ୍ଡଗାଁ, ପାୱାର କ୍ଲବ ବାଲେଶ୍ୱର, ତାଲବେତାଳ ଏଫ.ସି ପଶ୍ଚିମବଙ୍ଗ, ପହାଲ ପଶୁଦା ଏଫ.ସି ମୟୁର ଞ୍ଜ.ଜୟବଡାମ ଏଫ ସି କିରକିଚିଆ, ରାପାଜ ଏବଂ ରାପାଜ ଏଫ.ସି, ସିଙ୍ଗ ଫାଇଆର, ମା'ଶତପଥୀୟୁଥ କ୍ଲବ ପରଚିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶ୍ରୀରାମ ଏଫ.ସି ଓ ତାମିଲ ଏଫ.ସି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ତାମିଲ ଏଫ.ସି ଭଣ୍ଡଗାଁ ଚମ୍ପିୟାନ ହୋଇଥିବାବେଳେ ଶ୍ରୀରାମ ଏଫ.ସି ରନର୍ସଅପ୍ ହୋଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସମ୍ମାନିତ ଅତିଥି ବାଲେଶ୍ୱର ଜିଲ୍ଲା ବିଜେଡି ମହିଳା ସଭାପତି ତଥା ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ମୁଖ୍ୟବକ୍ତା ଜିଲ୍ଲା ବିଜେଡି ସଭାପତି ଗଙ୍ଗାଧର ମିଶ୍ର, ଅନ୍ୟତମ ବକ୍ତା ପୂର୍ବତନ ଏସ ଡି ସି ଅଧକ୍ଷ ମଦନ ମୋହନ ମାଝୀ, ସ୍ଥାନୀୟ ସରପଞ୍ଚ କୁଳମଣି ନାୟକ, ସମିତି ସଭ୍ୟ ବିନତା ମଡେଇ, ମହାବଳିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାଳତୀମଣି ଧଳ ପ୍ରମୁଖ ମଞ୍ଚାସୀନ ରହି ଖେଳାଳୀ ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ ।

ଓଡ଼ିଶାରେ ହକି ଖେଳାଳିଙ୍କ ବିକାଶ ପାଇଁ ଓଏନଟିଏଚଏଚପିସିର ଅଭିନବ ପଦକ୍ଷେପ

ଭୁବନେଶ୍ୱର,୩୦।୧୦(ସବ୍ୟୁ): ଓଡ଼ିଶାରେ ହକି ଖେଳର ପ୍ରସାର ଓ ଖେଳାଳିଙ୍କ ଦକ୍ଷତା ବିକାଶ ଦିଗରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଏନଟିଏଚଏଚପିସି) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ତୃଣମୂଳସ୍ତରରୁ ଉଚ୍ଚମାନର ପ୍ରଶିକ୍ଷଣ ପର୍ଯ୍ୟନ୍ତ ଖେଳାଳିଙ୍କ ପାଇଁ ଏକ ସୁସଂଗଠିତ ବ୍ୟବସ୍ଥା ଗଠନ କରିଛି ଏହି କେନ୍ଦ୍ର । ଟାଟା ଷ୍ଟିଲ୍ ଓ ଟାଟା ଟ୍ରଷ୍ଟସର ମିଳିତ ଉଦ୍ୟମରେ ପରିଚାଳିତ ହକି ଏସ୍ ଫାଉଣ୍ଡେସନର ତ%ାବଧାନରେ ୨୦୧୯ରେ ବାଳିକା ହକି କାର୍ଯ୍ୟକ୍ରମ ସହ ଏହାର ଯାତ୍ରା ଆରମ୍ଭ ହୋଇଥିଲା । ୨୦୨୦ରେ ସୁନ୍ଦରଗଡ଼ରେ ୮ଟି ତୃଣମୂଳସ୍ତରୀୟ ପ୍ରଶିକ୍ଷଣ କେନ୍ଦ୍ର ଆରମ୍ଭ ହୋଇଥିବାବେଳେ ୨୦୨୧ରେ ବାଳକ ହକି ବିଭାଗ ଯୋଡ଼ି ହୋଇଥିଲା । ସେହିବର୍ଷ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସବ୍-ଜୁନିୟର ଏକାଡେମୀ ଜାତୀୟ ଚାମ୍ପିୟନସିପରେ ବାଳିକା ଦଳ ରୌପ୍ୟ ପଦକ ହାସଲ କରିଥିଲା । ୨୦୨୨ରେ ୬ ଜଣ ବାଳିକା ଜୁନିୟର ଜାତୀୟ ଶିବିରକୁ ମନୋନୀତ ହୋଇଥିଲେ ।



୨୦୨୩ରେ ସୁନ୍ଦରଗଡ଼, ସମ୍ବଲପୁର, ଛତ୍ରପୁର ଓ ଯାଜପୁରରେ ୨୦ଟି ହକି ପ୍ରଶିକ୍ଷଣ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିବାବେଳେ ପରବର୍ତ୍ତୀ ସମୟରେ କଟକ ଓ ଭୁବନେଶ୍ୱରରେ ଆଉ ଦୁଇଟି କେନ୍ଦ୍ର ଆରମ୍ଭ ହୋଇଥିଲା । ଏହି କେନ୍ଦ୍ରରୁ ଏଯାବତ୍ ୨୨ ଜଣ ପ୍ରଶିକ୍ଷାର୍ଥୀ ଜୁନିୟର ହକି ଇଣ୍ଡିଆ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧୧ ଜଣ ବାଳକ ଓ ୧୧ ଜଣ ବାଳିକା ରହିଛନ୍ତ । ହକି ଇଣ୍ଡିଆ ଲିଗର ପୁନଃଆରମ୍ଭ ପରଠାରୁ ଗତ ଦୁଇ ବର୍ଷ ମଧ୍ୟରେ ୧୫ ଜଣ ବାଳକ ଓ ୬ ଜଣ ବାଳିକା ବିଭିନ୍ନ ଫ୍ରାଞ୍ଚାଇଜି ଦଳରେ ଖେଳିବାର ସୁଯୋଗ ପାଇଛନ୍ତି । ଏଥିସହ ୨୩ ଜଣ ଖେଳାଳି ଦେଶର ବିଭିନ୍ନ ବିଭାଗରେ ନିଯୁକ୍ତି ସୁଯୋଗ ପାଇଥିବାବେଳେ ୨୦୨୦ରୁ ୨୯୦ ଜଣ ଖେଳାଳି ବିଭିନ୍ନ କ୍ରୀଡ଼ା ଛାତ୍ରାବାସକୁ ମନୋନୀତ ହୋଇଛନ୍ତ ।ପ୍ରତିଯୋଗିତା କ୍ଷେତ୍ରରେ ମଧ୍ୟ ଓଏନଟିଏଚଏଚପିସିର ଖେଳାଳିମାନେ ସଫଳତା ହାସଲ କରିଛନ୍ତି । ୧୪ ବର୍ଷରୁ କମ୍ ବୟସର ବାଳକ ଦଳ ୨୦୨୫ ଓ ୨୦୨୬ରେ ଲଗାତାର ଅଲ୍ ଇଣ୍ଡିଆ କେ.ଡି. ସିଂହ ବାବୁ ଟୁର୍ଣ୍ଣାମେଣ୍ଟ ଜିତିଛନ୍ତି । ସେହିପରି ୨୦୨୫ରେ ଏସଏନବି ଟୁର୍ଣ୍ଣାମେଣ୍ଟରେ ମିଳିତ ୧୬ ବର୍ଷରୁ କମ୍ ବୟସର ବାଳକ ଦଳ ଉପବିଜେତା ହୋଇଥିଲା । ହକି ଇଣ୍ଡିଆ ଜୁନିୟର ମହିଳା ଏକାଡେମୀ ଚାମ୍ପିୟନସପରେ ମଧ୍ୟ ଦଳ ୨୦୨୫ ଓ ୨୦୨୬ରେ ଲଗାତର ଚାମ୍ପିୟନ ହୋଇଛି ।ଅନ୍ୟପକ୍ଷରେ, ତାମିଲନାଡୁର କୋଏମ୍ବାଟୁରଠାରେ ଆୟୋଜିତ ୧୬ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚାମ୍ପିୟନସିପ୍ ୨୦୨୬ରେ ଓଡ଼ିଶାର ଟାଇଟଲ୍ ବିଜୟୀ ଅଭିଯାନରେ ଓଏନଟିଏଚଏଚପିସିର ୯ ଜଣ ପ୍ରଶିକ୍ଷାର୍ଥୀ ଏବଂ ୩ ଜଣ ପ୍ରଶିକ୍ଷକ ଓ ସହାୟକ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ଖେଳାଳିଙ୍କ ବୟସ ଓ ଦକ୍ଷତା ଅନୁଯାୟୀ ପ୍ରଶିକ୍ଷଣ ବ୍ୟବସ୍ଥାକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ୮ରୁ ୧୬ ବର୍ଷ ବୟସର ଖେଳାଳିଙ୍କୁ ତୃଣମୂଳସ୍ତରରେ ପ୍ରଶିକ୍ଷଣ ଦିଆଯାଉଥିବାବେଳେ ୧୬ରୁ ୧୯ ବର୍ଷ ବୟସର ମନୋନୀତ ଖେଳାଳିଙ୍କୁ ଉଚ୍ଚମାନର ଆବାସିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏଥିରେ ବୈଷୟିକ, ରଣନୈତିକ, ଶାରୀରିକ ଓ ବୈଜ୍ଞାନିକ ଦକ୍ଷତା ବିକାଶ ସହ ବିଭିନ୍ନ ପ୍ରତିଯୋଗିତା, ପ୍ରଶିକ୍ଷଣ ଶିବିର ଓ କର୍ମଶାଳାରେ ଅଂଶଗ୍ରହଣର ସୁଯୋଗ ମିଳୁଛି । ପ୍ରଶିକ୍ଷଣର ଶେଷ ପର୍ଯ୍ୟାୟରେ ଖେଳାଳିମାନେ ଭାରତୀୟ ଜାତୀୟ ଶିବିର, କ୍ରୀଡ଼ା କୋଟାରେ ନିଯୁକ୍ତି ଏବଂ ସିନିୟର ବର୍ଗରେ ଖେଳିବା ଭଳି ସୁଯୋଗ ପାଇପାରୁଛନ୍ତି । ଏହିଭଳି ଭାବେ ତୃଣମୂଳସ୍ତରରୁ ଜାତୀୟ ଓ ବୃତ୍ତିଗତ ସ୍ତର ପର୍ଯ୍ୟନ୍ତ ଖେଳାଳିଙ୍କୁ ଆଗେଇ ନେବାରେ ଓଏନଟିଏଚଏଚପିସି ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି ।



ରଣଜିତଙ୍କୁ ଆଇରନମ୍ୟାନ ଉପାଧି

ଭୁବନେଶ୍ୱର,୩୦।୧୦(ସବ୍ୟୁ): ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ନିରନ୍ତର ଅଭ୍ୟାସ ଆଗରେ ବୟସ ଯେ ହାର ମାନେ, ତାହା ପ୍ରମାଣିତ କରିଛନ୍ତି ଓଡ଼ିଶାର ରଣଜିତ କୁମାର ସାହୁ। ଜର୍ମାନୀରେ ଆୟୋଜିତ ଆନ୍ତର୍ଜାତୀୟ ଆଇରନମ୍ୟାନ୍ ଟ୍ରାଏଥଲନ୍ ପ୍ରତିଯୋଗିତା ସଫଳତାର ସହ ଶେଷ କରି ସେ ଏହି ସମ୍ମାନଜନକ ଉପାଧି ହାସଲ କରିଛନ୍ତି। ୪୮ ବର୍ଷ ବୟସରେ ତାଙ୍କର ଏହି ସଫଳତା ରାଜ୍ୟ ପାଇଁ ଗର୍ବର ବିଷୟ ହୋଇଛି। ରଣଜିତଙ୍କ ଏହି ସଫଳତା ପଛରେ ରହିଛି ଦୀର୍ଘଦିନର ପ୍ରସ୍ତୁତି, ଶୃଙ୍ଖଳିତ ଜୀବନଶୈଳୀ ଓ ଶାରୀରିକ ସକ୍ଷମତା ବଜାୟ ରଖିବାର ନିରନ୍ତର ପ୍ରୟାସ। ଆଇରନମ୍ୟାନ୍ ଟ୍ରାଏଥଲନ୍ ଏକ କଠିନ ଧୈର୍ଯ୍ୟ ଓ ସହନଶକ୍ତିର ପରୀକ୍ଷା। ଏଥିରେ ଗୋଟିଏ ପରେ ଗୋଟିଏ ତିନୋଟି ଭିନ୍ନ ଶାରୀରିକ ଚ୍ୟାଲେଞ୍ଜକୁ ସଫଳତାର ସହ ପୂରଣ କରିବାକୁ ପଡ଼ିଥାଏ। ତେଣୁ ଏହି ଉପାଧି ହାସଲ କରିବା ପାଇଁ ଶାରୀରିକ ଦକ୍ଷତା ସହ ମାନସିକ ଦୃଢ଼ତା ମଧ୍ୟ ଅତ୍ୟନ୍ତ ଜରୁରୀ। ରଣଜିତ ଏହା



ପୂର୍ବରୁ ମଧ୍ୟ ଏକାଧିକ ଆନ୍ତର୍ଜାତୀୟ ଓ ଜାତୀୟ ଟ୍ରାଏଥଲନ୍ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ୨୦୨୪ରେ ଜର୍ମାନୀରେ ଆୟୋଜିତ ଆଇରନମ୍ୟାନ୍ ଟ୍ରାଏଥଲନରେ ସେ ୧୪ ଘଣ୍ଟା ୩ ମିନିଟ୍ ୩୭ ସେକେଣ୍ଡରେ ନିଜର ଇଭେଣ୍ଟ ସମ୍ପୂର୍ଣ୍ଣ କରିଥିଲେ। ଏହି ପ୍ରଦର୍ଶନ ତାଙ୍କୁ ଆଇରନମ୍ୟାନ୍ ଉପାଧି ହାସଲ କରିବାରେ ସହାୟକ ହୋଇଥିଲା। ତାଙ୍କର କ୍ରୀଡ଼ା ଯାତ୍ରା କେବଳ ଜର୍ମାନୀର ସଫଳତାରେ ସୀମିତ ନୁହେଁ। ପୂର୍ବରୁ ଅନ୍ୟାନ୍ୟ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ମଧ୍ୟ ସେ ଭାଗ ନେଇଛନ୍ତି। ଏହି ଅଭିଜ୍ଞତା ତାଙ୍କୁ ଅଧିକ ଦୃଢ଼ କରିବା ସହ ଦୀର୍ଘଦୂର ଦୌଡ଼ ଓ ସହନଶକ୍ତିଭିତ୍ତିକ କ୍ରୀଡ଼ାରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି।

ରଣଜିତଙ୍କ ସଫଳତା ଯୁବପିଢ଼ିଙ୍କ ସହ ମଧ୍ୟବୟସ୍କ ଲୋକଙ୍କ ପାଇଁ ଏକ ପ୍ରେରଣା। ନିୟମିତ ବ୍ୟାୟାମ, ଶୃଙ୍ଖଳିତ ଜୀବନଶୈଳୀ ଓ ଲକ୍ଷ୍ୟ ପ୍ରତି ନିଷ୍ଠା ରହିଲେ ଯେକୌଣସି ବୟସରେ ବଡ଼ ସଫଳତା ହାସଲ କରିହେବ, ତାହା ସେ ଦେଖାଇଛନ୍ତି। ତାଙ୍କର ଏହି ଆନ୍ତର୍ଜାତୀୟ ସଫଳତା ଓଡ଼ିଶାରେ ଟ୍ରାଏଥଲନ୍ ଓ ଫିଟନେସ୍ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବାରେ ସହାୟକ ହେବ ବୋଲି ଆଶା କରାଯାଉଛି।







Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି